

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୧ ଜାନୁଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 21 JANUARY 2023
Vol.No. 34 ■ No. 20 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଜଳକୁ ଅସ୍ତ୍ର କରିବାକୁ ଜିନପିଙ୍ଗଙ୍କ ଷଡଯନ୍ତ୍ର



ନୂଆଦିଲ୍ଲୀ,୨୦/୦୧ : ଯେତେ ବୁଦ୍ଧି ଶିଖିଲେ ବି ଚେତୁନି ଚୀନ୍ । ବରଂ ଭାରତ ବିରୋଧରେ ଗୋଟିଏ ପରେ ଗୋଟିଏ ଷଡ଼ଯନ୍ତ୍ର କରି ଚାଲିଛି । ସୀମାରେ ଭାରତୀୟ ସେନା ଚୀନର ପିଏଲଏକୁ ବାରମ୍ବାର କଡ଼ା ଜବାବ ଦେଉଛି । ଫଳରେ ହତୋତ୍ସାହ ହୋଇପଡ଼ିଛନ୍ତି ଜିନପିଙ୍ଗ ସରକାର । ଯାହାକୁ ନେଇ ଏବେ ଜଳକୁ ଅସ୍ତ୍ର କରି ଭାରତ ବିରୋଧରେ ଜଳଯୁଦ୍ଧ କରିବାକୁ ଯୋଜନା ରଚିଛି ଡ୍ରାଗନ । ପୁଣି ଥରେ ସାମ୍ନାକୁ ଆସିଛି ସଇତାନ ଚୀନର ନୂଆ ଚାଲ । ଭାରତୀୟ ସେନା ଠାରୁ ସୀମାରେ ବାରମ୍ବାର ଟକ୍କର ପାଇବା ପରେ ଜଳକୁ ଅସ୍ତ୍ର କରିବାକୁ ନୂଆ ଷଡଯନ୍ତ୍ର କରିଛନ୍ତି ଜିନପିଙ୍ଗ ସରକାର । ସୂଚନା ମିଳିଛି ବ୍ରହ୍ମପୁତ୍ର ନଦୀରେ ଏକ ବୃହତ ଜଳ ବିଦ୍ୟୁତ ପ୍ରକଳ୍ପ କରି ଭାରତକୁ ଅଡୁଆରେ ପକାଇବାକୁ ଷଡ଼ଯନ୍ତ୍ର ରଚୁଛନ୍ତି ଚୀନ । ଅରୁଣାଚଳ ପ୍ରଦେଶ ପାଖରେ ମେଡୋଗ ସୀମାରେ ଚୀନ ଏକ ଡ୍ୟାମ୍ ନିର୍ମାଣ କରୁଛି । ଯାହା ଭାରତ ପାଇଁ ସମସ୍ୟା ସୃଷ୍ଟି କରିପାରେ । ବ୍ରହ୍ମପୁତ୍ର ନଦୀ ଉଭୟ ଭାରତ ଓ ଚୀନରେ ପ୍ରବାହିତ ହୁଏ । ନଦୀର ଉପରମୁଣ୍ଡ ଚୀନ ଅଧିକୃତ ତିବ୍ବତରେ ରହିଛି ଆଉ ଏହା ଭାରତ ଓ ବାଙ୍ଗାଲଦେଶ ଦେଇ ସମୁଦ୍ରରେ ମିଶିଛି । ଭାରତକୁ ହଇରାଣ କରିବା ପାଇଁ ଚୀନ ଏଭଳି ଷଡଯନ୍ତ୍ର କରୁଥିବା ସୂଚନା ମିଳିଛି । ଯଦି ଚୀନର ଏହି ବୃହତ ଜଳ ବିଦ୍ୟୁତ ପ୍ରକଳ୍ପ କାର୍ଯ୍ୟକାରୀ ହୁଏ, ତାହାଲେ ବ୍ରହ୍ମପୁତ୍ର ପାଣିକୁ ନିଜ ଇଚ୍ଛା ମୁତାବକ ପରିଚାଳନା କରିବ ଚୀନ । ଚୀନ୍ ଯେତେବେଳେ ଚାହିଁବ, ଭାରତକୁ ହଇରାଣ କରିବାକୁ ଚେଷ୍ଟା କରିବ । ଯଦି ବ୍ରହ୍ମପୁତ୍ର ଜଳକୁ ଚୀନ୍ ଅନ୍ୟତ୍ର ପଠାଇବ, ତାହେଲେ ଭାରତର ସୀମାବର୍ତ୍ତୀ ରାଜ୍ୟ ପ୍ରଭାବିତ ହେବ । ଅନ୍ୟପଟେ ଚୀନ୍ ଯଦି ଅଧିକ ଜଳ ନିଷ୍କାସନ କରେ, ତା ମଧ୍ୟ ଭାରତ ପାଇଁ ବିପଦ ପାଲଟିଯିବ । ବ୍ରହ୍ମପୁତ୍ର ନଦୀରେ ହଠାତ୍ ପାଣି ମାଡ଼ିଆସିଲେ, ଆସାମ ଓ ଅରୁଣାଚଳରେ ବନ୍ୟା ଦେଖାଦେବ । ଚୀନର ଏଭଳି ଷଡଯନ୍ତ୍ରକୁ ନେଇ ଭାରତ ମଧ୍ୟ ଏହି ବିପଦ ପ୍ରତି ସତର୍କ ରହିଛି । ଅରୁଣାଚଳ ପ୍ରଦେଶରେ ଦେଶର ସବୁଠୁ ବଡ ମେଗାୱାଟ ଜଳବିଦ୍ୟୁତ ପ୍ରକଳ୍ପ କରୁଛି ଭାରତ । ଅପର୍ ସୁବାଂସିରି ନଦୀ ଉପରେ ୧୧ ହଜାର ମେଗାୱାଟ୍ର ଜଳବିଦ୍ୟୁତ ପ୍ରକଳ୍ପ କାମ ଚାଲିଛି । ଏହା ବାଦ୍ ଅନ୍ୟ ଦୁଇଟି ପ୍ରକଳ୍ପର ମଧ୍ୟ କାର୍ଯ୍ୟ ଚାଲିଛି । ଚଳିତବର୍ଷ ସୁଦ୍ଧା ଗୋଟିଏ ପ୍ରକଳ୍ପ ଶେଷ ହେବ । ଫଳରେ ଚୀନ୍ ପଟୁ ସମ୍ଭାବ୍ୟ ବିପଦର ମୁକାବିଲା ସହଜ ହୋଇ ପାରିବ ।

## ପୁଣି ଥରେ ପରମାଣୁ ଚେତାବନୀ ଦେଲା ଋଷ୍



ନୂଆଦିଲ୍ଲୀ,୨୦/୦୧ : ୟୁକ୍ରେନ ଉପରେ ରୁଷ୍ ଆକ୍ରମଣ କରିବା ୧୧ ମାସରେ ପହଞ୍ଚିଛି । ଏବେ ବି ଘମାଘୋଟ ଲଢ଼େଇ ଚାଲିଛି । କେତେବେଳେ ପ୍ରଚଣ୍ଡ ଆକ୍ରମଣ କରି ଋଷ ସେନା ୟୁକ୍ରେନ ଅଞ୍ଚଳ ଦଖଲ କରିନେଉଛନ୍ତି, ପୁଣି କେତେବେଳେ ୟୁକ୍ରେନ ସେନା ଏହି ଅଞ୍ଚଳକୁ ପୁଟିନ୍ ସେନା ହାତରୁ ଛଡ଼ାଇ ଆଣୁଛନ୍ତି । ହେଲେ ଯୁଦ୍ଧ ଦିନକୁ ଦିନ ଭୟଙ୍କର ହେବାରେ ଲାଗିଛି । ନିକଟରେ ଖବର ପ୍ରକାଶ ପାଇଥିଲା ଯେ, କ୍ରିମିଆକୁ ଋଷ ଠାରୁ ଛଡ଼ାଇ ଆଣିବାକୁ ଯୋଜନା ପ୍ରସ୍ତୁତ କରିଛି ୟୁକ୍ରେନ, ଆଉ ଏଥିପାଇଁ ୟୁକ୍ରେନକୁ ଅଧିକ ମାରାତ୍ମକ ଓ ଘାତକ ଅସ୍ତ୍ର ଯୋଗାଇଦେବାକୁ ଆମେରିକା ଓ ନାଟୋ ଦେଶମାନେ ପ୍ରତିଶ୍ରୁତି ଦେଇଥିବା କୁହାଯାଉଛି । ସେପଟେ ଋଷ ମଧ୍ୟ କଡ଼ା ଚେତାବନୀ ଦେଇଛି । ଆବଶ୍ୟକ ପଡ଼ିଲେ ପରମାଣୁ ଅସ୍ତ୍ର ପ୍ରୟୋଗ କରିବାକୁ ଋଷ ପଛାଇବ ନାହିଁ ବୋଲି ପୁଟିନଙ୍କ ଘନିଷ୍ଠ ସହଯୋଗୀ ତଥା ପୂର୍ବତନ ରାଷ୍ଟ୍ରପତି ଦିମିତ୍ରି ମେଦଭେଦଭ୍ ।

## ଅଧିକାରୀଙ୍କ ଉପରେ ବର୍ଷିଲେ ବଲାଙ୍ଗିର ସାଂସଦ

ଭୁବନେଶ୍ୱର,୨୦/୦୧ (ନି.ପ୍ର): ବଢୁଛି ପ୍ରଶାସନିକ ଅଧିକାରୀ ଓ ନେତାଙ୍କ ମଧ୍ୟରେ ବିବାଦ । ସନ୍ତୋଷ ସିଂ ସାଲୁଜା ଓ କନକ ବର୍ଦ୍ଧନଙ୍କ ପରେ ମୁହାଁମୁହିଁ ହୋଇଛନ୍ତି ବାଲଙ୍ଗୀର ସାଂସଦ ଓ ପ୍ରଶାସନିକ ଅଧିକାରୀ । ଜିଲ୍ଲା ପିଡି ଡିଆରଡିଏ ସୁଶାନ୍ତ କୁମାର ସିଂଙ୍କ ଉପରେ ବର୍ଷିଛନ୍ତି ବଲାଙ୍ଗିର ସାଂସଦ । ଖବର ଅନୁସାରେ, ବଲାଙ୍ଗୀରରେ କେନ୍ଦ୍ରୀୟ ଯୋଜନାର ସମୀକ୍ଷା ପାଇଁ ଦିଶା ବୈଠକ ଡକାଯାଇଥିଲା । ପ୍ରତିଥର ଭଳି ଡିଆରଡିଏ କନଫରେନ୍ସ ହଲରେ ବୈଠକ ହେବାର ଥିଲା । କିନ୍ତୁ ସ୍ଥାନ ପରିବର୍ତ୍ତନ କରାଯାଇ ପଞ୍ଚାୟତ ସାଧନ କେନ୍ଦ୍ରରେ ବୈଠକ ରଖାଯାଇଥିଲା । ସାଂସଦ ପହଞ୍ଚିବାବେଳେ ଜିଲ୍ଲାପାଳ ଅନୁପସ୍ଥିତ ଥିଲେ । ସମାଧାନ ଲାଗି ବଲାଙ୍ଗୀରରେ ବୈଠକର ସ୍ଥାନ ପରିବର୍ତ୍ତନ ଏବଂ ଜିଲ୍ଲାପାଳଙ୍କ ଅନୁପସ୍ଥିତିକ ନେଇ ହଠାତ୍ ବିଗିଡି ଯାଇଥିଲେ ସାଂସଦ । ବଲାଙ୍ଗୀରରେ ୧୦ ଦିନ ମଧ୍ୟରେ ଏଭଳି ୩ ବିବାଦ ସାମ୍ନାକୁ ଆସିଛି । ୧୨ ତାରିଖରେ ବଲାଙ୍ଗୀର ଜିଲ୍ଲାପାଳ ଓ କଂଟାବାଂଜି ବିଧାୟକ ମୁହାଁମୁହିଁ ହୋଇଥିଲେ । କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ବ୍ଲକଗୁଡିକୁ ଆସୁଥିବା ବିଭିନ୍ନ ଯୋଜନାର ଅନୁଦାନ କାହିଁକି କଟାଯାଉଛି ବୋଲି ପଚାରିବା ସହ ଜିଲ୍ଲାପାଳଙ୍କ ଟାର୍ଗେଟ କରି ହଙ୍ଗାମା କରିଥିଲେ ସନ୍ତୋଷ ସିଂ ସାଲୁଜା । ସେହିଭଳି ୨୦ ତାରିଖରେ ମୁହାଁମୁହିଁ ହୋଇଥିଲେ ବେଲବଡ଼ା ବିଡିଓ ଏବଂ ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂ ଦେଓ । ମନୋମୁଖୀ କାମ ଚଳାଇଥିବା ଅଭିଯୋଗ ଆସିବା ପରେ ବିଡିଓ ଭିକ୍ଟର ସୋରେନ , କନକଙ୍କ ପ୍ରଶ୍ନବାଣରେ ଘାଇଲା ହୋଇଥିଲେ । ରାଜ୍ୟରେ ବିଭିନ୍ନ ସ୍ଥାନରେ ନେତା ଓ ସରକାରୀ କର୍ମଚାରୀ ମୁହାଁମୁହିଁ ହେବା ଘଟଣା ବାରମ୍ବାର ଆସୁଛି । ପ୍ରଶାସନିକ ଅଧିକାରୀ ଜନପ୍ରତିନିଧିଙ୍କ କଥାକୁ ମାନୁନାହାନ୍ତି । ଫଳରେ ବିବାଦ ବଢୁଛି ।

## ବିଜେଡି ବିଧାୟକଙ୍କୁ ଜେରା କଲା ଇଡି

ଭୁବନେଶ୍ୱର,୨୦/୦୧ (ନି.ପ୍ର): ତାଳଚେର ବିଜେଡି ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କୁ ବେଆଇନ ଖଣି କାରବାର ଅଭିଯୋଗରେ ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଜେରା କରିଛି । ଦୀର୍ଘ ୭ ଘଣ୍ଟା ତାଙ୍କୁ ଇଡି ଜେରା କରିଥିଲା । ଇଡି ଅଫିସ୍ ?ରୁ ବାହାରିବା ପରେ ସେ ଗଣାମଧ୍ୟମକୁ କହିଥିଲେ, ଯାହା ତଥ୍ୟ ମଗାଯାଇଥିଲା ଦେଇଛନ୍ତି । ଜେରା ବେଳେ ଇଡି କୌଣସି ପ୍ରକାର ଅସୁବିଧା ସୃଷ୍ଟି କରିନି । ଗତ ୧୭ ତାରିଖରେ ହାଜର ହେବା ପାଇଁ ଇଡି କରିଥିବା ନୋଟିସ୍ ଗତକାଲି ପାଇବା ପରେ ସେ ଆଜି ଆସିଥିଲେ । ଆଉ ଗୋଟିଏ ତାରିଖରେ ଆସିବାକୁ ଇଡି କହିଛି । ଏହା ଖଣି ସମ୍ପର୍କିତ ନୁହେଁ ଓ ଆଗକୁ ମାମଲା ସମ୍ପର୍କରେ ସେ ନିଶ୍ଚୟ କହିବେ ବୋଲି କହିଥିଲେ । ତେବେ ମାମଲା ନେଇ କୌଣସି ପ୍ରକାର ସ୍ୱଷ୍ଟୋକ୍ତି ସେ ରଖି ନ ଥିଲେ । ଓଲଟା ଇଡିକୁ ଏନେଇ ପଚାରିବାକୁ ସେ ଗଣମାଧ୍ୟମକୁ କହିଥିଲେ । ଯାହାକୁ ନେଇ ରହସ୍ୟ ଆହୁରି ବଢ଼ିଛି । ସୂଚନା ଅନୁସାରେ, ପୂର୍ବତନ ସ୍ୱାଧୀନ ବିଧାୟକ ତଥା ଖଣି ଲିଜଧାରୀ ଜିତୁ ପଟ୍ଟନାୟକଙ୍କ ସହ ବ୍ୟବସାୟିକ ସମ୍ପର୍କ ମାମଲାରେ ଶ୍ରୀ ପ୍ରଧାନଙ୍କୁ ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଜେରା କରିଛି । ଜିତୁ ପଟ୍ଟନାୟକଙ୍କ କମ୍ପାନୀ ସହ ବିଧାୟକ ଶ୍ରୀ ପ୍ରଧାନ ଜଡ଼ିତ ତଥା ତାଳଚେରରେ ▶▶ପୃଷ୍ଠା ୭

## କେନ୍ଦ୍ର କ୍ରୀଡ଼ାମନ୍ତ୍ରୀଙ୍କ ସହ ବୈଠକ ପରେ ବି ଥମୁନି କୁସ୍ତିଯୋଦ୍ଧା ବିବାଦ

### ଇସ୍ତଫା ଦେବାକୁ ମନା କଲେ କୁସ୍ତି ମହାସଙ୍ଘ ସଭାପତି ବ୍ରିଜ ଭୂଷଣ ସିଂହ



ନୂଆଦିଲ୍ଲୀ,୨୦/୦୧ : ବିବାଦ ପରେ ବି ବିଜେପିର ବାହୁବଳୀ ସାଂସଦ ବ୍ରିଜଭୂଷଣ ସିଂଙ୍କ ମୁହଁ ଫୁଟାଣି କମିନି । ସେ କହିଛନ୍ତି, କାହା ଦୟାରେ ସେ କୁସ୍ତି ମହାସଂଘର ସଭାପତି ହୋଇନାହାନ୍ତି । ତେଣୁ ପଦ ଛାଡିବାର ପ୍ରଶ୍ନ ଉଠୁନାହିଁ ବୋଲି କହିଛନ୍ତି ବ୍ରିଜ ଭୂଷଣ ସିଂ । ଅପରାଧୀର ଟ୍ୟାଗ ନେଇ ସେ ଇସ୍ତଫା ଦେବାକୁ ରାଜି ନୁହଁନ୍ତି ବୋଲି କହିଛନ୍ତି । ଦେଶର ଭିନେଶ ଫୋଗଟଙ୍କ ସମେତ ଦେଶର ବଡ ବଡ କୁସ୍ତି ଯୋଦ୍ଧା କୁସ୍ତି ମହାସଂଘର ସଭାପତିଙ୍କ ବିରୋଧରେ ଯୌନଶୋଷଣ ଓ ମାରପିଟ ଭଳି ଅଭିଯୋଗ ଆଣିଥିଲେ । ଆଉ ବ୍ରିଜ ଭୂଷଣଙ୍କ ଇସ୍ତଫା ଦାବିରେ ତିନି ଦିନ ହେଲା ଦିଲ୍ଲୀର ଜନ୍ତରମନ୍ତରରେ କୁସ୍ତି ଯୋଦ୍ଧାଙ୍କ ଧାରଣା ଜାରି ରହିଛି । ବହୁ କ୍ରୀଡାବିତ ଏକାଠି ହୋଇ ଭାରତୀୟ କୁସ୍ତି ମହାସଂଘରେ ଚାଲିଥିବା ଯୌନ ଶୋଷଣ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ଏସବୁ ଭିତରେ ଆଜି ପ୍ରେସମିଟ କରି ନିଜ ପକ୍ଷ ରଖିବେ ବୋଲି କହିଛନ୍ତି ବ୍ରିଜ ଭୂଷଣ ସିଂହ ।

## ଆବାସ ଯୋଜନା ନେଇ ହିତାଧିକାରୀଙ୍କ ଅବସୋସ : ତାଲିକାରେ ଅଛି ଅଯୋଗ୍ୟ ହିତାଧିକାରୀଙ୍କ ନାଁ

ଭୁବନେଶ୍ୱର,୨୦/୦୧ (ନି.ପ୍ର): ଆବାସ ଯୋଜନା ନେଇ ଲୋକଙ୍କ ଅବଶୋଷ । ଧନୀକୁ ମିଳୁଛି ଘର ହେଲେ ଗରିବକୁ ନାହିଁ । ଭଙ୍ଗା ରୁଜା ଘରେ ଜରିଟଣା ଘରେ ରହି ଦହଗଞ୍ଜ ହେଉଛି ଗରିବଟିଏ । ସରକାରଙ୍କ ପକ୍ଷରୁ ଆବାସ ଯୋଜନା ଥାଇ ବି ଲୋକେ ବାସହରା । ଏନେଇ ବିଭିନ୍ନ ସ୍ଥାନରେ ତେଜୁଛି ଅସନ୍ତୋଷ । ଘର ଖଣ୍ଡିଏ ପାଇବାକୁ ଅସ୍ତରଙ୍ଗର ବହୁ ହିତାଧିକାରୀ ଚାହିଁ ବସିଥିଲେ । ହେଲେ ତାଲିକାରେ ସେମାନଙ୍କ ନାଁ ନାହିଁ । ଅଯୋଗ୍ୟ ହିତାଧିକାରୀଙ୍କ ନାଁ ଅଛି ଆଉ ବାଦ୍ ପଡିଛନ୍ତି ଯୋଗ୍ୟ । ଗାଁର ବହୁ ଅସହାୟ ରହିଛନ୍ତି । ସେମାନଙ୍କ ନାଁ ଅଛି ଘର ନା ପରିବାର । କିଛି ଲୋକ ମଜୁରୀ ଲାଗିଲେ ଘରେ ତାଙ୍କର ଚୂଲି ଜଳୁଛି । ଗାଁର ଆଉ କିଛି ଲୋକ ବି ରହିଛନ୍ତି ଫନି ବାତ୍ୟାରେ ଘରଦ୍ୱାର ସବୁ ହରାଇଛନ୍ତି । ଏବେ ଜରିପାଲ ଟାଣି ରହୁଥିବା ବେଳେ ଘର ଘର ବୁଲି ଭିକ୍ଷା ମାଗି ଚଳୁଛନ୍ତି । କିଛି ଲୋକ ଏପର୍ଯ୍ୟନ୍ତ ଗାଁ ଅଙ୍ଗନୱାଡି ଘରେ ଆଶ୍ରୟ ନେଇଛନ୍ତି । ସମସ୍ତଙ୍କ ମନରେ ସେହି ଗୋଟିଏ ଆଶା । ଘର ତାଲିକାରେ ତାଙ୍କ ନାଁ ଆସିବ । ହେଲେ ତାଲିକା ବାହାରିଲା ସତ କିନ୍ତୁ ସେଥିରେ ରହିଛି ଅଯୋଗ୍ୟ ହିତାଧିକାରୀଙ୍କ ନାଁ ।

## ବିବିସି ଡକ୍ୟୁମେଂଟାରୀରେ ମୋଦୀଙ୍କୁ ନିନ୍ଦା !



ନୂଆଦିଲ୍ଲୀ,୨୦/୦୧ : ବିବିସି ଡକ୍ୟୁମେଂଟାରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିନ୍ଦା । ୨୦୦୨ ଗୁଜରାଟ ଦଙ୍ଗାକୁ ନେଇ ଅନ୍ତର୍ଜାତୀୟ ଗଣମାଧ୍ୟମ କରିଥିବା ଡକ୍ୟୁମେଂଟାରୀରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅପପ୍ରଚାର କରାଯାଇଥିବା କହିଛି ଭାରତ ବୈଦେଶିକ ମନ୍ତ୍ରାଳୟ । ଆଉ ଏହି ଡକ୍ୟୁମେଂଟାରୀ ଭାରତ ବିରୋଧରେ ଏକ ବଡ ପ୍ରୋପାଗଣ୍ଡା ବୋଲି କହିଛି ବୈଦେଶିକ ମନ୍ତ୍ରାଳୟ । ୨୦୦୨ ଗୁଜରାଟ ଦଙ୍ଗାକୁ ନେଇ ଅନ୍ତର୍ଜାତୀୟ ଗଣମାଧ୍ୟମ ସଂସ୍ଥା ବିବିସି କରିଥିବା ଡକ୍ୟୁମେଂଟାରୀ ଭାରତ ବିରୋଧରେ ପ୍ରୋପାଗଣ୍ଡା ବୋଲି କହିଲା ବୈଦେଶିକ ମନ୍ତ୍ରାଳୟ । ବୈଦେଶିକ ମନ୍ତ୍ରାଳୟ ମୁଖପାତ୍ର ଅରିନ୍ଦମ୍ ବାଗ୍ଚି କହିଛନ୍ତି ଏଭଳି ଡକ୍ୟୁମେଂଟାରୀ ପଛରେ କଣ ଏଜେଣ୍ଡା ରହିଛି, ସେ କଥା ଜଣା ନାହିଁ । ▶▶ପୃଷ୍ଠା ୭

## ପତ୍ନୀଙ୍କ ସମସ୍ତ ଅଭିଯୋଗକୁ ପୁଣିଥରେ ଖଣ୍ଡନ କଲେ ହ୍ୟୁମାନ




ଭୁବନେଶ୍ୱର,୨୦/୦୧ (ନି.ପ୍ର): ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଓ ତାଙ୍କ ପତ୍ନୀ ଶ୍ରେୟାଙ୍କ ମଧ୍ୟରେ ଚାଲିଥିବା ବିବାଦ କେଉଁ ମୋଡ଼ ନେଉଛି, ତା ଉପରେ ରହିଛି ସମସ୍ତଙ୍କ ନଜର । ଆଉ ଏହାରି ଭିତରେ ପୁଣି ଥରେ ପତ୍ନୀ ଶ୍ରେୟାଙ୍କ ଅଭିଯୋଗକୁ ମିଛ ବୋଲି କହିଛନ୍ତି ହ୍ୟୁମାନ୍ । କନକ ନ୍ୟୁଜକୁ ସ୍ୱତନ୍ତ୍ର ସାକ୍ଷାତକାର ଦେଇ କହିଛନ୍ତି, ଶ୍ରେୟାଙ୍କୁ ସେ ସବୁ ଟଙ୍କା ପଇସା ରଖିବାକୁ ଦେଉଥିଲେ, କିନ୍ତୁ ହିସାବ ମାଗିବାରୁ ଶ୍ରେୟା ତାହା ଦେଇପାରିନଥିଲେ । ଦୁହିଁଙ୍କ ମଧ୍ୟରେ ଏହା ମନାନ୍ତରର କାରଣ ହୋଇପାରେ ବୋଲି କହିଛନ୍ତି ହ୍ୟୁମାନ୍ । ଗୋଟିଏ ପଟେ, ରାତିରେ ହ୍ୟୁମାନ ମଦ ପିଇ ପତ୍ନୀଙ୍କୁ ମାଡ ମାରୁଥିଲେ ଓ ସକାଳେ ଏଥିଲାଗି କ୍ଷମା ମାଗୁଥିଲେ ବୋଲି ଅଭିଯୋଗ ରହିଥିବା ବେଳେ ବୋହୂ ମଦ ଖାଉଥିବା ନେଇ ହ୍ୟୁମାନ ସାଗରଙ୍କ ମାଆ ଯେଉଁ ଅଭିଯୋଗ ଆଣିଛନ୍ତି, ତାକୁ ସମର୍ଥନ କରିଛନ୍ତି ହ୍ୟୁମାନ । ପତ୍ନୀଙ୍କୁ ନିର୍ଯାତନା,ଧର୍ମାନ୍ତରଣ ପାଇଁ ଚାପ ପକାଇବା ଭଳି ଯେତେ ଅଭିଯୋଗ ରହିଛି, ସବୁକିଛି ଖଣ୍ଡନ କରିଛନ୍ତି । ୮ ବର୍ଷ ଧରି ପତ୍ନୀଙ୍କୁ ଭଲରେ ରଖିଥିଲେ ବୋଲି କହିଛନ୍ତି ହ୍ୟୁମାନ ସାଗର । ଯୌତୁକ ଦାବି ଅଭିଯୋଗକୁ ମଧ ସେ ବାଏଁ ବାଏଁ ଉଡାଇ ଦେଇଛନ୍ତି । ସବୁ ଅଭିଯୋଗକୁ ମିଛ ବୋଲି ହ୍ୟୁମାନ କହୁଥିବା ବେଳେ ପରକିୟା ପ୍ରୀତି ଓ ନିର୍ଯାତନାର ଅଭିଯୋଗ ଦୋହରାଇଛନ୍ତି ଶ୍ରେୟାଙ୍କ ଓକିଲ । ସେ କହିଛନ୍ତି, ସ୍ୱାମୀଙ୍କ ବିରୋଧରେ କେହି ମିଛରେ ଅଭିଯୋଗ ଆଣନ୍ତି ନାହିଁ । ପରକିୟା ପ୍ରୀତି ସମ୍ପର୍କରେ ହ୍ୟୁମାନଙ୍କ ପରିବାର ଲୋକ ଜାଣିଛନ୍ତି ବୋଲି କହିଛନ୍ତି ଶ୍ରେୟାଙ୍କ ଓକିଲ । ▶▶ପୃଷ୍ଠା ୭

## ୨୦ଟି ସ୍ଥାନରେ ପତାକା ଉତ୍ତୋଳନ କରିବେ ମନ୍ତ୍ରୀ

ଭୁବନେଶ୍ୱର,୨୦/୦୧ (ନି.ପ୍ର): ଆଗାମୀ ସାଧାରଣତନ୍ତ୍ର ଦିବସ ଅବସରରେ କିଏ କେଉଁଠି ପତାକା ଉତୋଳନ କରିବେ ସେ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆ ଯାଇଛି । ରାଜ୍ୟରେ ୨୦ଟି ସ୍ଥାନରେ ମନ୍ତ୍ରୀ ମାନେ ପତାକା ଉତୋଳନ କରୁଥିବା ବେଳେ ବଳକା ସ୍ଥାନ ମାନଙ୍କରେ ଆରଡିସି ଓ ଜିଲ୍ଲାପାଳ ମାନେ ପତାକା ଉତୋଳନ କରିବେ ବୋଲି ସୂଚନା ଦିଆ ଯାଇଛି । ମିଳିଥିବା ସୂଚନା ଅନୁସାରେ ଅନୁସୂଚିତ ଜାତି-ଜନଜାତି କଲ୍ୟାଣ, ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଗଜପତି ଜିଲ୍ଲାରେ ପତାକା ଉତୋଳନ କରିବେ । ସେହିପରି ଅର୍ଥ ମନ୍ତ୍ରୀ ନିରଂଜନ ପୁଜାରୀ କଟକ ଜିଲ୍ଲାରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗଂଜାମ ଜିଲ୍ଲାରେ, ପଂଚାୟତିରାଜ, ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ସୁବର୍ଣ୍ଣପୁରରେ ପତାକା ଉତୋଳନ କାର୍ଯ୍ୟକ୍ରମରେ ଯୋଗ ଦେବେ । ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲିକ ଜଗତସିଂହପୁର ଜିଲ୍ଲାରେ, ନଗର ଉନ୍ନୟନ ଓ ଗୃହ ନିର୍ମାଣ ମନ୍ତ୍ରୀ ଶ୍ରୀମତୀ ଉଷା ଦେବୀ କେନ୍ଦୁଝର ଜିଲ୍ଲାରେ, ଶିକ୍ଷ ମନ୍ତ୍ରୀ ପ୍ରତାପ କେଶରୀ ଦେବ ପୁରୀ ଜିଲ୍ଲାରେ,ଖାଦ୍ୟ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଢେଙ୍କାନାଳ ଜିଲ୍ଲାରେ, ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ କଳାହାଣ୍ଡି ଜିଲ୍ଲାରେ ପତାକା ଉତୋଳନ କରିବେ । ସେହିପରି ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଶ୍ରୀମତୀ ଟୁକୁନୀ ସାହୁ ମାଲକାନଗିରି ଜିଲ୍ଲାରେ, ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ପଣ୍ଡା ମୟୁରଭଂଜ ଜିଲ୍ଲାରେ , ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ବାଲେଶ୍ୱର ଜିଲ୍ଲାରେ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଂଜନ ଘଡାଇ ସୁନ୍ଦରଗଡ ଜିଲ୍ଲାରେ ପତାକା ଉତୋଳନ କରିବେ । ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ କନ୍ଧମାଳ ଜିଲ୍ଲାରେ, ସୂଚନା ପ୍ରଯୁକ୍ତି ଓ କ୍ରୀଡା ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା କୋରାପୁଟ ଜିଲ୍ଲାରେ, ଉଚ୍ଚ ଶିକ୍ଷା ମନ୍ତ୍ରୀ ରୋହିତ ପୁଜାରୀ ବଲାଙ୍ଗିର ଜିଲ୍ଲାରେ, ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ରୀତା ସାହୁ ସମ୍ବଲପୁର ଜିଲ୍ଲାରେ ତଥା ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଦେବଗଡ ଜିଲ୍ଲାରେ ପତାକା ଉତୋଳନ କରିବେ । ସେହିପରି ଦକ୍ଷିଣାଂଚଳ ଆରଡିସି ବ୍ରହ୍ମପୁର ଠାରେ, ଉତରାଂଚଳ ଆରଡିସି ରାଉରକେଲା ଠାରେ ପତାକା ଉତୋଳନ କରିବେ । ଅନୁଗୁଳ, ଭଦ୍ରକ, ବୌଦ୍ଧ, ଯାଜପୁର, ଝାରସୁଗୁଡା, ଖୋର୍ଦ୍ଧା, ନୂଆପଡା, ନବରଂଗପୁର, ନୟାଗଡ ଓ ରାୟଗଡା ଜିଲ୍ଲାରେ ଜିଲ୍ଲାପାଳ ମାନେ ପତାକା ଉତୋଳନ କରିବେ ବୋଲି ସୂଚନା ଦିଆ ଯାଇଛି ।

## ମୋଦି ଓଡ଼ିଶାକୁ ଆବାସ ଯୋଜନାରେ ପର୍ଯ୍ୟାପ୍ତ ଘର ଦେଇଛନ୍ତି, ଯୋଗ୍ୟ ଲୋକଙ୍କୁ ଘର ଦେବାର ଦାୟିତ୍ୱ ରାଜ୍ୟ ସରକାର ନିଅନ୍ତୁ : ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର,୨୦/୦୧ (ନି.ପ୍ର): ମୋଦି ସରକାର ଓଡ଼ିଶାକୁ ପର୍ଯ୍ୟାପ୍ତ ଘର ଦେଇଛନ୍ତି । ତେଣୁ ଓଡ଼ିଶା ସରକାର ଗରିବ ଲୋକଙ୍କ ଉପରେ ଚାପ ନ ପକାଇ ନିଜେ ଦାୟିତ୍ୱ ନିଅନ୍ତୁ ଓ ଆବାସ ତାଲିକାରେ ସାଧୁତା ଅବଲମ୍ବନ କରି ଯୋଗ୍ୟ ହିତାଧିକାରୀଙ୍କ ନାଁ ତାଲିକାରେ ସାମିଲ କରନ୍ତୁ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ନାଁ ଭର୍ତ୍ତି କରିବା ପାଇଁ ଓଡିଶା ପାଇଁ ନିୟମକୁ କୋହଳ କରିଥିବା କାରଣରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେବା ଉଚିତ୍ । ୨୦୧୮ ରୁ ୨୦୧୯ର ଅଧା ସମୟ ପର୍ଯ୍ୟନ୍ତ ଆବାସ ପ୍ଲସ ପୋର୍ଟାଲ ଖୋଲା ହୋଇ ରହିଲା । ସେହି ସମୟରେ ଓଡିଶା ସରକାର ଯୋଗ୍ୟ ହିତାଧିକାରୀମାନଙ୍କ ନାମ ସାମିଲ କଲେ ନାହିଁ । ପରବର୍ତ୍ତୀ ପର୍ଯ୍ୟାୟରେ ବାରମ୍ବାର ଆବାସ ପ୍ଲସ ପୋର୍ଟାଲ ଖୋଲିବା ପାଇଁ ବିଭାଗୀୟ ମନ୍ତ୍ରୀ ଗିରିରାଜ ସିଂହଙ୍କୁ ଅନୁରୋଧ କରାଗଲା । ପିଏମ ଆବାସ ପ୍ଲସ ପୋର୍ଟାଲ ଖୋଲିବା ପରେ ଅତିରିକ୍ତ ୮ ଲକ୍ଷ ଘର ଓ ଫୋନି କ୍ଷତିଗ୍ରସ୍ତଙ୍କୁ ୧.୫ ଲକ୍ଷ ଘର ଅର୍ଥାତ୍ ମୋଟ ସାଢେ ୯ ଲକ୍ଷ ଘର ଓଡ଼ିଶାକୁ ଦିଆଯିବ ବୋଲି ନିଷ୍ପତି ହେଲା । ରାଜ୍ୟରେ ପିଏମ ଆବାସ ଯୋଜନା ନେଇ ବିଭିନ୍ନ ଟିପ୍ପଣୀ ହେବା କାରଣରୁ ସାଢେ ୯ ଲକ୍ଷ ଘର ଯୋଗ୍ୟ ହିତାଧିକାରୀ ମାନଙ୍କୁ ଦେବା ପାଇଁ କେନ୍ଦ୍ର ସରକାର ରଖିଥିବା ସର୍ତ୍ତରେ ରାଜ୍ୟ ସରକାର ସମ୍ମତି ଜଣାଇଥିଲେ । ଆବାସ ତାଲିକାରେ ଅଯୋଗ୍ୟ ହିତାଧିକାରୀଙ୍କ ନାଁ ଭୁଲବଶତଃ ରହିଥିଲେ ଲୋକମାନେ ଅଭିଯୋଗ କରିବା ନେଇ ▶▶ପୃଷ୍ଠା ୭

# ଚଳିତ ମାସ ୨୭ରୁ ୩୧ ପର୍ଯ୍ୟନ୍ତ ଆୟୋଜିତ ହେବ ଶ୍ରୀକ୍ଷେତ୍ର ମହୋତ୍ସବ

ପୁରୀ, ୨୦/୦୧ (ନି.ପ୍ର): ଶ୍ରୀକ୍ଷେତ୍ର ମହୋତ୍ସବ ପୁରୀର ଗର୍ବ ଓ ଗୌରବର ପ୍ରତୀକ। ତେଣୁ ଏହାକୁ ଆକର୍ଷଣୀୟ ଭାବେ ପାଳନ କରିବାକୁ ମତ ପ୍ରକାଶ ପାଇଛି। ବୁଧବାର ସଂଧ୍ୟାରେ ମୋଚି ସାହି ନୂଆ ତୋଟା ଜାଗା ଘର ଠାରେ ଆଗାମୀ ଶ୍ରୀକ୍ଷେତ୍ର ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଶ୍ରୀକ୍ଷେତ୍ର ମହୋତ୍ସବ ପୁରୀ ପାଇଁ ଅନେକ ମାନ୍ୟତା ରଖୁଥିବାରୁ ଓ ଜାଗା ଆଖଡା ମାନଙ୍କର ଦକ୍ଷତା ଓ ପ୍ରଦର୍ଶନ ଏଥିରେ ସାମିଲ ହେଉଥିବାରୁ ଏହାକୁ ଅଧିକ ଲୋକପ୍ରିୟ କରିବାକୁ ମତ ଦେଇଥିଲେ। ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ସମର୍ଥ ବର୍ମା ଶ୍ରୀକ୍ଷେତ୍ର ମହୋତ୍ସବ ପାଳନ ପାଇଁ ଜିଲ୍ଲା ପ୍ରଶାସନ ସମସ୍ତ ସହଯୋଗ କରୁଛନ୍ତି। ଏଥିପାଇଁ ସରକାରଙ୍କୁ ମଧ ସହଯୋଗ ପାଇଁ ଅନୁରୋଧ କରାଯାଇଛି। କଟକ ବାଲିଯାତ୍ରା ଓ ବରଗଡ଼ ଧନୁଯାତ୍ରା ପରି ଏହାକୁ ସରକାରଙ୍କ ବାର୍ଷିକ କ୍ୟାଲେଣ୍ଡରରେ ସାମିଲ ପାଇଁ ସଦସ୍ୟ ମାନଙ୍କ ଦାବି ସମ୍ପର୍କରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ନିଷ୍ପତି ଅନୁସାରେ ଶରଧାବାଲି ଠାରେ ଚଳିତ ମାସ ୨୭ ରୁ ୩୧ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଅନୁଷ୍ଠିତ ହେବ। ପ୍ରଥମ ଦିନ ରାଜ୍ୟପାଳ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ଅନ୍ୟାନ୍ୟ ମାନ୍ୟଗଣ୍ୟ ଓ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ଆମନ୍ତ୍ରଣ କରାଯିବ। ପ୍ରତ୍ୟେକ ସଂଧ୍ୟାରେ ବିଭିନ୍ନ ଜାଗା ଘର ଓ ଆଖଡା ତରଫରୁ ପାରମ୍ପରିକ କଳା ପ୍ରଦର୍ଶନ କରାଯିବା ସହ ରାଜ୍ୟର ବିଭିନ୍ନ ସ୍ଥାନର ଓ ରାଜ୍ୟ ବାହାରର କଳାକାର ମାନଙ୍କ ଦ୍ୱାରା ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉଦଘାଟନ ଦିନ ଅପରାହ୍ନରେ ଏକ ବିରାଟ ପଟୁଆରରେ ଜହ୍ନିମୁଣ୍ଡିଆ ଛକଠାରୁ ସିଂହଦ୍ୱାର ଦେଇ ଶରଧାବାଲି ପର୍ଯ୍ୟନ୍ତ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଶ୍ରୀକ୍ଷେତ୍ର ମହୋତ୍ସବ ସହ ପଲ୍ଲିଶ୍ରୀ ମେଳାର ମଧ ଆୟୋଜନ କରାଯାଇଛି। ଏ ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦାନ ପାଇଁ ଏକାଧିକ ସବ କମିଟି ଗଠନ କରାଯାଇ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ୮ ସାହି ଆଖଡା ସମନ୍ୱୟ ସମିତି ସଭାପତି ବାବାଜୀ ମହାପାତ୍ର, ସମ୍ପାଦକ ତଳଛୁ ନିଳକଣ୍ଠ ମହାପାତ୍ର, ଦୋଳ ମଣ୍ଡପ ସାହି ଆଖଡା ସମ୍ପାଦକ ଓ ମନ୍ଦିର ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡି, ଦୋଳମଣ୍ଡପ ସାହି ଆଖଡା ସଭାପତି ନିରଞ୍ଜନ ସିଂହାରୀ, ମନ୍ଦିର ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ଦାସମହାପାତ୍ର, ଦୂର୍ଗା ଦାସମହାପାତ୍ର, ସମାଜସେବୀ ଚକ୍ରଧର ମହାପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଅନ୍ୟାନ୍ୟ ଜାଗା ଆଖଡାର ସଭାପତି, ସମ୍ପାଦକ ଓ ସଦସ୍ୟ ମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ପୂର୍ବତନ ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ କୁମାର ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ମେଡିସିନ ଷ୍ଟୋର ଓ ପାଥୋଲାବ ଓପରେ ଡ୍ରଗସ୍ ବିଭାଗର ଚଢାଉ

କେନ୍ଦ୍ରାପଡ଼ା, ୨୦/୦୧ (ନି.ପ୍ର): କେନ୍ଦ୍ରାପଡା ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ମେଡିସିନ ଷ୍ଟୋର ଓ ପାଥୋ ଲାବ ଓପରେ ଡ୍ରଗସ୍ ବିଭାଗ ପକ୍ଷରୁ ଚଢଉ କରାଯାଇଛି। ଏହି ଡାକ୍ତରଖାନା ଚତୁଃପାର୍ଶ୍ୱରେ ବହୁ ସଂଖ୍ୟକ ଔଷଧ ଦୋକାନ ଓ ମଳ, ମୁତ୍ର, ରକ୍ତ, ଧାତୁ, କଫ ପ୍ରଭୃତି ପରୀକ୍ଷା ପାଇଁ ପାଥୋ ଲାବ ଗୁଡିକ ଗଢି ଉଠିଥିଲା। ଗୁରୁବାର କେନ୍ଦ୍ରାପଡା ଡ୍ରଗସ୍ ବିଭାଗ ପକ୍ଷରୁ କେତେକ ଦୋକାନ ଉପରେ ଚଢାଉ କରାଯାଇ ସେମାନଙ୍କ କାଗଜପତ୍ର ଓ ବୈଧତା ସଂପର୍କରେ ସରକାରୀ ପ୍ରମାଣପତ୍ର ଇତ୍ୟାଦି ଯାଂଚ କରାଯିବା ସହ ୩ଟି ଦୋକାନକୁ ସିଲ କରାଯାଇ ଥିବାବେଳେ କିଛି ଔଷଧ ଦୋକାନରୁ ବ୍ୟବହାର ତାରିଖ ଅତିକ୍ରମ କରିଥିବା ଔଷଧ ଗୁଡିକୁ ଜବତ କରାଯାଇ ଥିବା ଜଣାପଡିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏଠାରୁ ଶ୍ୟାମଗୁଡିଆକୁ ଉଠିଯିବା ପରେ ଏହାକୁ ନେଇ ୧୭ ତାରିଖରେ କେନ୍ଦ୍ରାପଡା ଟାଉନ ବନ୍ଦ ଡାକରା ଦିଆଯାଇ ଥିଲା। ବିଶେଷକରି ଏଥିରେ ଅତ୍ୟାବଶ୍ୟକୀୟ ସେବା ସଂସ୍ଥାଭାବେ ପରିଗଣିତ ମେଡିସିନ ଷ୍ଟୋର ଓ ପାଥୋ ଲାବ ଗୁଡିକ ଅତ୍ୟଧିକ ଉତ୍ସାହ ଦେଖାଇ ବନ୍ଦରେ ସାମିଲ ରହିଥିଲା। ତେବେ ଏହାକୁ ଆକ୍ରୋଷ ରଖି ଚଢାଉ କରାଯାଇ ଥିବା କେତେକ ଔଷଧ ଦୋକାନୀ ସୂଚନା ଦେଇଛନ୍ତି। ଚଢାଉ ବେଳେ ୨ଟି ପାଥୋଲାବ ଓ ଗୋଟିଏ ଔଷଧ ଦୋକାନକୁ ଡ୍ରଗସ୍ ବିଭାଗ ସିଲ କରି ଦେଇଛି। ପାଥୋଲାବର ଲାଇସେନ୍ସ ଓ ଆବଶ୍ୟକୀୟ କାଗଜପତ୍ର ନଥିବା ବେଳେ ଔଷଧ ଦୋକାନରୁ ବ୍ୟବହାର ତାରିଖ ଅତିକ୍ରମ କରିଥିବା ଔଷଧ ଗୁଡିକ ମିଳିଥିଲା। ଏହା ସହ ପୁରୁଣା ମେଡିକାଲ ନିକଟରେ ଥିବା କେତେକ ନର୍ସିଂହୋମ ଉପରେ ଚଢାଉ କରା୍ଇ ଆବଶ୍ୟକୀୟ କାଗଜପତ୍ର ନଥିବା ଓ ରୋଗୀ ସେବା ଆଳରେ ବ୍ୟାପକ ଅନିୟମିତତା ହେଉଥିବା ଖବର ମିଳିବା ପରେ ଏହାକୁ ସିଲ କରାଯାଇ ଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଚଢାଉ ସମୟରେ ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ତହସିଲଦାର ହେମଲତା ବାହାଲିଆ ଓ ଏସଡିପିଓ ଜୟନ୍ତ ମହାପାତ୍ର ସମେତ ଡ୍ରଗସ୍ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ତେଲିଆରେ ଭଲି ବଲ୍ ମ୍ୟାଚ୍ ଅନୁଷ୍ଠିତ

ଜୟପୁର, ୨୦/୦୧ (ନି.ପ୍ର): ରାଜ୍ୟରେ ଆୟୋଜନ ହୋଇଥିବା ହକି ବିଶ୍ୱକପକୁ ନଜରରେ ରଖି ପ୍ରତି ପଂଚାୟତରେ ଖେଳକୁଦ ଆୟୋଜନ କରିବା ନିମନ୍ତେ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ଜୟପୁର ବ୍ଲକ ଜାମୁଣ୍ଡା ପଂଚାୟତର ତେଲିଆ ଗ୍ରାମରେ ଏକ ଭଲିବଲ ମ୍ୟାଚ ଆୟୋଜନ କରାଯାଇଥିଲା। ଏହି ମ୍ୟାଚରେ ୪ଟି ଦଳ ଯୋଗ ଦେଇଥିଲେ। ତେଲିଆ-୬ ଓ ଜୀଉନାଗୁଡା-୬ ମଧ୍ୟରେ ଖେଳା ଯାଇଥିବା ଏକ ରୋମାଂଚକାରୀ ମ୍ୟାଚରେ ତେଲିଆ-୬ ଦଳ ବିଜୟୀ ହୋଇଥିଲେ। ପଂଚାୟତର ସରପଂଚ ମନଧର ଗାଦବା ଓ ସମିତି ସଭ୍ୟ ସମାରୁ ଗାଦବା ଏହି ମ୍ୟାଚକୁ ଉଦଘାଟନ କରିଥିଲେ। ପଂଚାୟତ ନିର୍ବାହୀ ଅଧିକାରୀ ଚନ୍ଦ୍ରଶେଖର ମହାପାତ୍ର ଓ ଜିଆରଏସ ସ୍ୱାଗତ ସାହୁ ଏହି ମ୍ୟାଚରେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ଆଗାମୀ ଦିନରେ ଜାମୁଣ୍ଡା ପଂଚାୟତରେ କ୍ରୀଡ଼ାର ବିକାଶ ନିମନ୍ତେ ଖେଳ ପଡିଆ ଆଦି ନିର୍ମାଣ କରାଯିବା ନେଇ ଆଲୋଚନା କରିଥିଲେ। ଏହି ମ୍ୟାଚରେ ପଂଚାୟତର ସମସ୍ତ ୱାର୍ଡ଼ ସଭ୍ୟ ଉପସ୍ଥିତ ରହି ମ୍ୟାଚ ଉପଭୋଗ କରିଥିଲେ।

# କ୍ୱାଇଁର ଛୁରାମାଡ଼ରେ ଶ୍ୱଶୁର ମୃତ: ଅଭିଯୁକ୍ତ କ୍ୱାଇଁ ଥାନାରେ ଅଟକ

କନ୍ଧମାଳ, ୨୦/୦୧ (ନି.ପ୍ର): ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅଂଚଳରେ। ସୂଚନା ପ୍ରକାରେ, ଆଜି କ୍ୱାଇଁର ଛୁରା ମାଡ଼ରେ ଶ୍ୱଶୁରର ମୃତ୍ୟୁ ଘଟିଛି। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଗୁଲିମରା ସାହିରେ ଘଟିଛି ଏହିଭଳି ଜଘନ୍ୟ ହତ୍ୟାକାଣ୍ଡ। ଖାଲି ସେତିକି ନୁହେଁ ଶ୍ୱଶୁରଙ୍କୁ ଆକ୍ରମଣ ପରେ ନିଜ ସ୍ତ୍ରୀକୁ ମଧ ଆକ୍ରମଣ କରି ଲହୁଲୁହାଣ କରିଛି ସ୍ୱାମୀ। ତେବେ ଅଭିଯୁକ୍ତ କ୍ୱାଇଁକୁ ଥାନାରେ ଅଟକ ରଖିଛି ପୋଲିସ। ମୃତକ ଗୁଲିମରା ସାହିର ଟୁନା ପ୍ରଧାନ ହୋଇଥିବା ଜଣାପଡ଼ିଛି। ସୂଚନା ପ୍ରକାରେ, ଟୁନା ପ୍ରଧାନଙ୍କ ଝିଅ ସୁଭଦ୍ରାକୁ ବ୍ରହ୍ମପୁରର ସିମାଟଂଳ ଚୌଧୁରୀ ୧୨ ବର୍ଷ ତଳେ ଭଲପାଇ ବିବାହ କରିଥିଲା। କିନ୍ତୁ, ସବୁବେଳେ ସୁଭଦ୍ରାକୁ ମାନସିକ ଓ ଶାରିରୀକ ନିର୍ଯ୍ୟାତନା ଦେବାସହ ଜୀବନରେ ମାରିଦେବାକୁ ଧମକ ଦେଇଆସୁଥିଲା ସ୍ୱାମୀ ସିମାଟଂଳ ବୋଲି କହିଛନ୍ତି ସୁଭଦ୍ରା। କିଛିଦିନ ହେବ ସୁଭଦ୍ରା ବାଲିଗୁଡ଼ା ସ୍ଥିତ ନିଜ ବାପ ଘରକୁ ଆସିଥିବା ବେଳେ ଆଜି ସିମାଟଂଳ ବାଲିଗୁଡ଼ାରେ ପହଁଚି ପୁଣି ପତ୍ନୀ ସହ ଝଗଡ଼ା କରିଥିଲା। ଏଥିରେ କଥା କଟାକଟି ବେଳେ ହଠାତ୍ ସୀମାଟଂଳ ଉତକ୍ଷିପ୍ତ ହୋଇ ନିଜ ଶ୍ୱଶୁରଙ୍କୁ ଛୁରୀରେ ଆକ୍ରମଣ କରିଥିଲା। ଫଳରେ ତାଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା। ଖବର ପାଇ ବାଲିଗୁଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଁଚି ଗୁରୁତର ଅବସ୍ଥାରେ ଟୁନା ପ୍ରଧାନଙ୍କୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରିଥିଲା। ତେବେ ଡାକ୍ତରଖାନାରେ ଗୁରୁତର ଟୁନା ପ୍ରଧାନଙ୍କୁ ମୃତ ଘୋଷଣା କରିଛନ୍ତି ଡାକ୍ତର। ଘଟଣାକୁ ନେଇ ବାଲିଗୁଡ଼ା ଅଂଚଳରେ ଚାଂଚଲ୍ୟ ଖେଳିଯାଇଛି।

# ଅପରାଧ ମାମଲରେ ଦୁଇ କଲେଜ ଛାତ୍ର

ସୁବର୍ଣ୍ଣପୁର, ୨୦/୦୧ (ନି.ପ୍ର): ଧରାପଡ଼ିଲେ ଡକାୟତି ଦଳ। ଉଲୁଣ୍ଡା ଥାନା ଅନ୍ତର୍ଗତ ଚଡେଇପଙ୍କ ଛକ ଠାରେ ଏକ ବାଲି ବୋଝେଇ ହାଇୱାର ଚାଳକ ଓ ହେଲପରକୁ ବନ୍ଧୁକ ଦେଖାଇ ଟଙ୍କା ଓ ମୋବାଇଲ ଲୁଟ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଦୁଇ ନାବାଳକ ସମେତ ୪ ଅଭିଯୁକ୍ତଙ୍କ ମଧ୍ୟରୁ ଦୁଇ ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଅନ୍ୟ ଦୁଇ ଜଣ ନାବାଳକଙ୍କୁ ବାଳ ଅପରାଧ ନ୍ୟାୟିକ ବୋର୍ଡକୁ ପଠାଯାଇଛି। ଏନେଇ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଡୋଲାମଣୀ ଭୋଇ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଆଜି ଭୋରରୁ ବାଲି ବୋଝେଇ ହାଇୱା କୃତମେଣ୍ଡା ତେଲ ମିଲକୁ ଯିବା ସମୟରେ ଚାରି ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଗୋଟିଏ ମୋବାଇଲ ଓ ନଗଦ ୬ ହଜାର ପାଂଚ ଶହ ଟଙ୍କା ଲୁଟି ନେଇଥିଲେ। ଘଟଣାସ୍ଥଳରୁ ଗାଡିର ଚାଳକ ଫେରାର ହୋଇଥିବା ବେଳେ ଗାଡିର ହେଲପର ଦୁଃଖୀଶ୍ୟାମଙ୍କ ଠାରୁ ମୋବାଇଲ ସହ ୬ ହଜାର ୫ ଶହ ଟଙ୍କା ଲୁଟିଥିଲେ। ତେବେ ପୁଲିସ ଦୁର୍ବୃତମାନଙ୍କ ଠାରୁ ଗୋଟିଏ ବାଇକ୍, ଗୋଟିଏ ଖେଳଣା ବନ୍ଧୁକ, ଦୁଇଟି ଲାଇଟର, ଦୁଇଟି ମନିପର୍ସ, ଛଅଟି ମୋବାଇଲ ଏବଂ ନଗଦ ଛଅ ହଜାର ପାଂଚଶହ ଟଙ୍କା ଜବତ କରିଥିବା ସୂଚନା ମିଳିଛି। ମୁଖ୍ୟ ଅଭିଯୁକ୍ତ ସୋନପୁରର ଦେବାଶିଷ ଖପର ଧୁଆ ଏବଂ କେନ୍ଦୁପାଲିର ସୁମନ୍ତ ମେହେରଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଦୁଇ କଲେଜ ଛାତ୍ରଙ୍କୁ ନାବାଳକ ଅପରାଧ ନ୍ୟାୟିକ କୋର୍ଟରେ ହାଜର କରାଯାଇଥିବା ସୂଚନା ମିଳିଛି।

# ଓଚିନ୍ଦା ହରିହାଟ ମହୋତ୍ସବ-୨୦୨୩ ଉଦ୍‌ଘାଟିତ

କୋରେଇ, ୨୦/୦୧ (ନି.ପ୍ର): ପଥରପଦା ପଂଚାୟତ ଅନ୍ତର୍ଗତ ଓଚିନ୍ଦା ଗ୍ରାମରେ ହରିହାଟ ମହୋତ୍ସବ-୨୦୨୩ ଉଦ୍ଘାଟିତ ହୋଇଛି। ୧୦ ଦିନ ବ୍ୟାପି ମକର ସଂକ୍ରାନ୍ତି ଠାରୁ ଆରମ୍ଭ ହୋଇଥିବା ହରିହାଟର ମହୋତ୍ସବ ଉଦ୍ଘାଟିତ ଅବସରରେ କୋରାଇ ମଣ୍ଡଳ ଉନ୍ନୟନ ଅଧିକାରୀ ରଂଜନ କୁମାର ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ସୁବାସ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମହୋତ୍ସବ ସଭାରେ ସମ୍ମାନୀତ ଅତିଥିଭାବେ ଆର୍ଶିବାଦ ଆଗ୍ରୋ ପଡକ୍ଟର ପରିଚାଳକ ଶରତ ଚନ୍ଦ୍ର ଦାଶ, ଶିକ୍ଷାବିତ୍ ଭରତ ଚନ୍ଦ୍ର ସାହୁ, ଗ୍ରାମ ମୁରବୀ ରଘୁନାଥ ପାଢୀ, ପୂର୍ବତନ ମୁରବୀ ମୋହନ ଚରଣ ପାଢୀ ପ୍ରମୁଖ ଯୋଗଦେଇ ସଂକଳ୍ପର ବାସ୍ତବତାରେ ଉତ୍ସବ ସାକର ହୁଏ ବୋଲି ମତବ୍ୟକ୍ତ କରିଥିଲେ। ଶ୍ରମତୀ ସୁଂଯୁକ୍ତା ମହାରଣାଙ୍କ ସଂଚାଳନାରେ ଆୟୋଜିତ ସଭାରେ ଗ୍ରାମର ବିଭିନ୍ନ ବର୍ଗରେ ପାରଦର୍ଶୀତା ଲାଭ କରିଥିବା କରିଥିବା ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ସୁବାସ ଧଳ, ପାଲାଗାୟକ ରଘୁନାଥ ପାଢୀ, ଶିକ୍ଷାବିତ୍ ସତ୍ୟଭାମା ସେନାପତି, କଳାକାର ହରିହର ଗିରି, ସମବାୟବିତ୍ ତଉଲି ସାମଲ, କୁଳଗୁରୁ ପରମାନ୍ଦ ଶତପଥି, ଶିଳ୍ପୀ କାରିଗର ମନ୍ମଥ ଗିରି, ବାୟକ କାର୍ତିକ ଜେନା, ଶିଳ୍ପପତି ଶରତ ଚନ୍ଦ୍ର ସାହୁଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଶ୍ରୀପତି ପୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ସତିସ ଧଳ, ଅଚ୍ୟୁତାନନ୍ଦ ସାହୁ, ଅକ୍ଷୟ ସାମଲ, ପ୍ରକାଶ ମଲିକ, ଜିତେନ୍ଦ୍ର ଭାରତୀ, ପରମେଶ୍ୱର ନାୟକ, ଭୀମସେନ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରେ ଷ୍ଟାର ଇଣ୍ଡିଆ ପରିବାର ପକ୍ଷରୁ ବିଭିନ୍ନ ସାଂସୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ନବ ନିର୍ମାଣ କୃଷକ ସଂଘ ପକ୍ଷରୁ ଧାରଣା

କେନ୍ଦ୍ରାପଡ଼ା, ୨୦/୦୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ କୃଷି ସମବାୟ ସମିତି ପକ୍ଷରୁ ଚାଷୀଙ୍କ ଠାରୁ ଧାନ କିଣା ଆରମ୍ଭ କରାଯାଇ ଥିବାବେଳେ ଏଥିରେ ନାନା ପ୍ରକାର ଟଂଚକତା କରାଯାଇ ୩ ରୁ ୧୨ କେଜି ପର୍ଯ୍ୟନ୍ତ ବସ୍ତା ପିଛା ଧାନ କଟା ଯାଉଥିବା ଅଭିଯୋଗ ହୋଇଛି। ଏହା ସହ ମିଲର ଓ ସୋସଇଟର ସଂପାଦକ ମାନେ ମିଳିତଭାବେ ଚାଷୀ ମାନଙ୍କୁ ଶୋଷଣ କରୁଥିବା ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଗୁରୁବାର ଚାଷୀ ମାନଙ୍କ ସ୍ୱାର୍ଥରକ୍ଷା ପାଇଁ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାନ ବସ୍ତା ଥୋଇ ବିଭିନ୍ନ ଦାବି ନେଇ ଧାରଣା ଦିଆଯାଇଛି। ଚାଷୀ ମାନଙ୍କ ଦାବି ମୁତାବକ ଚାଷୀମାନେ ମଣ୍ଡିରେ ଧାନ ଦେଉଥିବା ପ୍ରତ୍ୟେକ ଧାନ ବସ୍ତାରୁ ୩ ରୁ ୧୨ କେଜି ପର୍ଯ୍ୟନ୍ତ ଧାନ କାଟି ନିଆଯାଉଛି। ସମବାୟ ସଂପାଦକ ଓ ମିଲରଙ୍କ ପ୍ରତି ଅନୁକମ୍ପା କରାଯାଉଛି। ଜିଲ୍ଲା ଯୋଗାଣ ବିଭାଗର ମାର୍ଗଦର୍ଶିକା ଅନୁଯାଇ ମଣ୍ଡିରେ ଧାନକିଣା ହେଉନାହିଁ। ଧାନବସ୍ତା କାଟ୍ କରି ନେଉଥିବା ମିଲର ମାନଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ସହ ବିନା କାଟ୍‌ରେ ଧାନ କିଣିବା ଓ ଅସାଧୁ ମିଲର ଓ ସମବାୟ ସଂପାଦକଙ୍କୁ ଗିରଫ କରିବା ଦାବିରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣା ଜାରି ରହିଛି।

# ମେଗା ରକ୍ତ ଦାନ ଶିବିର

କନ୍ଧମାଳ, ୨୦/୦୧ (ନି.ପ୍ର): କନ୍ଧମାଳ ଜିଲ୍ଲା ରାଇକିଆ ବଣିକ ସଂଘ ତରଫରୁ ଏକ ମେଗା ରକ୍ତଦାନ ଶିବିର ପଂଚାୟତ କାର୍ଯ୍ୟାଳୟ ପରିସର ରେ ଅନୁଷ୍ଠିତ ହୋଇଯାଇଛି। ରାଇକିଆ ସରପଂଚ ଗୀତାଞ୍ଜଳୀ ନାୟକ, ଜିଲ୍ଲାପରିଷଦ ସଭ୍ୟ ସତ୍ୟବାନ ପାତ୍ର ଯୋଗ ଦେଇ ଉଦଘାଟନ କରିଥିଲେ। ବଣିକ ସଂଘ ର ସଦସ୍ୟଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଏବଂ ବ୍ୟକ୍ତି ବିଶେଷ, ଛାତ୍ରୀ ଛାତ୍ର ଯୋଗଦେଇ ରକ୍ତ ଦାନ କରି ଥିଲେ। ସମୁଦାୟ ୯୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଫୁଲବାଣୀ ରକ୍ତ ଭଣ୍ଡାର ର ଅଫିସର୍ ଜୟଦିପ କୁମାର ଘୋଷ, ଲ୍ୟାବ ଟେକନିସିଆନ ଶ୍ରୀକାନ୍ତ ସାହୁ, ଦୀନ କୃଷ୍ଣ ମହନ୍ତ, ସୁଜିତ୍ ସାହୁ, ବରୁଣ ବେହେରା ପରିଚାଳନା କରିଥିଲେ। ଏହି ଶିବିର ରେ ରାଇକିଆ ବିଡ଼ିଓ ଶରତ ପାତ୍ର, ବ୍ଲକ୍ ଅଧକ୍ଷ ପ୍ରିତମ ପ୍ରଧାନ ଯୋଗ ଦେଇ ରକ୍ତଦାତା ଙ୍କୁ ଉତ୍ସାହିତ କରିଥିଲେ। ସଂଘ ସଭାପତି ପଦ୍ମଚରଣ ପଣ୍ଡା, ସମ୍ପାଦକ ଦୁର୍ଯ୍ୟୋଧନ ଲେଙ୍କା, ସହ ସଂପାଦକ ଶ୍ରୀନିବାସ ଆଚାରୀ, ସଂଗଠନ ସମ୍ପାଦକ ରାମକୃଷ୍ଣ ବେହେରା, ଉପସଭାପତି ତ୍ରିପତି ସୁବୁଦ୍ଧି, ପ୍ରତାପ ଜେନା, କୋଷାଧକ୍ଷ ବାଲ୍ମୀକି ପତିଙ୍କ ସମେତ ସଂଘ ର କର୍ମକର୍ତା, ସଦସ୍ୟ ମାନେ ଉପସ୍ଥିତ ରହି ପରିଚାଳନା ରେ ସହଯୋଗ କରିଥିଲେ।

## ଆବାସ ଯୋଜନା ତାଲିକାରୁ ନାମ କାଟିବା ଘଟଣା

# ପଂଚାୟତ କାର୍ଯ୍ୟାଳୟରେ ସରପଂଚଙ୍କୁ ତାଲା ପକାଇଲେ ଗ୍ରାମବାସୀ

ହରିଚନ୍ଦନପୁର, ୨୦/୦୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ତେନ୍ତଳାପଶି ଗ୍ରାମ ପଂଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତାଲିକାଭୁକ୍ତ ଥିବା ହିତାଧିକାରୀଙ୍କ ନାମ କାଟିବା ଘଟଣାକୁ ନେଇ ତେଜୁଛି ବିବାଦ। ଖବର ମୁତାବକ ଉକ୍ତ ପଂଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ତାଲିକାରେ ୯୧ ଜଣ ହିତାଧିକାରୀଙ୍କ ନାମ ଅନ୍ତର୍ଭୁକ୍ତ ରହିଥିଲା। ଓ ପରେ ତନ୍ମଧ୍ୟରୁ ୫୮ ଜଣଙ୍କ ନାମ ଉକ୍ତ ତାଲିକାରୁ କଟାଯାଇଥିବା ନେଇ ଗତ ବୁଧବାର ଦିନ ଗ୍ରାମବାସୀ ଏବିଡିଓଙ୍କ ପାଖରେ ଲିଖିତ ଅଭିଯୋଗ କରିଥିଲେ। ସେହି ଘଟଣାକୁ ନେଇ ଗୁରୁବାର ଦିନ ୧୨ଟାରୁ ୨ଟା ପର୍ଯ୍ୟନ୍ତ ସରପଂଚ ସାବିତ୍ରୀ ମୁଣ୍ଡାଙ୍କୁ ପଂଚାୟତ କାର୍ଯ୍ୟାଳୟ ମଧରେ ତାଲା ପକାଇଥିଲେ ଗ୍ରାମବାସୀ। ଦୀର୍ଘ ୨ ଘଣ୍ଟା ପରେ ଖାଇବା ସମୟ ନେଇ ତାଲା ଖୋଲା ଯିବାରୁ ମୁକ୍ତ ହୋଇଥିଲେ ମହିଳା ସରପଂଚ। ଅଭିଯୋଗ ଅନୁଯାୟୀ ଉକ୍ତ ପଂଚାୟତ ୱାର୍ଡ ନଂ-୨/୩ ବଡକମଣ୍ଡରା ଗ୍ରାମର ପୁରୁଣା ତାଲିକାରେ ୯୧ଟି ଘର ମଞ୍ଜୁର ହେଇଥିଲା, ପରେ ନୂତନ ତାଲିକାରେ ୩୩ ଟି ଘର ରହିଛି। ଅବଶିଷ୍ଟ ୫୮ ଟି ଘର କାହା ନିର୍ଦ୍ଦେଶ ନା କାହା ଚାପରେ କଟା ଯାଇଛି ତାହାକୁ ନେଇ ଜନସାଧାରଣରେ ଅସନ୍ତୋଷ ବୃଦ୍ଧି ଘଟୁଛି। ପଂଚାୟତ କାର୍ଯ୍ୟାଳୟରେ ତାଲିକା ଦେଖିବା ପରେ ପକ୍ଷପାତିତା ହେଇଥିବା ନେଇ ବ୍ଲକରୁ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଅଭିଯୋଗକୁ ନେଇ ହରିଚନ୍ଦନପୁର ଏବିଡିଓ କୌଣସି ସନ୍ତୋଷଜନକ ଉତ୍ତର ନଦେବାରୁ ଗ୍ରାମବାସୀ କେନ୍ଦୁଝର ଜିଲ୍ଲାପାଳଙ୍କୁ ଫେରାଦ ଦେଲେ। ହଠାତ୍ ଜିଲ୍ଲାପାଳଙ୍କ ଅଫିସ ପରିସରରେ ସ୍ଥାନୀୟ ବିଡିଓ ପ୍ରଭୁକଲ୍ୟାଣ ଦାସଙ୍କ ଗାଡ଼ି ଦେଖି ଲୋକେ ଦୀର୍ଘ ସମୟ ଗାଡିକୁ ଜଗି ରହିଥିଲେ। ବିଡ଼ିଓ ସନ୍ଧ୍ୟା ୬.୩୦ ମିନିଟରେ ଡିଆରଡିଏ ଅଫିସ ଗଳି ଦେଇ ଫେରୁଥିବା ସମୟରେ ଜଗି ରହିଥିବା ହିତାଧିକାରୀ ତାଙ୍କୁ ଘେରିଥିଲେ, ଓ ଘଟଣା ସମ୍ପର୍କରେ ଜଣାଇଥିଲେ। ପଂଚାୟତରୁ ବ୍ଲକ ଓ ପରେ ଜିଲ୍ଲାପାଳଙ୍କୁ ଗୁହାରି ପରେ ନ୍ୟାୟ ନମିଳିବାକୁ ନେଇ ଲୋକେ ଉତ୍ୟକ୍ତ ହୋଇ ଆଜି ସରପଂଚଙ୍କୁ ତାଲା ପକାଇଥିବା ଜଣାପଡ଼ିଛି। ଆଗାମୀ ଦିନରେ ଘଟଣାର ସଠିକ୍ ଯାଂଚ କରାଯାଇ ଅଯୋଗ୍ୟକୁ ଛାଡି ଯୋଗ୍ୟଙ୍କ ନାମ ଦିଆନଗଲେ। ନ୍ୟାୟ ପାଇଁ ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ହିତାଧିକାରୀଙ୍କ ଚେତାବନୀ ରହିଛି। ତେଣୁ ବେଳ ଥାଉଁ ଥାଉଁ ଘଟଣାର ସଠିକ୍ ତଦନ୍ତ କରାଯାଇ ସମାଧାନ କରାଗଲେ ସମସ୍ତେ ଉପକୃତ ହେବେ, ନଚେତ୍ ଏହା ଆନ୍ଦୋଳନର ରୂପ ନେଇପାରେ ବୋଲି ବୁଦ୍ଧିଜୀବୀ ମହଲରେ ମତ। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଘଟଣାର ତଦନ୍ତ କରାଇ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣରେ ଦାବି ସହ ଅନୁରୋଧ ହୋଇଛି।

# ୧୦ମ ଓଳାଶୁଣୀ ଗୁମ୍ଫା ମହୋତ୍ସବ ଆରମ୍ଭ

ଧର୍ମଶାଳା, ୨୦/୦୧ (ନି.ପ୍ର): ଯାଜପୁରର ଅନ୍ୟତମ ପ୍ରସିଦ୍ଧ ପୀଠ ହେଉଛି ଓଳାଶୁଣୀ ପୀଠ। ପାହାଡ ଉପରେ ସନ୍ଥ ଅରକ୍ଷୀତଙ୍କ ରହିଛି ସମାଧିପୀଠ। ପ୍ରତିବର୍ଷ ପରି ଚଳିତ ବର୍ଷ ଏଠାରେ ମହୋତ୍ସବ ମହାସମାରୋହରେ ପାଳିତ ହୁଏ। ଏହି ଅବସରରେ ମାଘକୃଷ୍ଣ ଏକାଦଶୀଠାରୁ ଆରମ୍ଭ ହୋଇଛି ଏହି ମହୋତ୍ସବ। ଓଳାଶୁଣୀ ଗୁମ୍ଫା ଉନ୍ନୟନ ନ୍ୟାସ ଓ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେସନ ପକ୍ଷରୁ ୧୦ମ ଓଳାଶୁଣୀ ଗୁମ୍ଫା ମହୋତ୍ସବ ବଡଚଣା ବିଧୟାକ ଅମର ପ୍ରସାଦ ଶତପଥୀଙ୍କ ସଭାପତିତ୍ୱରେ ଅତିଥିଭାବେ ପୁରୀ ଝାଞ୍ଜିପିଟା ମଠ ପୂଜ୍ୟବାବା ସଚ୍ଚିଦାନନ୍ଦ ଦାସମହାରାଜ, ପୁରୀ ହରିହର ଗୁରୁକୁଳମର ପୂଜ୍ୟ ସ୍ୱାମୀ ଶ୍ରୀ ସମର୍ପଣାନନ୍ଦ ଗିରି, ରାଜ୍ୟସଭା ସାଂସଦ ସୁଲତା ଦେଓ, ଶିଦ୍ଧଗିରି ଆଶ୍ରମ ବାବା ବିଶ୍ୱନାଥ ଦାସ ଓ ଓଳାଶୁଣୀ ଗୁମ୍ଫା ନ୍ୟାସର ଅଧକ୍ଷ ଶରତ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିବା ସହ ସନ୍ଥ ଅରକ୍ଷିତଙ୍କ ଜୀବନୀ ସହ ଏହି ଓଳାଶୁଣୀ ପାହାଡର ମାହାତ୍ମ୍ୟ ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଏଠାକୁ ଆସିଲେ ଭଗବାନ କୃଷ୍ଣ ଓ ଜଗନ୍ନାଥ ଦର୍ଶନ ମିଳେ। ଯୁବ ପୀଢୀମାନେ ମହାପୁରଷକଙ୍କ କାହାଣୀ ପଢିବା ସହ ଇତିହାସର ପୃଷ୍ଠା ଲେଉଟାଇବାକୁ ପରାମର୍ଶ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ବିରୂପାକ୍ଷ ତ୍ରିପାଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଳାଶୁଣୀ ଗୁମ୍ଫା ଉନ୍ନୟନ ନ୍ୟାସର ଟ୍ରଷ୍ଟି ଶୁଭେନ୍ଦୁ କୁମାର ଭୂୟାଁ ପ୍ରାକ୍କଭାଷଣ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତା ଶାରଦା ନାୟକ ଓ ସ୍ନେହାଶିଷ ସାମଲ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉନ୍ନୟନର ନ୍ୟାସ 'ଓଳାଶୁଣୀ' ସ୍ମରଣୀକାକୁ ଅତିଥିମାନେ ଲୋକାର୍ପିତ କରିଥିଲେ।

# ବିଜେପି ବୁଥ ସଶକ୍ତିକରଣ କାର୍ଯ୍ୟକ୍ରମରେ ଗାଁକୁ ଚାଲ କାର୍ଯ୍ୟକ୍ରମ ପାଇଁ ମନ୍ତ୍ର ଦେଲେ ରାଜ୍ୟ ଉପସଭାପତି

ବୌଦ୍ଧ, ୨୦/୦୧ (ନି.ପ୍ର): ବିଜେପିର ବୁଥ ସଶକ୍ତିକରଣ କାର୍ଯ୍ୟକ୍ରମରେ ଗାଁ କୁ ଚାଲ କାର୍ଯ୍ୟକ୍ରମ ପାଇଁ ମନ୍ତ୍ର ଦେଲେ ରାଜ୍ୟ ଉପସଭାପତି। ମନମୁଣ୍ଡା ଠାରେ ମଣ୍ଡଳ ସ୍ତରୀୟ ବୁଥ ସଶକ୍ତି କରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଜ୍ୟ ବିଜେପି ଉପ ସଭାନେତ୍ରୀ ଅନିତା ଶୁଭ ଦର୍ଶିନୀ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମଣ୍ଡଳ ସ୍ତରରେ ବୁଥ କମିଟି ଗଠନ କରି ସସକ୍ତ ବୁଥ ସହିତ ସମସ୍ତ ପ୍ରକାର କାର୍ଯ୍ୟକ୍ରମ ବ୍ୟବସ୍ଥିତ ଢଙ୍ଗରେ ପାଳନ କରିବାକୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀ ଙ୍କ ଗରିବ କଲ୍ୟାଣ ଯୋଜନା ସବୁ ସ୍ତରରେ ସୁବ୍ୟବସ୍ଥିତ ଭାବରେ କିପରି ପହଂଚି ପାରିବ ସେନେଇ ସମସ୍ତେ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ମଣ୍ଡଳ ସ୍ତରରେ ବୁଥ କମିଟି ଗଠନ କରି ସସକ୍ତ ବୁଥ ସହିତ ମୋର୍ଚ୍ଚା କମିଟି, ଶକ୍ତିକେନ୍ଦ୍ର ର ତ୍ରିଦେବ, ବୁଥ ସ୍ତରୀୟ ତ୍ରିଦେବ ସହିତ ମଣ୍ଡଳ କମିଟି ଗଠନ କରି, ପ୍ରତି ମାସ ରେ ସମସ୍ତ ପ୍ରକାର କାର୍ଯ୍ୟକ୍ରମ ରହିଛି ସେଗୁଡ଼ିକ କିପରି ବ୍ୟବସ୍ଥିତ ଢଙ୍ଗରେ ପାଳନ କରିବା କୁ ହେବ ସେ ବିଷୟ ନେଇ ଶ୍ରୀମତୀ ପଟ୍ଟନାୟକ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ବୁଥ ସଶକ୍ତି କରଣ ଯୋଜନା କୁ ସମସ୍ତ କର୍ମକର୍ତ୍ତା ମାନେ ନିଷ୍ଠାର ସହିତ ପାଳନ କରିବା ପାଇଁ କହିଥିଲେ। ଆଜିର କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ବିପ୍ର ଚରଣ ମହାନ୍ତି ଯୋଗଦାନ କରି ସମସ୍ତ ବିଜେପି ନେତୃବୃନ୍ଦ ଆଜିଠାରୁ ଏକ ମନ ଏକଚିତ୍ ଭାବରେ ସମସ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜି ଙ୍କ ଗରିବ କଲ୍ୟାଣ ଯୋଜନା ସବୁ ସ୍ତରରେ ସୁବ୍ୟବସ୍ଥିତ ଭାବରେ କିପରି ପହଂଚି ପାରିବ ସେଥି ପାଇଁ କାର୍ଯ୍ୟକ୍ରମ କରିବା ପାଇଁ କହିଥିଲେ। ଆଜିର ସମସ୍ତ କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ନିରଞ୍ଜନ କର୍ଣ୍ଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ କଂହେଇ ଚରଣ ଡାଙ୍ଗ ଙ୍କ ସହିତ ସତ୍ୟାନନ୍ଦ ପାଣ୍ଡେ, ପୁଷ୍ପା ମହଲା, ଶୁକଦେବ ପ୍ରଧାନ. ସରୋଜ ପ୍ରଧାନ, ଶିବ ଚଉଳିଆ, ରାମ ପ୍ରସାଦ ମିଶ୍ର, ଗୁଡ଼ଭେଲିପଦର ସରପଂଚ ଗହଳ ମିଶ୍ର, ନାରାୟଣ ମହାକୁଡ, ପ୍ରେମା ମିଶ୍ର, ଅଲେଖ ବେହେରା, ଦିନେଶ ଦୀପ, ପୁଷ୍ପାଞ୍ଜଳି ପ୍ରଧାନ, ରଞ୍ଜିତା ମହାନ୍ତି, ତପଦ୍ୱନି ଛାନ୍ଦ, ସୁମିତ୍ରା ମହାକୁଡ, ପ୍ରଭୃତି ଯୋଗଦାନ କରିଥିଲେ।

# ମଣ୍ଡିରେ ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟି କଲେ ପରିଦର୍ଶନ

ଜୟପୁର, ୨୦/୦୧ (ନି.ପ୍ର): ଜୟପୁର ଆରଏମଏସି ୟାର୍ଡ ଧାନ ମଣ୍ଡିରେ ବିଧାନ ସଭା ଷ୍ଟାଣ୍ଡିଙ୍ଗ କମିଟି ପହଂଚି ପରିଦର୍ଶନ କରିଛନ୍ତି। ଏହି ଟିମରେ ଷ୍ଟାଣ୍ଡିଙ୍ଗ କମିଟି ଅଧକ୍ଷ ବିଧାୟକ ଅରବିନ୍ଦ ଢାଲି, ମେୟର ନିତ୍ୟାନନ୍ଦ ଗୋଣ୍ଡ ପହଂଚିଥିଲେ। ଏହି କମିଟି ପରଦର୍ଶନ କରି ଚାଷୀଙ୍କ ସମସ୍ୟା ବୁଝିବା ସହ ଧାନ କିଣା ବିକା ଦେଖି ଏସଏସଜି ଗ୍ରୁପ ସହ ଆଲୋଚନା କରିଥିଲେ। କିଛି ଚାଷୀଙ୍କୁ ଟୋକନ ମିଳିନଥିବା, ମଣ୍ଡିରେ ଭିତି ଭୁମି ନଥିବା, ମିଲର ମାନେ ଧାନକ୍ରୟରେ ଅସହ ଯୋଗ କରିବା ଆଦି କମିଟି ନିକଟରେ ଚାଷୀ ଅଭିଯାଗ କରିଥିଲେ। ଏହି ଟିମ ସବୁ ତଥ୍ୟ ଗ୍ରହଣ କରି ସରକାରଙ୍କୁ ରିପୋର୍ଟ ଦେବେ।

# ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଜିଲ୍ଲାବ୍ୟାପି ହେବ ପଦଯାତ୍ରା

କେନ୍ଦ୍ରାପଡ଼ା, ୨୦/୦୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଜିଲ୍ଲାବ୍ୟାପି ପଦଯାତ୍ରା କରାଯିବ ବୋଲି ଜିଲ୍ଲା ମେଡିକାଲ କଲେଜ ପ୍ରତିଷ୍ଠା ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ନିଷ୍ପତି ନିଆଯାଇଛି। ଗୁରୁବାର ଜିଲ୍ଲା ବିକାଶ ସାମୁଖ୍ୟ କାର୍ଯ୍ୟାଳୟରେ ଏନେଇ ଏକ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଫେସର ଅଜୟ ସାମଲଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଆଇନଜୀବି ରମଣୀ ରଞ୍ଜନ ରାଉତରାୟ କେନ୍ଦ୍ରାପଡାରେ ତୁରନ୍ତ ମେଡାକଲ କଲେଜ ପ୍ରତିଷ୍ଠା ଘୋଷଣା କରିବା ପାଇଁ ଜାନୁଆରୀ ମାସରେ ରାଜକନିକାର ବିଶୁ ବିଶୁନି ସହିଦ୍ ପୀଠ ଠାରୁ କେନ୍ଦ୍ରାପଡା ପର୍ଯ୍ୟନ୍ତ ଏକ ସଚେତନା ପଦଯାତ୍ରା ବାହାରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତି ପାଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଏହି ପଦଯାତ୍ରା ସମୟରେ ସମସ୍ତ ନାଗରିକ, ବ୍ୟବସାୟ ପ୍ରତିଷ୍ଠାନ, ବୁଦ୍ଧିଜୀନି, ଆଇନଜୀବି ମାନଙ୍କୁ କେନ୍ଦ୍ରାପଡା ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ସଚେତନତା କରାଯିବ। ଏଥି ସହିତ ମୁଖ୍ୟ ଚିକିତ୍ସାଳୟଟି ଶ୍ୟାମଗୁଡିଆ ସ୍ଥାନାନ୍ତରିତ ହେବାପରେ କେନ୍ଦ୍ରାପଡା ସହର ଓ ଆଖପାଖ ଅଂଚଳର ପ୍ରାୟ ଲକ୍ଷାଧିକ ଲୋକ ସ୍ୱାସ୍ଥ୍ୟ ସେବାରୁ ବଂଚିତ ହେଉଛନ୍ତି।

# ଜବର ଦଖଲ ଉଚ୍ଛେଦ କଲେ ପୌର ପ୍ରଶାସନ

ଜୟପୁର, ୨୦/୦୧ (ନି.ପ୍ର): ଜୟପୁର ପୌର ପାଳିକା ତରଫରୁ ଉଚ୍ଛେଦ କରାଯାଇଛି। ଏନକେଟି ରୋଡରେ ପ୍ରବଳ ଭିଡ ହୋଉଥିବାରୁ ପୌରପାଳିକା ତରଫରୁ ଉଚ୍ଛେଦ କରାଯାଇଛି। ଏନକେଟି ରୋଡର ଗୋଟିଏ ପାଶ୍ୱରେ ଛୋଟ ଛୋଟ ଦୋକାନ, ଆଳିଆ ଆବର୍ଜନା ହୋଇ ପଡି ରହିଥିଲା। ଫଳରେ ରାସ୍ତା ଜାମ ହେବା ସହ ଟ୍ରାଫିକ ସମସ୍ୟା ଦେଖାଯାଇଥିଲା।

# ଗୁପ୍ତ ସହର





*ସାରା ବିଶ୍ୱକୁ କବଳିତ କରିଥିବା କରୋନା ମହାମାରୀ ଭୂତାଣୁ ଚୀନ୍‌ରୁ ଆସିଥିବା ବିବାଦ ଏଯାବତ୍ ଲାଗି ରହିଛି । ଏହା ମଧ୍ୟରେ ଚୀନ୍‌ର ଆଉ ଏକ ରହସ୍ୟ ପଦାକୁ ଆସିଛି । ଏହି ଦେଶ ଏପରି ସହର ନିର୍ମାଣରେ ଲାଗିଛି ଯାହା କରୋନା ସହ ଭବିଷ୍ୟତରେ ଯେକୌଣସି ମହାମାରୀରୁ ବି ସୁରକ୍ଷିତ ରହିପାରିବ । ଖୁବ୍ ଗୋପନୀୟ ଭାବେ ଏହି ସହର ନିର୍ମାଣ ଚାଲିଥିଲେ ବି ଏହାର ତଥ୍ୟ ପଦାକୁ ଆସିଯାଇଛି । ଚୀନ୍ ସହିତ ବିଭିନ୍ନ ଦେଶର ମାଟିତଳେ ଥିବା ଚର୍ଚ୍ଚିତ ଗୁପ୍ତ ସହର ସମ୍ପର୍କରେ...*



### ସୁପାଇ ଗ୍ରାମ, ଆମେରିକା:

ବିଶ୍ୱର ଅନ୍ୟତମ ଆଶ୍ଚର୍ଯ୍ୟ ଗ୍ରାଣ୍ଡ କେନିୟାନ୍ ଦେଖିବାକୁ ସାରା ବିଶ୍ୱରୁ ପ୍ରତିବର୍ଷ ପ୍ରାୟ ୫୫ ଲକ୍ଷ ଲୋକ ଆମେରିକାର ଏରିଜୋନା ଯାଇଥାନ୍ତି । ତେବେ ଏଠାରେ ଥିବା ଅନ୍ୟତମ ଗର୍ତ୍ତ ହାଭାସୁ କେନିୟାନ ନିକଟରେ ସୁପାଇ ନାମରେ ଏକ ବହୁ ପ୍ରାଚୀନ ଗ୍ରାମ ରହିଛି । ଏଠାକାର ମୋଟ ଜନସଂଖ୍ୟା ୨୦୮ । ତେବେ ଗାଁଟି ଗ୍ରାଣ୍ଡ କେନିୟାନ୍ ଭିତରେ ପ୍ରାୟ ୩ ହଜାର ଫୁଟ ଗଭୀରତାରେ ଅବସ୍ଥିତ । ସମଗ୍ର ଆମେରିକାରେ ଏହା ଏକମାତ୍ର ଏପରି ଗ୍ରାମ ଯେଉଁଠି ଚିଠି ପହଁଞ୍ଚିବାକୁ ସର୍ବାଧିକ ସମୟ ଲାଗୁଛି ଏବଂ ଖଚର ଦ୍ୱାରା ଡାକ ଯୋଗାଯୋଗ କରାଯାଉଛି । ଏହି ଖଚର ଗାଡ଼ି ଉପରେ ୟୁନାଇଟେଡ ଷ୍ଟେଟ୍ ପୋଷ୍ଟାଲ୍ ସର୍ଭିସ୍‌ର ମୋହର ଲାଗିଥାଏ ।

### ଦିକ୍ସିୟା ଚେଙ୍ଗ, ଚୀନ୍:

ଯୁଦ୍ଧ ପରିସ୍ଥିତିରୁ ସୁରକ୍ଷିତ ରହିବା ଲାଗି ଏକାଧିକ ଭୂତଳ ସହର ଚୀନ୍‌ର ବିଭିନ୍ନ ରାଜ୍ୟରେ ରହିଥିବା ବେଳେ ଦିକ୍ସିୟା ଚେଙ୍ଗ ପ୍ରମୁଖ । ୧୯୬୯ ରେ ବେଜିଂ ଭୂମି ତଳେ ଏହି ସହର ନିର୍ମାଣ କରାଯାଇଥିଲା, ଯାହା ଶେଷ ହେବାକୁ ୧୦ବର୍ଷ ଲାଗିଥିଲା । ଏହା ଚୀନ୍‌ର ବିଶାଳ ଭୂତଳ ପ୍ରାଚୀନ ସହର ନାମରେ ପରିଚିତ । ଏଠାରେ ଏକାଧିକ ସ୍କୁଲ, ହସ୍‌ପିଟାଲ୍, ରହିବା ଏବଂ ଶୋଇବା ସୁବିଧା ଥିବା ବଡବଡ ହଲ୍ ନିର୍ମାଣ କରାଯାଇଛି । ଏହି ସହର ଭିତରକୁ ଯିବା ପାଇଁ ଶତାଧିକ ପ୍ରବେଶ ଦ୍ୱାର ରହିଥିବା ବେଳେ ଏକାଧିକ ଗୁମ୍ଫା ମଧ୍ୟ ଏଠାରେ ଅଛି ।

### କାପାଡୋସିୟା, ତୁର୍କୀ:

ଏହି ସ୍ଥାନରେ ଅତି କମ୍‌ରେ ୩୦ଟି ଭୂତଳ ସହର ରହିଛି । କାପାଡୋସିୟାକୁ ଭୂତଳ ସହରଗୁଡ଼ିକର ଏକ ଗ୍ରୁପ୍ ବୋଲି କୁହାଯାଇପାରେ । ଏଠାରେ ଛୋଟ ଛୋଟ ଗୁମ୍ଫା, ଦୋକାନ, ଘର, ସ୍କୁଲ, ଚର୍ଚ୍ଚ ଆଦି ରହିଛି । ତୁର୍କୀର ନେଭାସିର ଅନ୍ତର୍ଗତ ଡେରିନକୁୟୁ ଜିଲ୍ଲାରେ ଏହି ଭୂତଳ ସହର ରହିଛି । ଏଠାରେ ନିଜ ଜିନିଷପତ୍ର, ପଶୁସମ୍ପଦ ସହ ୨୦ ହଜାର ଲୋକ ଆଶ୍ରୟ ନେଇପାରିବେ ।

### କରୋନାନିରୋଧୀ ସହର:

ଚୀନ୍ ଖୁବ୍ ଗୋପନୀୟ ଭାବେ ବେଜିଂର ଜିୟୋଙ୍ଗ ଆନ୍ ନ୍ୟୁ ଏରିଆରେ ଏହି ସହର ନିର୍ମାଣ କରୁଥିଲେ । ଏହି ସହର କରୋନା ସହ ଭବିଷ୍ୟତର ଯେକୌଣସି ବଡ ମହାମାରୀରୁ ବି ଏଠାକାର ବାସିନ୍ଦାଙ୍କୁ ସୁରକ୍ଷିତ ରଖିପାରିବ । ଏଠାରେ ନିର୍ମିତ ଘରଗୁଡ଼ିକରେ ବଡବଡ ବାଲ୍‌କୋନି ସହ ଏକାଧିକ



ଗ୍ରୀନ୍‌ହାଉସ ବ୍ୟବସ୍ଥା ରଖାଯିବ । ଛାତ ଉପରେ ଚାଷବାସ କରାଯାଇପାରିବ । ବଡ଼ବଡ଼ କାଠ ବ୍ଲକ୍‌ରେ ଏହି ଘରଗୁଡ଼ିକ ତିଆରି ହେବ । ଡ୍ରୋନ୍ ଦ୍ୱାରା ଏହି ସହର ଉପରେ ଦୃଷ୍ଟି ରଖାଯିବ ଯେପରିକି କୌଣସି ସମସ୍ୟା ହେଲେ ତୁରନ୍ତ ଜଣାପଡ଼ିପାରିବ । ବାର୍ସିଲୋନାର ଗୁଆଲେର୍ଟ ଆର୍କିଟେକ୍ଟସ ଏହି ସହର ନିର୍ମାଣ ଦାୟିତ୍ୱ ନେଇଛନ୍ତି । ଦେଶର ଆହୁରି ଏକାଧିକ ସ୍ଥାନରେ ଏପରି ସହର ନିର୍ମାଣ ଲାଗି ଚୀନ୍ ରାଷ୍ଟ୍ରପତି ଯୋଜନା କରିଥିବା ଜଣାଯାଇଛି । ସାରା ବିଶ୍ୱ ତାଲାବନ୍ଦ ହୋଇ ରହିଥିବା ବେଳେ ଚୀନ୍‌ରେ ଏହି ସହର ନିର୍ମାଣ ଚାଲିଥିଲା । ଏପରିକି ତାଲାବନ୍ଦ ସମୟରେ ହିଁ ଗୁଆଲେର୍ଟ ଆର୍କିଟେକ୍ଟସ ସଂସ୍ଥା ନିର୍ମାଣ କରିବାର ଟେଣ୍ଡର ପାଇଥିଲା । ୭୭୨ ବର୍ଗ ମାଇଲ ଅଞ୍ଚଳରେ ନିର୍ମାଣଧୀନ ଥିବା ଏହି ସହର ଲଣ୍ଡନ ଏବଂ ନ୍ୟୁୟର୍କଠାରୁ ବି ବଡ଼ । ତେବେ ଏପରି ସହର ନିର୍ମାଣ ପଛରେ ଭବିଷ୍ୟତକୁ ଚୀନ୍ ବିଶ୍ୱ ପାଇଁ ଆହୁରି ଅଧିକ ଭୟଙ୍କର ବିପଦ ସୃଷ୍ଟି କରିବାକୁ ଯାଉଥିବା ନେଇ ଚର୍ଚ୍ଚା ଚାଲିଛି ।

### ରିସୋ, କାନାଡ଼ା:

ଏଠାରେ ମଣ୍ଟ୍ରିଲ ସହର ତଳେ ଥିବା ଏହି ସହରଟି କାନାଡ଼ାକୁ ଧରି ରଖିଥିବା ସ୍ତମ୍ଭ ବୋଲି କୁହାଯାଏ । ଖରାଦିନେ ବି ମାଟି ତଳେ ଥିବା ଏହି ସହରରେ ଖୁବ୍ ଥଣ୍ଡା ଅନୁଭୂତ ହୋଇଥାଏ । ଏଠାରେ ହୋଟେଲ, ରେଷ୍ଟୋରାଁ, ସୁପରମାର୍କେଟ, ସପିଙ୍ଗ ମଲ, ମେଟ୍ରୋ ଷ୍ଟେସନ ପରି ସମସ୍ତ ଅତ୍ୟାଧୁନିକ ସୁବିଧା ଉପଲବ୍ଧ । ସିନେମା ହଲ୍, ଲାଇବ୍ରେରୀ ସହ ରହିବାକୁ ଆପାର୍ଟମେଣ୍ଟ ବି ଏଠାରେ ଅଛି ।

### ବର୍ଲିଂଟନ୍, ଇଂଲଣ୍ଡ:

ପରମାଣୁ ବୋମା ପରି ଆକ୍ରମଣ ସ୍ଥିତିରେ ସୁରକ୍ଷିତ ରହିବା ଲାଗି ଇଂଲଣ୍ଡର ଓ୍ୱିଲ୍‌ଟଶାୟର ସହରରେ ଭୂମି ତଳେ ବର୍ଲିଂଟନ୍ ସହର ନିର୍ମାଣ କରାଯାଇଛି । ୨୪୦ ଏକର ପରିବ୍ୟାପ୍ତ ଏହି ସହରରେ ୪ ହଜାର ରେଳଷ୍ଟେସନ୍, ହସ୍‌ପିଟାଲ, ଜଳାଶୟ ଏପରିକି ବିବିସିର ଏକ ଷ୍ଟୁଡିଓ ମଧ୍ୟ ରହିଛି । ବର୍ଲିଂଟନ୍‌ରେ ପ୍ରାୟ ୬୦ କିଲୋମିଟର ରାସ୍ତା ଜାଲ ପରି ବିଛାଇ ହୋଇ ରହିଥିବା ଜଣାଯାଏ ।

## ଶକ୍ତିଶାଳୀ ଔଷଧ ସେକ୍ସ

ଶରୀରକୁ ସୁସ୍ଥ ରଖିବାକୁ ଆମେ ଡାଏଟିଂ,ଯୋଗ, ମର୍ଣ୍ଣିଂଓ୍ୱାର୍କ ଆଦି କରିଥାଉ । ଉତ୍ତମ ସ୍ୱାସ୍ଥ୍ୟ ହେଉଛି ମଣିଷର ପ୍ରକୃତ ସମ୍ପତ୍ତି । ସେଥିପାଇଁ ନାନା ପ୍ରକାର ବିକଳ୍ପ ବି ଗ୍ରହଣ କରିଥାନ୍ତି ସମସ୍ତେ, କିଭଳି ଭାବରେ ନିଜ ସ୍ୱାସ୍ଥ୍ୟର ଉନ୍ନତି ହୋଇପାରିବ, ସମସ୍ତେ ପ୍ରାୟ ଚେଷ୍ଟା କରିଥାନ୍ତି । ଯଦି ଜଣେ ଭଲଭାବରେ ସେକ୍ସ କରୁଥାଏ, ତା'ହେଲେ ସ୍ୱାସ୍ଥ୍ୟ ପାଇଁ ତାହା ଖୁବ୍ ଦରକାରୀ । ଏହାକୁ କେହି ଗବେଷକ ବି କହିଥାନ୍ତି, ସେକ୍ସଠାରୁ ଶକ୍ତିଶାଳୀ ଔଷଧ କିଛି ନାହିଁ । ଯେଉଁମାନେ ନିୟମିତ ଭାବରେ ସେକ୍ସ କରନ୍ତି, ସେମାନଙ୍କର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ କ୍ୟାନ୍ସର ହେବାର ଆଶଙ୍କାକୁ ମଧ୍ୟ ଏଡ଼ାଇଥାଏ । ଏହା ଚାପ କମ୍ କରିବା ସହ ହରମୋନର ସଠିକ ସନ୍ତୁଳନ କରିଥାଏ । ଫଳରେ ସ୍ୱାସ୍ଥ୍ୟ ଭଲ ରହେ । ବଡ଼ କଥା ହେଉଛି, ସେକ୍ସ କରୁଥିବା ଲୋକଙ୍କୁ ବିଶେଷ କିଛି ଶାରୀରିକ ବ୍ୟାୟାମ କରିବାର ଆବଶ୍ୟକତା ପଡ଼ି ନଥାଏ ।

## କଲରା ଆମ୍ବିଳା ମସଲା

**ସାମଗ୍ରୀ:**

କଲରା: ୪/୫ ଟା (ବଡ଼)
-କର୍ନଫ୍ଲୋର୍: ୧ କପ୍
-କଟା ପିଆଜ: ୧ଟା (ବଡ଼)
-କଟା ରଶୁଣ: ୧ଟା (ଛୋଟ)
-ଅଦା: ଛୋଟ ଖଣ୍ଡେ
-ଜିରା: ୧ ଚାମଚ
-ଶୁଖିଲା ଲଙ୍କା: ୧/୨ ଟା
-ଚିନି: ଅଧାଚମଚ
-ଆମ୍ବୁଲ: ୨ଟା
-ଅଳ୍ପ ଟମାଟୋ ସସ୍
-ଲୁଣ: ସ୍ୱାଦ ଅନୁସାରେ
-ପ୍ରୟୋଜନ ଅନୁଯାୟୀ ତେଲ




**ପ୍ରଣାଳୀ:**

ପ୍ରଥମେ କଲରାକୁ ଭଲ ଭାବେ ଧୋଇ ଛୋଟ ଛୋଟ ଗୋଲ୍ କରି କାଟି ଦିଅନ୍ତୁ । ସେଥିରେ କର୍ନଫ୍ଲୋର୍, ଲୁଣ ପକାଇ ଗୋଳାଇ ଦିଅନ୍ତୁ । ଗ୍ୟାସ୍‌ରେ କଡ଼େଇ ବସାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଗଲା ପରେ କଲରାକୁ ପକାଇ ଚିପ୍ସ ଭଳି ଛାଣି ରଖନ୍ତୁ । ଜିରା, ଶୁଖିଲା ଲଙ୍କା, ଅଦା, ପିଆଜ, ରସୁଣକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ । ତା' ପରେ ଗ୍ୟାସ୍‌ରେ କଡ଼େଇ ବସାଇ ଅଳ୍ପ ତେଲ ଦିଅନ୍ତୁ । ତେଲ ଟିକେ ତାତିଗଲା ପରେ ଗ୍ରାଇଣ୍ଡିଂ କରିଥିବା ମସଲାକୁ ପକାଇ ଭଲ ଭାବେ କଷନ୍ତୁ । ସେଥିରେ ଚିନି, ଆମ୍ବୁଲ, ଟମାଟୋ ସସ୍ ଏବଂ ଅଳ୍ପ ପାଣି ଦେଇ ମଧ୍ୟ କଷନ୍ତୁ । ମସଲା କଷି ହୋଇଗଲା ପରେ ପୂର୍ବରୁ ଛାଣିଥିବା କଲରାକୁ ପକାଇ ଭଲ ଭାବେ ଗୋଳେଇ ଦେଇ ପାଞ୍ଚ ମିନିଟ୍ ପର୍ଯ୍ୟନ୍ତ ମଧ୍ୟମ ଆଞ୍ଚରେ ବସାନ୍ତୁ । ପାଞ୍ଚ ମିନିଟ୍ ପରେ କଡ଼େଇକୁ ତଳକୁ ଓହ୍ଲାଇ ଦିଅନ୍ତୁ । ଗରମ ଗରମ ଭାତ ସହିତ ନିଜେ ଖାଆନ୍ତୁ ଓ ଅନ୍ୟମାନଙ୍କୁ ଖାଇବାକୁ ପରଷି ଦିଅନ୍ତୁ ।

## ସଜନା ଶାଗର ଉପକାରିତା

ଆମ ଓଡ଼ିଶାରେ ଗାଁ ଗହଳିଠାରୁ ଆରମ୍ଭ କରି ମହାନଗରୀ ପର୍ଯ୍ୟନ୍ତ ସଜନା ଶାଗ ଓ ଛୁଇଁର ଆଦର ଅଧିକ । ଦକ୍ଷିଣ ଭାରତୀୟ ବ୍ୟଞ୍ଜନରେ ମଧ୍ୟ ଏଇ ପରିବା ଓ ପତ୍ରର ଉପଯୋଗ ହୁଏ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ସହରୀ ଲୋକଙ୍କ ତୁଳନାରେ ଗାଁ ଲୋକଙ୍କ ରୋଗପ୍ରତିରୋଧକ ଶକ୍ତି ଅଧିକ ସେମାନେ ଦେଶୀ ଖାଦ୍ୟ ଖାଇବା ସହ ବିଭିନ୍ନ ପ୍ରକାରର ଶାଗ ନିୟମିତ ଭୋଜନରେ ଖାଇଥାନ୍ତି । ସିନେତାରକାଙ୍କ ଖାଦ୍ୟ ବିଶେଷଜ୍ଞ ଭାବେ ଜଣାଶୁଣା ରୁଜୁତା ଦିୱେକର୍ କହିଛନ୍ତି, ସଜନା ଶାଗ ଏକ ଚମତ୍କାରୀ ଖାଦ୍ୟ । କମଳା ଫଳଠାରୁ ୭ ଗୁଣ ଅଧିକ ଭିଟାମିନ୍ ସି ଏଇ ଶାଗରେ ମହଜୁଦ୍ । ଦୈନିକ ଅଳ୍ପ ପରିମାଣର ସଜନା ଶାଗ ଖାଇଲେ ଆମ ପାଚନ କ୍ଷମତା ବୃଦ୍ଧି ପାଏ ।



- ଭିଟାମିନ୍ ଏ'ର ଅଭାବ ଦୂର କରିବା ନିମନ୍ତେ ଅଧିକାଂଶ ଗାଜରକୁ ମଧ୍ୟ ନିୟମିତ ଖାଇଥାଉ । ସପ୍ତାହରେ ୨ ଥର ସଜନା ଶାଗ ଖାଇଲେ ଭିଟାମିନ୍ ଏ ଅଭାବଜନିତ ରୋଗରୁ ରକ୍ଷା ମିଳେ ।
- ପାଶ୍ଚାତ୍ୟ ରାଷ୍ଟ୍ରରେ ସଜନା ଶାଗ ଭିଟାମିନ୍ କ୍ୟାପ୍‌ସୁଲ୍ ମିଳିଥାଏ । ଅନେକ ଲୋକ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଏଇ କ୍ୟାପସୁଲ୍ ଖାଉଥିବାର ପ୍ରକାଶ ।
- ଆଣ୍ଟିଅକ୍ସିଡାଣ୍ଟ ଭରପୂର ସଜନା ଶାଗ ଖାଇଲେ ରକ୍ତଚାପ ନିୟନ୍ତ୍ରଣରେ ରହିବା ସହ ତ୍ୱଚା ଭାଙ୍ଗ ସମସ୍ୟା ଦୂର ହୋଇଥାଏ ।
- କୋଲେଷ୍ଟରଲ୍ ସ୍ତରକୁ ନିୟନ୍ତ୍ରଣ କରୁଥିବା ଏହି ଶାଗର ପୋଷକ ତତ୍ତ୍ୱ ହୃଦ୍‌ଘାତର ଆଶଙ୍କା କମ୍ କରୁଥିବାର ଖାଦ୍ୟ ବିଶେଷଜ୍ଞଙ୍କ ମତ ।
- ନିଶାଗ୍ରସ୍ତ ବ୍ୟକ୍ତି ନିୟମିତ ସଜନା ଶାଗ ଖାଇଲେ ସେମାନଙ୍କ ଯକୃତକୁ ଶକ୍ତି ମିଳିବା ସହ ଶରୀରର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ ।

## ଅମ୍ଳଜାନ ମାପିବ ସ୍ମାର୍ଟୱାଚ୍

ସ୍ୱାସ୍ଥ୍ୟ ପାଇଁ ଖୁବ୍ ସଚେତନ ରହୁଥିବା ମଣିଷଙ୍କ ଲାଗି ମେଭୋଫିଟ୍ ଏକ ସ୍ୱତନ୍ତ୍ର ସ୍ମାର୍ଟୱାଚ୍ ପ୍ରସ୍ତୁତ କରିଛି । ଏହା ଶରୀରରେ ଅମ୍ଳଜାନ ପରିମାଣ ଜଣାଇବା ଲାଗି ସେନ୍‌ସର ଭଳି କାମ କରିବ । ମେଭୋଫିଟ୍‌ର ଏହି ସ୍ମାର୍ଟୱାଚ୍ ମେଭୋଫିଟ୍ ଏହି ସ୍ମାର୍ଟୱାଚ୍ ମେଭୋଫିଟ୍ ରେସ୍‌ଡାଇଭ୍‌ର ମୂଲ୍ୟ ମାତ୍ର ୪୯୯୦ ଟଙ୍କା ରଖାଯାଇଥିବା କମ୍ପାନୀ ପକ୍ଷରୁ ଜଣାଯାଇଛି । ଏହାକୁ ପିନ୍ଧି ଜଣେ ସନ୍ତରଣ ମଧ୍ୟ କରିପାରିବେ । ଏହି ସ୍ମାର୍ଟୱାଚ୍‌ରେ କେତେ ପାଦ ଚାଲିଲେ, କେତେ କ୍ୟାଲେରୀ ମୁକ୍ତ ହେଲା, କେତେ ଦୂର ଦୌଡ଼ିଲେ, ଦିନସାରା କେତେ ଶାରୀରିକ କାର୍ଯ୍ୟକଳାପ କଲେ ଆଦି ଜାଣିବା ଲାଗି ଟ୍ରାକର ରହିଛି । ଏହା ମଧ୍ୟ ନିଦ ପରିମାଣ, ହୃତ୍‌ସ୍ପନ୍ଦନ, ରକ୍ତଚାପ, ଅମ୍ଳଜାନ ପରିମାଣ ଜଣାଇପାରିବ । ଅନ୍ୟ ସ୍ମାର୍ଟୱାଚ୍‌ଗୁଡ଼ିକ ପରି ଏଥିରେ ବି ବ୍ଲୁଟୁଥ୍ ସଂଯୋଗ ରହିଥିବାରୁ ଫୋନ୍‌କୁ ଆସୁଥିବା ସମସ୍ତ ନୋଟିଫିକେସନ୍, ଇନ୍‌କମିଂ କଲ୍, ମେସେଜ୍‌ର ସୂଚନା ପାଇପାରିବେ । ଫାଇଣ୍ଡ ପାଇଁ ଫୋନ୍ ସୁବିଧା ଥିବାରୁ ସ୍ମାର୍ଟୱାଚ୍‌କୁ ଟ୍ରାକ୍ କରିବା ସହଜ ହେବ । ଏଥିରେ କ୍ୟାଲେଣ୍ଡର ସହ ପାଣିପାଗର ସୂଚନା ଏବଂ କ୍ୟାମେରା ନିୟନ୍ତ୍ରଣ କରିବା ସୁବିଧା ରହିଛି । ଘଣ୍ଟାରୁ ହିଁ ମୋବାଇଲ୍‌ର କ୍ୟାମେରା ପରିଚାଳନା କରିପାରିବେ । ସାଇକଲ୍ ଚାଳନା, ସନ୍ତରଣ, ସ୍କିପିଙ୍ଗ, ବ୍ୟାଡମିଣ୍ଟନ, ବାସ୍କେଟବଲ୍, ଚାଲିବା, ଦୌଡ଼ିବା ଆଦି ବିଭିନ୍ନ କାର୍ଯ୍ୟ ପାଇଁ ଏହି ସ୍ମାର୍ଟୱାଚ୍‌ରେ ଏକାଧିକ ମୋଡ୍ ରହିଛି । ଏଥିରେ ଥିବା ୮୦ ଏମ୍‌ଏଏଚ୍ ବ୍ୟାଟେରି ଥରେ ଚାର୍ଜ ହେଲେ ୪ ରୁ ୬ ଦିନ କାମ କରିପାରେ । ଧୂଳି ଏବଂ ପାଣିରେ ଏହି ଘଣ୍ଟାର କିଛି କ୍ଷତି ହୋଇନଥାଏ । ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି ।




## ପ୍ରକୃତରେ ମହିଳାଙ୍କ ହୃଦୟ ଛୋଟ

ସମସ୍ତେ କୁହନ୍ତି ମହିଳାଙ୍କ ହୃଦୟ ପୁରୁଷମାନଙ୍କଠାରୁ ଛୋଟ । ହୁଏତ ଏହାର ପ୍ରକୃତ ଅନୁଧ୍ୟାନ କରି କେହି କହି ନଥାଇ ପାରନ୍ତି କି କାହା ପାଖରେ ସମ୍ପୂର୍ଣ୍ଣ ବିବରଣୀ ନଥାଏ । ପୁରୁଷମାନେ ପ୍ରେମରେ ହାରିବା ବେଳେ ମହିଳାଙ୍କ ହୃଦୟ ଛୋଟ କଥାକୁ ଅବଶ୍ୟ କହିଥାନ୍ତି । କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ ମହିଳାଙ୍କ ହୃଦୟ ଛୋଟ ବୋଲି ବୈଜ୍ଞାନିକମାନେ ପ୍ରମାଣିତ କରିଛନ୍ତି । ସେଥିପାଇଁ ପୁରୁଷଙ୍କ ହାର୍ଟବିଟ୍ ତୁଳନାରେ ମହିଳାଙ୍କ ଅଧିକ ହାର୍ଟବିଟ୍ ହୋଇଥାଏ । ତାହାର ମୁଖ୍ୟ କାରଣ ହେଲା ଯେ ମହିଳାଙ୍କର ହୃଦୟର ଆକାର କମ ଥିବାରୁ ତାହା ଅଧିକ ଥର ସ୍ପନ୍ଦନ କରିଥାଏ । ଏହିକଥା ବି ଅନେକ ସମୟରେ ଉପମା ଦେଇକି ପରିହାସରେ ପୁରୁଷମାନେ ମହିଳାଙ୍କ ଉଦ୍ଦେଶ୍ୟରେ କହିପାରନ୍ତି କିନ୍ତୁ ଏହା ପଛର ପ୍ରକୃତ କାରଣ ଛୋଟ ହାର୍ଟ ପାଇଁ ବିଟ୍ କିନ୍ତୁ ଅଧିକ ହୋଇଥାଏ ।

## ରୋବଟ୍ କ୍ଲିନର୍‌ରେ ବିମାନ ଭିତର ସଫେଇ

କରୋନା ମହାମାରୀର ଭୟ ଲୋକଙ୍କ ମନରେ ରହିଛି । ଲୋକେ ଭୟକୁ ମନରେ ରଖି ବାହାରକୁ ବାହାରିଲେଣି । ଚାକିରି, ବ୍ୟବସାୟ ଆଦି କାମରେ ପାଖ ସହର, ରାଜ୍ୟକୁ ଯା-ଆସ ଇତିମଧ୍ୟରେ ଆରମ୍ଭ ହୋଇଯାଇଛି । ବିମାନସେବା ମଧ୍ୟ ଧୀରେ ଧୀରେ ସ୍ୱାଭାବିକ ହେଉଛି । ବ୍ରିଟେନ୍‌ରେ ଆନ୍ତଃରାଜ୍ୟ ବିମାନ ଚଳାଚଳ ଆରମ୍ଭ ହୋଇଥିବାବେଳେ ଯାତ୍ରୀଙ୍କ ସଂଖ୍ୟା ପୂର୍ବଭଳି ନାହିଁ । ଲୋକେ ଅତି ଜରୁରୀ କାମରେ ବିମାନରେ ଯା-ଆସ କରୁଛନ୍ତି । ବ୍ରିଟେନ୍ ବିମାନ କର୍ତ୍ତୃପକ୍ଷ ବିମାନ ଭିତର ସ୍ଥିତିକୁ ନେଇ ପୂର୍ବାପେକ୍ଷା ଅଧିକ ସଚେତନ । ଏବେ ରୋବଟ୍ କ୍ଲିନର୍‌ର ସହାୟତା ନିଆଯାଇ ସଫା କରାଯାଉଛି । ରୋବଟ୍ କ୍ଲିନର୍‌ର ନାମ 'ନୋଭା ରୋଭର୍' ଓ ବିମାନ ଭିତରେ ଏହା ସ୍ୱୟଂଚାଳିତ ଭାବେ କାମ କରୁଥିବାର ପ୍ରକାଶ । ଏହାକୁ ସ୍ପ୍ରେ କଲେ, ୧୨ ଫୁଟ୍ ପର୍ଯ୍ୟନ୍ତ ପରିଷ୍କାର କରୁଥିବାର ଦେଖା ଯାଇଛି । ନ୍ୟୁଜିଲାଣ୍ଡର ଏକ କମ୍ପାନୀ ଏହି ରୋବଟ୍‌କୁ ତିଆରି କରିଥିବାବେଳେ ବିଭିନ୍ନ କାମ ମଧ୍ୟ କରିଥାଏ । ପ୍ରତ୍ୟେକ ସିଟ୍‌କୁ ପରିଷ୍କାର କରିବା ସହ ଯାତ୍ରୀଙ୍କ ଶରୀରର ତାପମାତ୍ରାକୁ ମଧ୍ୟ ମାପିପାରେ । ମହାମାରୀ ସମୟରେ ପୂର୍ବ ଭଳି ଅଧିକ କର୍ମଚାରୀଙ୍କୁ କାମରେ ଲଗାଇବା ପରିବର୍ତ୍ତେ ରୋବଟ୍ କ୍ଲିନର୍ ଜରିଆରେ କାମ ହୋଇପାରୁଥିବାର କର୍ତ୍ତୃପକ୍ଷ କହିଛନ୍ତି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଜନସଂଖ୍ୟାର ଜଟିଳ ଗଣିତ...

ବିଶ୍ୱ ଜନସଂଖ୍ୟାରେ ଏବେ ଏକ ବଡ଼ଧରଣର ଓଲଟପାଲଟ ହେବାକୁ ଯାଉଛି ବୋଲି ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି । 'ୱାର୍ଲଡ ପପୁଲେସନ ରିଭ୍ୟୁ' ଏବଂ 'ମାକ୍ରୋଟ୍ରେଣ୍ଡ'ର ଗବେଷଖମାନେ ସେମାନଙ୍କ ଅଧୟନରୁ ଏହି ନିଷ୍କର୍ଷରେ ପହଞ୍ଚିଛନ୍ତି ଯେ, ଖୁବ୍ ଶୀଘ୍ର (ଚଳିତ ବର୍ଷ ଅପ୍ରେଲ ମାସ ମଧଭାଗ ସୁଦ୍ଧା) ଭାରତର ଜନସଂଖ୍ୟା ଚୀନକୁ ଟପି ଶୀର୍ଷସ୍ଥାନ ଛୁଇଁବ । କେଇ ଦଶନ୍ଧି ପୂର୍ବେ ଜନସଂଖ୍ୟା ବୃଦ୍ଧିକୁ ସରକାରଙ୍କ ଠାରୁ ଆରମ୍ଭ କରି ଜନସାଧାରଣ ଯେପରି ଏଖ ବିପଦ ଭାବରେ ଦେଖୁଥିଲେ ସେହି ଦୃଷ୍ଟିରୁ ବିଚାର କଲେ ଏହା ଦେଶପାଇଁ ଏକ ସମସ୍ୟା । କିନ୍ତୁ ଏବେ ଆଉ ତାହା ସମସ୍ୟା ହୋଇ ରହିନାହିଁ । ଜନସଂଖ୍ୟା ବୃଦ୍ଧି ବିପଦ ନହୋଇ ସଂପଦରେ ପରିଣତ ହେଲାଣି । କର୍ମଶକ୍ତି ଭାବେ ବିବେଚିତ ମାନବ ସମ୍ବଳ ଦ୍ୱାରା ହିଁ ରାଷ୍ଟ୍ରର ଆର୍ଥିକ ପ୍ରଗତି ସମ୍ଭବପର ବୋଲଇ ଅର୍ଥଶାସ୍ତ୍ରୀମାନେ ଦୃଢ଼ୋକ୍ତି ବ୍ୟକ୍ତ କରନ୍ତି । ଦୀର୍ଘ ଛଅ ଦଶନ୍ଧି ପରେ ଚୀନର ଜନସଂଖ୍ୟା ଗତବର୍ଷ (୨୦୨୦୨ରେ ଜନ୍ମ ମୃତ୍ୟୁ ହାର ତୁଳନାରେ) ହ୍ରାସ ପାଇଛି । ଏହା ସେ ଦେଶ ପାଇଁ ଯେତିକି ଖୁସି ଆଣିବା କଥା ତାହା ତୁଳନାରେ ଅଧିକ ଆଶଙ୍କା ସୃଷ୍ଟି କରିଛି । ଗତ ଛଅ ବର୍ଷ ଧରି ସେ ଦେଶରେ ଜନସଂଖ୍ୟା ଯେଉଁ ମାତ୍ରାର ଖସି ଚାଲିଥିଲା ସେଥିରେ ଆତଙ୍କିତ ହୋଇ ସରକାର ଜନସଂଖ୍ୟା ନିୟନ୍ତ୍ରଣ ପରିବର୍ତ୍ତେ ଦେଶର ନାଗରିକମାନଙ୍କୁ ଅଧିକ ସନ୍ତାନ ଉତ୍ପାଦନ ପାଇଁ ଆହ୍ୱାନ ଜଣାଇଥିଲେ । ଦମ୍ପତିମାନଙ୍କୁ ତୃତୀୟ ସନ୍ତାନ ପାଇଁ ଅନୁମତି ଦିଆଯାଇଥିଲା । ଏପରିକି ଅଧିକ ସନ୍ତାନ ଜନ୍ମ କଲେ ମାତାପିତାଙ୍କୁ ଅଧିକ ସରକାରୀ ପ୍ରୋତ୍ସାହନ ଓ ସହାୟତା ରାଶି ଯୋଗାଇ ଦିଆଯାଉଛି । ଚୀନ ଆଶଙ୍କା ପ୍ରକଟ କରୁଛି ଯଦି ଜନସଂଖ୍ୟା ଓ ଜନ୍ମହାର ହ୍ରାସ ପାଏ, ତେବେ ତାହା ଦେଶଣ ଆର୍ଥିକ ଅଭିବୃଦ୍ଧିକୁ ଦୀର୍ଘକାଳୀନ ଭିତ୍ତିରେ ପ୍ରଭାବିତ କରିବ । ଉତ୍ପାଦନ ହ୍ରାସ ପାଇବ । ସେଇଥିପାଇଁ ୨୦୨୧ ମସିହାରେ ଚୀନ କମ୍ୟୁନିଷ୍ଟ ପାର୍ଟି ତାର ପାଲିଟିବ୍ୟୁରୋ ବୈଠକରେ ଏକ-ସନ୍ତାନ ନୀତିକୁ ରଦ୍ଦ କରିଥିଲା । ପୂର୍ବରୁ ଜନ୍ମ ନିୟନ୍ତ୍ରଣ ନୀତିକୁ ଓହରାଇ ନିଆଯାଇଛି । ତାତ୍ତ୍ୱିକ ଭାବେ ବିଚାର କରି ଦେଖିଲେ ବିଂଶ ଶତାବ୍ଦୀର ବାସ୍ତବତା ଏକବିଂଶ ଶତାବ୍ଦୀରେ ଅଦରକାରୀ ହୋଇ ପଡ଼ିଛି । ଏହା ସ୍ୱତଃସିଦ୍ଧ ହୋଇସାରିଛି ଯେ, ବିଶ୍ୱବ୍ୟାପୀ ସନ୍ତାନ ଉପାର୍ଜନ କ୍ଷମତା କମିବାରେ ଲାଗିଛି । ଜାପାନ, କୋରିଆ ଓ ଅନ୍ୟ କେତେକ ୟୁରୋପୀୟ ରାଷ୍ଟ୍ରରେ ଏହା ସଂକଟଜନକ ସ୍ଥିତି ସୃଷ୍ଟି କିଛି । ଭାରତର ଆର୍ଥିକ ଅଭିବୃଦ୍ଧି ଓ ଜନସଂଖ୍ୟା ବୃଦ୍ଧିକୁ ସେହି ଦୃଷ୍ଟିରୁ ବିଚାର କଲେ ଏହା ଦେଶପାଇଁ ଏକ ସୁବର୍ଣ୍ଣ ସୁଯୋଗ ପରି ପ୍ରତୀୟମାନ ହୁଏ । ଜନସଂଖ୍ୟାବିତ୍‌ମାନଙ୍କ ତର୍ଜମା ଅନୁସାରେ, ଭାରତରେ ଜନସଂଖ୍ୟା ବୃଦ୍ଧି ମାତ୍ରା ହ୍ରାସ ପାଇଥିଲେ ସୁଦ୍ଧା ସାଂଖ୍ୟିକ ଦୃଷ୍ଟିରେ ଏହା ୨୦୬୪ ମସିହା ପର୍ଯ୍ୟନ୍ତ ବୃଦ୍ଧି ପାଇଚାଲିବ ଓ ତାହାପରେ ସ୍ଥିର ହେବ । ଏହା ଗାଣିତିକ ବିଶ୍ଳେଷଣ । ଏବେ (ଜାନୁଆରୀ ୧୮ ତାରିଖ ସୁଦ୍ଧା) ଭାରତର ଜନସଂଖ୍ୟା ୧୪୨ କୋଟି ୩୦ ଲକ୍ଷ ଛୁଇଁଛି । କରୋନା ମହାମାରୀ ଯୋଗୁଁ ୨୦୨୧ର ଜନଗଣନାକୁ ଟାଳି ଦିଆଯାଇଛି । ତାହା ହୁଏତ ନିର୍ଦ୍ଦିଷ୍ଟ ସଂଖ୍ୟା ସୂଚାଇଥାନ୍ତା । ତେବେ ଦେଶର ଅଧାଧିକ ନାଗରିକଙ୍କ ଆୟୁ ଏବେ ୩୦ ବର୍ଷ ମଧରେ ରହିଛି । ଅର୍ଥାତ୍ ଭାରତ ବିଶ୍ୱର ଯୁବ ରାଷ୍ଟ୍ର । ଏହି ଯୁବକମାନେ କୁଶଳୀ ହୋଇ ଦେଶର ବିକାଶଧାରାର ବାହକ ସାଜିପାରିବେ ଓ ବିଶ୍ୱକୁ କର୍ମଶକ୍ତି ଯୋଗାଇ ପାରିବେ । ତେଣୁ ସରକାର କୁଶଳୀ କର୍ମଶକ୍ତି ଉପରେ ନିର୍ଭର କରି ଦେଶର ଆର୍ଥିକ ପ୍ରଗତିରେ ଉତ୍ପାଦନର ମାତ୍ରାକୁ ୧୪ ପ୍ରତିଶତରୁ ୨୫ ପ୍ରତିଶତକୁ ବଢ଼ାଇବାରେ ଯୋଜନା କରିଛନ୍ତି । ଏକବିଂଶ ଶତାବ୍ଦୀ ଏସିଆର ଶତାବ୍ଦୀ ଏବଂ ସେଥିରେ ଭାରତର ଏକ ବିଶେଷ ଭୂମିକା ରହିଛି । ତେଣୁ ସର୍ବବୃହତ୍ ଜନସଂଖ୍ୟାର ଅଧିକାରୀ ହୋଇ ଭାରତ ସେହି ଶକ୍ତିକୁ କିପରି ଭାବେ ସୁବିନିଯୋଗ କରିବ ତାହା ଉପରେ ସମସ୍ତଙ୍କ ନଜର ନିବଦ୍ଧ । ଭାରତର ବିଶାଳ ଉପଭୋକ୍ତା ବଜାର ଉପରେ ସମଗ୍ର ବିଶ୍ୱ ନିର୍ଭରଶୀଳ । ଖାଦ୍ୟଶସ୍ୟ ଉତ୍ପାଦନ ଓ ଚାହିଦା ଦୃଷ୍ଟିରୁ ଦେଶ ଢ଼େର୍ ବର୍ଷ ଧରି ଆତ୍ମନିର୍ଭରଶୀଳ ହୋଇସାରିଛି । ଭାରତର ଅର୍ଥନୀତି ଏବେ ସାରା ବିଶ୍ୱରେ ଦ୍ରୁତତମ । ତେଣୁ ଏହି ସବୁ ସୁବିଧାର ସୁବିନିଯୋଗ କରି ଭାରତ ତାର ଜନସଂଖ୍ୟାର ସୁପରିଚାଳନା କଲେ ଏହା ବିଶ୍ୱର ଅନ୍ୟତମ ମହାଶକ୍ତିର ପରିଣତ ହୋଇପାରିବ । ଏକବିଂଶ ଶତାବ୍ଦୀରେ ଭାରତ ଆଡ଼କୁ ସଭିଏଁ କେବଳ ଲକ୍ଷ୍ୟ କରିବେ ନାହିଁ, ସବୁଦୃଷ୍ଟିରୁ ନିର୍ଭରଶୀଳ ହେବେ । ଏହି ବାସ୍ତବତାକୁ ହାତଛଡ଼ା ନକରି ଏହାର ସୁବିନିଯୋଗ କରାଯିବା ଜରୁରୀ ।

# ନିଖୋଜ ହେଉଛି ନଦୀ



ଇଂ.ସନ୍ଦୀପ ସତ୍ୟନାରାୟଣ ଭୂୟାଁ

କରୋନାର ଲକ୍‌ଡାଉନ୍ ଭିତରେ ଲୋକମାନେ ଘରେ ଆବଦ୍ଧ ରହୁଥିବାରୁ ଏବଂ ନଦୀନାଳକୁ ବ୍ୟବହାର ପାଇଁ ଯାଉନଥିବାରୁ ଇତିମଧରେ ଗଣମାଧମରେ ଖବର ପ୍ରକାଶ ପାଇଛି କି ଯେ ଭାରତର ଅନେକ ନଦୀ ସ୍ୱଚ୍ଛ ହୋଇପାରିଛନ୍ତି । କାରଣ ସେଥିରେ ପୂର୍ବପରି ନିୟମିତ ଆବର୍ଜନା ଆଉ ପଡୁନାହିଁ । ଜୀବନ ପାଇଁ ସବୁଠାରୁ ବଡ଼ ଆବଶ୍ୟକତା ଜଳ । ସହରରେ ନିଜ ଘରେ ଏହା ସହଜରେ ମିଳିଯାଏ । ସହରର ପରିମଳ ବ୍ୟବସ୍ଥା ଅନୁଯାୟୀ ଘରର ବର୍ଜ୍ୟବସ୍ତୁ ଆମେ ସ୍ୱରେଜକୁ ବୁହାଇଦିଏ । ଏହି ସ୍ୱରେଜ ଧାର ନଦୀ ସହ ମିଶି ଏହାକୁ ପ୍ରତିଦିନ ମାରିବାରେ ଲାଗେ । କିନ୍ତୁ ଏହାର ଖବର ଆମ ପାଖରେ ନଥାଏ । ଆମ ଘରର ବର୍ଜ୍ୟ ଜଳ ନଦୀରେ ମିଶିଲା ପରେ କ'ଣ ହୁଏ ଏହାକୁ ସମୀକ୍ଷା କରିବା ଆମ ଅଭ୍ୟାସରେ ସାମିଲ ନୁହେଁ । କହିବାକୁ ଗଲେ ଏ ସମ୍ପର୍କରେ ଜାଣିବାକୁ ଚାହିନାହୁଁ ଆମେ । ଏମିତି କାହିଁକି ହୁଏ ? ଅନେକ ସମୟରେ ମନେ ହୁଏ ଏହା ଭାରତୀୟ ସମାଜରେ ଲୁଚି ରହିଥିବା ଜାତି ବ୍ୟବସ୍ଥାର ମାନସିକ ଛାୟା । ଏଥିରେ ମଳ ମୂତ୍ର ନିଷ୍କାସନ କରିବାର ଦାୟିତ୍ୱ ଅନ୍ୟ କାହାର ଥିଲା । ବର୍ତ୍ତମାନ ଆମର ଏହି ମାନସିକତା ସରକାରୀ ବ୍ୟବସ୍ଥା ପ୍ରତି । ପାନୀୟ ଜଳ ଯୋଗାଣ କରିବା ଏବଂ ଆବର୍ଜନା ସଫା କରିବା ଏକ ସରକାରୀ କାମ ଏହି ଚିନ୍ତାଧାରା ଆମ ମନ ମସ୍ତିଷ୍କରେ ଘର କରିଗଲାଣି । ଆମର ଧାରଣା ହାତରେ ପଇସା ଥିଲେ ସବୁକିଛି ହୋଇପାରେ । ଆମର ଚିନ୍ତାଧାରା ହେଉଛି ଜଳାଭାବ ଏବଂ ବର୍ଜ୍ୟବସ୍ତୁ ପରିଚାଳନା ସାମୟିକ ସମସ୍ୟା । ଭାରତ ଧନୀ ଦେଶ ହୋଇଯିବା ମାତ୍ରେ ଏସବୁ ସମସ୍ୟା ରହସ୍ୟଜନକ ଭାବରେ ଗାଏବ ହୋଇଯିବ । ଏହାପରେ ସାରା ଦେଶରେ ନୂଆ ଭାବରେ ଇନ୍‌ଫ୍ରାଷ୍ଟ୍ରକଚର ତିଆରି ହୋଇଯିବ, ପାଣି ଏକଦମ୍ ସ୍ୱଚ୍ଛ ହୋଇଯିବ ଏବଂ ମଳମୂତ୍ର ପରି ଲାଜନକ ଜିନିଷ ଆଖି ପିଛୁଳାକେ ସହରରୁ ଉଭେଇଯିବ । ପରିବେଶବିତ୍ ଅନୀଲ ଅଗ୍ରୱାଲ ଭାରତୀୟ ପରିବେଶ ସ୍ଥିତିର ଗଭୀର ଅଧୟନ କରିବା ପରେ ୧୯୯୦ ଦଶକର ଶେଷ ଭାଗରେ କହିଥିଲେ, ଭାରତ ନିଜର ଧନୀ ଶ୍ରେଣୀକୁ ସୁବିଧାଜନକ ଭାବରେ ମଳମୂତ୍ର ବିସର୍ଜନ କରିବା ନିମନ୍ତେ ସରକାରୀ ସହାୟତା ପ୍ରଦାନ କରୁଛି । ଗତ କିଛି ବର୍ଷ ପୂର୍ବ ପର୍ଯ୍ୟନ୍ତ ନଦୀ ଭାବରେ ଜଣାଶୁଣା ଥିବା ପ୍ରାକୃତିକ ସଂରଚନାକୁ ସହରର ଆବର୍ଜନା ବୋହୁଥିବା ନାଳରେ ପରିଣତ କରିଦିଆଯାଇଛି ।

ବର୍ତ୍ତମାନ ଦିଲ୍ଲୀରେ ନଜଫଗଡ଼ ନାଳ ନାମକ ଯେଉଁ ଡ୍ରେନ ବୋହୁଛି ଏଥିରେ ସହରର ବର୍ଜ୍ୟ ଜଳ ଯମୁନା ନଦୀରେ ପହଞ୍ଚୁଛି । ହେଲେ ଖୁବ୍ କମ୍ ଲୋକ ଜାଣନ୍ତି ଏହି ନଜଫଗଡ଼ ନାଳ ଦିନେ ଏକ ହ୍ରଦ ଥିଲା । ଏହି ହ୍ରଦରୁ ସାହିବି ନଦୀ ବାହାରିଥିଲା, ଯାହା ଏବେ ସମ୍ପୂର୍ଣ୍ଣ ଅଦୃଶ୍ୟ ହୋଇଯାଇଛି । ବର୍ତ୍ତମାନ ଲୋକମାନଙ୍କ ସ୍ମୃତିରେ ଏହା ଏକ ନାଳ ଯେଉଁଥିରେ ପାଣି ନୁହେଁ କେବଳ ପ୍ରଦୂଷଣ ବହେ । ଦିଲ୍ଲୀର ପାହାଡ଼ଘେରା ଅଞ୍ଚଳରେ ଗୁଡ଼ଗାଓଁ ନାମକ ଏକ ନୂଆ ସହର ଠିଆ ହୋଇଯାଇଛି । ଏହାର ସମୁଦାୟ ଆବର୍ଜନା ନଜଫରଡ଼ ହ୍ରଦରେ ବହୁଛି । ଲୁଧିଆନାରେ ଏବେ ଅଛି ବୁଢ଼ା ନାଳ । କାରଣ ଏହି ବିରାଟ ନାଳ ଆବର୍ଜନାରେ ଭର୍ତ୍ତି । ହେଲେ କିଛି ବର୍ଷ ପୂର୍ବେ ଏହାକୁ ଲୋକେ ନାଳ କହୁନଥିଲେ ଏହାକୁ ବୁଢ଼ା ନଦୀ କହୁଥିଲେ । ଏଥିରେ ସ୍ୱଚ୍ଛ, ଶୁଦ୍ଧ ଏବଂ ସତେଜ ପାଣି ଥିଲା । ଗୋଟିଏ ପିଢ଼ି ମଧରେ କେବଳ ଏହାର ରୂପ ନୁହେଁ ନାମ ବି ବଦଳିଗଲା ।

ମିଠିକୁ ଭାରତର ଆର୍ଥିକ ନଗରୀ ମୁମ୍ବାଇର ଲା ବୋଲି କୁହାଯାଏ । ୨୦୦୫ ମସିହାରେ ବନ୍ୟା ଜଳରେ ବୁଡ଼ିବା ପରେ ଜଣାପଡ଼ିଲା ମିଠି ନାମକ ନାଳର ବାଟ ବନ୍ଦ ହୋଇଯାଇଛି । ଏହି ନାଳ ଆଜି ବି ପ୍ରଦୂଷଣ ଏବଂ ଜବରଦଖଲର ଶିକାର । କିନ୍ତୁ ମୁମ୍ବାଇବାସୀ ଏ ପର୍ଯ୍ୟନ୍ତ ବୁଝିନାହାନ୍ତି ମିଠି ମୁମ୍ବାଇ ପାଇଁ ଲା ନୁହେଁ, ବରଂ ମୁମ୍ବାଇ ମିଠି ପାଇଁ ଲା । ସହର ପାଖରୁ ଆରମ୍ଭ ହୋଇଥିବା ଏହି ନାଳ ପ୍ରକୃତରେ ଏକ ନଦୀ ଥିଲା । କିନ୍ତୁ ଆଜିର ଔପଚାରିକ ପରିବେଶ ଷ୍ଟାଟସ୍ ରିପୋର୍ଟରେ ଏହି ଜୀବିତ ନଦୀକୁ ବର୍ଷାଦିନିଆ ନାଳର ମାନ୍ୟତା ମିଳିଛି । ଏମିତି ଭାବରେ ଅନେକ ସହର ଗୋଟିଏ ପିଢି ମଧରେ ନିଜର ଅନେକ ନଦୀ ହରାଇ ବସୁଛନ୍ତି । ନଦୀଗୁଡ଼ିକ ପ୍ରତି ଏବେ ଅତ୍ୟାଚାର ପରେ ବି ଏ ବିଷୟରେ ଚିନ୍ତା କରିବାକୁ କାହାର ସମୟ ନାହିଁ । ଆମେ ନଦୀରୁ ପାଣି ଆଦାୟ କରୁଛୁ - ପିଇବା ପାଇଁ, ଜଳସେଚନ ପାଇଁ ଏବଂ ଜଳ ବିଦ୍ୟୁତ୍ ପରି ଯୋଜନା ଚଳାଇବା ପାଇଁ । ପାଣି ନେଇ ଆମେ ତାକୁ ଆବର୍ଜନା ଫେରାଉଛୁ । ଫଳରେ ନଦୀରେ ଏହାର ମୁଖ୍ୟ ଉପାଦାନ ପାଣି ଅଭାବ ହୋଇଯାଉଛି । ଧୀରେ ଧୀରେ ମଳମୂତ୍ର ଏବଂ ଔଦ୍ୟୋଗିକ ଆବର୍ଜନାର ବୋଝରେ ଏହା ଅଦୃଶ୍ୟ ହୋଇଯାଉଛି । ବର୍ତ୍ତମାନ ଆମେ ଏମିତି ଏକ ପିଢ଼ିର ସଦସ୍ୟ ଯାହା ନିଜର ନଦୀ ହରେଇ ବସୁଛି । ସବୁଠାରୁ ଲାଜ ବିଷୟ ଏହା ପରେ ବି ଆମେ ନିଜର ଜୀବନ ଶୈଳୀ ବଦଳାଇପାରୁନୁ । ବରଂ ଖୁବ୍ ବୁଝିସୁଝି ଆମେ ନିଜର ଆବର୍ଜନାକୁ ନଦୀ, ନାଳ, ହ୍ରଦ ଏବଂ ପୋଖରୀକୁ ଠେଲିଦେଉଛୁ । ବର୍ତ୍ତମାନ ଆମେ ଏମିତି ଏକ ପିଢ଼ି ଗଢ଼ି ଦେଉଛୁ ଯାହା କେବଳ ଜଳ ନଷ୍ଟ କରିବା ହିଁ ଜାଣନ୍ତି । ଏହାପର ପିଢି ଗଙ୍ଗା, ଯମୁନା, କାବେରୀ, ଦାମୋଦର ଆଦି ନଦୀ ଥିଲା ଏସବୁ ଭୁଲିଯିବେ । ସେମାନେ ଏହାକୁ ନାଳ ରୂପରେ ଜାଣିବେ ।


ପଲାଇ, ବାଲିଚନ୍ଦ୍ରପୁର,
ଯାଜପୁର,
ମୋ : ୯୪୩୯୮୬୫୪୩୧


# ପୂଜା



ପଙ୍କଜ କୁମାର ପାଣିଗ୍ରାହୀ

> ନିଜଠାରୁ ଅତ୍ୟଧିକ କ୍ଷମତାଧାରୀ ତଥା କୁହାଯାଉଥିବା ସର୍ବଶକ୍ତିମାନ ହେଉ କିମ୍ବା ମାନବିକ ଚରିତ୍ରର ଚରମ ଶୀର୍ଷରେ ଅଭିଷିକ୍ତ କେତେକ ବ୍ୟକ୍ତି ବିଶେଷଙ୍କ ସାମାଜିକ ମାନ୍ୟତା ରହିଥିବା କାରଣରୁ ବ୍ୟକ୍ତିଗତ ଆନ୍ତରିକ ମାନ୍ୟତା ପ୍ରଦାନ ପୂର୍ବକ ପୂଜା କରାଯିବା ପ୍ରାବଧାନ ରହିଥାଏ କୌଣସି ଏକ ସଂପ୍ରଦାୟରେ ଯାହାଙ୍କୁ ସେମାନେ ଭଗବାନ ବୋଲି କହିଥାନ୍ତି ।

କୌଣସି ସଭାବନା ଜନିତ ନିବିଡ଼ ସଂଶ୍ଳିଷ୍ଟ ଓ ଗ୍ରହଣୀୟତାକୁ ଚରିତାର୍ଥ କରାଯିବା ଉଦ୍ଦେଶ୍ୟରେ ଆରାଧ କର୍ମ ନୀତିକୁ ପୂଜା ବୋଲି କୁହାଯାଏ ।

ସମସ୍ତେ ପୂଜା କରନ୍ତି ।

ହେଲେ ସେହି ପୂଜାର ଭାବାର୍ଥ କ'ଣ ବୁଝନ୍ତି ?!!

ବହୁ ପ୍ରାଚୀନ ସମୟରୁ ପୂଜା ଏକ ଧାର୍ମିକ ସାମାଜିକ ରୀତି, ନୀତି ଭାବେ ପ୍ରଚଳିତ ହୋଇ ଆସୁଅଛି ଯାହା ଆଜି ସମୟରେ ମଧ ସାଧାରଣ ଜନମାନସରେ ନିଜସ୍ୱ ଭାବ ବହିର୍ଭୁତ ଏକ ପାରିପାର୍ଶ୍ୱିକ ଶୈଖିକ ଚରିତ୍ର ଭାବେ ଦେଖିବାକୁ ମିଳୁଛି ଆମ ଦେଶରେ । ସାମାଜିକ ଓ ପାରିବାରିକ ଶୈକ୍ଷିକ ପରିବେଶ ମଧରେ ପିଢ଼ିକୁ ପିଢ଼ି କ୍ରମାନୁଗତିକ ପ୍ରବାହ ହୋଇ ଆସୁଥିବା ଏକ ସାମାଜିକ ମୂଲ୍ୟବୋଧ ସମ୍ପନ୍ନ ମାନବିକ ଚରିତ୍ର ଭାବେ ସର୍ବସମ୍ମତ । କୌଣସି ମଣିଷ ପୂଜା କରୁଥିବା ବେଳେ ଅନ୍ୟମାନଙ୍କ ଦ୍ୱାରା ତାଙ୍କୁ ସମ୍ମାନ ପ୍ରଦର୍ଶନ କରାଯିବା ସହିତ ପୂଜା କରୁଥିବା ଲୋକଙ୍କ ପ୍ରତି ଜଣେ ଉତ୍ତମ ମଣିଷର ସାମାଜିକ ଗ୍ରହଣୀୟତା ରହିଥିବା ସ୍ୱୀକାର୍ଯ୍ୟ । ପୂଜା କରୁନଥିବା କିମ୍ବା ପୂଜାକୁ ବିରୁଦ୍ଧାଭାଷ ପ୍ରଦର୍ଶନ କରୁଥିବା ୧ ଭାଗ ମଣିଷଙ୍କୁ ସାଧାରଣତଃ ଅସାମାଜିକ, ଅମଣିଷ ବୋଲି ବ୍ୟାଖ୍ୟା କରିଥା'ନ୍ତି । ସମାଜର ଅନ୍ୟାନ୍ୟ ୯୯ ମଣିଷ ଯେଉଁମାନେ ପୂଜା କରନ୍ତି । ବାସ୍ତବିକ କୁହାଯାଉଥିବା ସେହି ଧାର୍ମିକ ନୀତି ପୂଜାକୁ ଆଚରଣ କରୁଥିବା ମଣିଷ ସମୂହ ପ୍ରଥମେ ଧର୍ମ ଏବଂ ତାହାର ନୀତି ପୂଜାର ସଂଜ୍ଞା ବୁଝି ତାକୁ ଉପଯୁକ୍ତ ମାର୍ଗରେ ଚରିତାର୍ଥ କରିଥା'ନ୍ତି ନା ଦେଖି ଶିଖି ଯାହା ଯେତିକି ଜାଣିଲେ /ବୁଝିଲେ ସେତିକି ହିଁ ସର୍ବସ୍ୱ ଭାବି ଆଚରନ୍ତି ? ବିଚ୍ଚର କରିବା...

ହିନ୍ଦୁମାନଙ୍କ ଦ୍ୱାରା କରାଯାଉଥିବା ପୂଜା ପଦ୍ଧତିର ପ୍ରତିରୂପ ଅନ୍ୟାନ୍ୟ କେତେକ ଧର୍ମରେ ମଧ ରହିଥିବା ଦେଖିବାକୁ ମିଳେ । ଆଉ କେତେ ଧର୍ମର ମଣିଷ ଗୁଡିକ ପୂଜା ନକରି କେବଳ ଆରାଧନା କରିଥା'ନ୍ତି ସେମାନଙ୍କ ଆରାଧ ଦେବତାଙ୍କୁ । ଏସବୁ କରୁଥିବା ଏହି ସମସ୍ତ ସମ୍ପ୍ରଦାୟର ସବୁ ମଣିଷ ଗୁଡିକ ପୂଜା ଏବଂ ଆରାଧନାର ବାସ୍ତବତା ଉପରେ ନିପୁଣ ଜ୍ଞାନ ରଖି ତାହା କରନ୍ତି ନା ଏକ ଚିରାଚରିତ ପାରମ୍ପରିକ ରୀତିନୀତି ଭାବେ ସେସବୁ ଗ୍ରହଣ କରିଛନ୍ତି ? ସେସବୁ କରିବା ଦ୍ୱାରା ସେମାନଙ୍କର କୌଣସି ଦିଗରେ କିଛି ଲାଭ ହୋଇଥାଏ କି କ୍ଷତି ନା କେବଳ ମାନସିକ ସନ୍ତୁଷ୍ଟି ମିଳିଥାଏ ? କୌଣସି ସମୟରେ ଏହା ଦ୍ୱାରା ସେମାନଙ୍କ ଜ୍ଞାନବର୍ଦ୍ଧିଷ୍ଣୁ ବିଚ୍ଚର ଆସିଥାଏ କି ପୁନର୍ଜନ୍ମ ହୋଇ ପୁଣି କିଛି ଭଲ ପାଇବା ଆଶା ଭଳି ଆହୁରି ଅନେକ ଅନ୍ୟାନ୍ୟ କାରଣରୁ ଏସବୁ କରିଥା'ନ୍ତି ବିଚ୍ଚର କରି ଦେଖିବା...

କିଛି ଖାଦ୍ୟ, ସୁଗନ୍ଧିତ ପଦାର୍ଥ ସହିତ ସଂସ୍କୃତ ଭାଷରେ ମନ୍ତ୍ର ଉଚ୍ଚାରଣ କରି ପୂଜା କରାଯାଇଥାଏ ଆରାଧ ଦେବାଦେବୀଙ୍କୁ । ଅନୁରୂପ କିଛି ମନସ୍କାମନା ଅର୍ପଣ ପୂର୍ବକ ମାନ୍ୟତା ରହିଥିବା ପରମ ପୁରୁଷଙ୍କୁ ସ୍ମରଣ କରାଯାଇଥାଏ କୌଣସି ଭବିଷ୍ୟ ସ୍ୱାର୍ଥ ବିଚ୍ଚର ରଖି ଯାହାକୁ କୁହାଯାଇଥାଏ ଆରାଧନା । ଏଗୁଡିକ ପ୍ରାୟତଃ ସମଗ୍ର ବିଶ୍ୱର ବିଭିନ୍ନ ସ୍ଥାନ ମାନଙ୍କରେ ଦେଖିବାକୁ ମିଳେ ବିଭିନ୍ନ ରୂପରେ ସମ୍ପୃକ୍ତ ଅଧିବାସୀଙ୍କ ପାରିପାର୍ଶ୍ୱିକ ପରିବେଶ, ଚଳଣିକୁ ନେଇ । ଏମିତି ମଧ ଦେଖିବାକୁ ମିଳେଯେ ଗୋଟିଏ ସମ୍ପ୍ରଦାୟର ଲୋକେ ଅନ୍ୟ କୌଣସି ସମ୍ପ୍ରଦାୟର ପୂଜା, ଆରାଧନା ଗୁଡିକ ପ୍ରତି ମୁହଁରେ ବିରୁଦ୍ଧାଭାସ ରଖିନଥିଲେ ମଧ ଆନ୍ତରିକ ମାନ୍ୟତା ଦେଇନଥା'ନ୍ତି କି ସେଗୁଡିକୁ ଗ୍ରହଣ କରିନଥା'ନ୍ତି ! ସାମ୍ପ୍ରଦାୟିକ ବଚନବଦ୍ଧତା କାରଣରୁ ନିଜର ପୂର୍ବଜଙ୍କ ସ୍ୱାଭିମାନ ରକ୍ଷା କରି ନିଜକୁ ସେହି ସମ୍ପ୍ରଦାୟର ବୋଲି ପରିଚୟ ଦେବା ପାଇଁ ଏହା ଏକ ଦୃଢ଼ ସଙ୍କଳ୍ପବଧ ବିଚ୍ଚରଧାରା, ସୃଷ୍ଟି ହୋଇଥାଏ ମଣିଷ ମନରେ । ତେଣୁ ସମ୍ପ୍ରଦାୟବାଦ ଆଜି ମଧ ସମଗ୍ର ବିଶ୍ୱରେ ତୀବ୍ର ରୋଚକ ପୂର୍ଣ୍ଣ ଭାବେ ପ୍ରତିଫଳିତ ହେଉଥିବା ଦେଖିବାକୁ ମିଳୁଛି । କୌଣସି ସମୟରେ ଏହି ପୂଜା, ଆରାଧନାକୁ କିଏ କେଉଁ ଉଦ୍ଦେଶ୍ୟରେ କିଭଳି ବ୍ୟବହାର କରିବା ପାଇଁ ସୃଷ୍ଟି କରିଥିଲା ଏବଂ ତାହାର ପ୍ରକୃତ ଉଦ୍ଦେଶ୍ୟ କ'ଣ ଥିଲା ଏବଂ ମଣିଷ ସମୟକ୍ରମରେ ତାକୁ କେଉଁ ସ୍ତରକୁ ନେଇ ଆସିଛି, ତାହାର କୌଣସି ବିଧିବଦ୍ଧ ନିଦର୍ଶନ ନାହିଁ କାହା ପାଖରେ । ତଥାପି କେବଳ ପୂର୍ବଜ ଏବଂ ଉପସ୍ଥିତ ବୟୋଜ୍ୟେଷ୍ଠଙ୍କୁ ଅନୁକରଣ କରି ଆମେ ଯାହା ସବୁ କରୁଛେ ସେସବୁର ବାସ୍ତବ ଦାର୍ଶନିକ ମର୍ମ କ'ଣ ଏବଂ ଆମେ କରୁଛେ କ'ଣ ବିଚ୍ଚର କରି ଦେଖିବା...

ନିଜଠାରୁ ଅତ୍ୟଧିକ କ୍ଷମତାଧାରୀ ତଥା କୁହାଯାଉଥିବା ସର୍ବଶକ୍ତିମାନ ହେଉ କିମ୍ବା ମାନବିକ ଚରିତ୍ରର ଚରମ ଶୀର୍ଷରେ ଅଭିଷିକ୍ତ କେତେକ ବ୍ୟକ୍ତି ବିଶେଷଙ୍କ ସାମାଜିକ ମାନ୍ୟତା ରହିଥିବା କାରଣରୁ ବ୍ୟକ୍ତିଗତ ଆନ୍ତରିକ ମାନ୍ୟତା ପ୍ରଦାନ ପୂର୍ବକ ପୂଜା କରାଯିବା ପ୍ରାବଧାନ ରହିଥାଏ କୌଣସି ଏକ ସଂପ୍ରଦାୟରେ ଯାହାଙ୍କୁ ସେମାନେ ଭଗବାନ ବୋଲି କହିଥା'ନ୍ତି । ସେମାନଙ୍କ ଚରଣାଶ୍ରିତ ହୋଇ ନିଜର ସର୍ବସ୍ୱ ଚେତନାକୁ ଜଳାଳି ଦେଇ ଭକ୍ତିପୂତ ସମ୍ମାନ ପ୍ରଦର୍ଶନ ପୂର୍ବକ ଆବାହନ କରାଯାଇଥାଏ କିଛି ଶ୍ଳୋକ, ମନ୍ତ୍ର ମାଧମରେ ଯାହାଙ୍କୁ ଆମେ ହୁଏତ କେବେ ଦେଖିନାହୁଁ, ତାକୁ ପୂଜା କୁହାଯାଉଅଛି ଆଜି ସମୟରେ । ସେହି ସମୟରେ କେତେକ ଶୁଦ୍ଧ, ପ୍ରାକୃତିକ ସାକାହାରୀ ଖାଦ୍ୟ ପଦାର୍ଥ ସହିତ କିଛି ସୁଗନ୍ଧିତ, ପରିଷ୍କାର ପାରିଚ୍ଛନ୍ନତା ବିଶିଷ୍ଟ ପରିବେଶ ସୃଷ୍ଟି କରାଯାଇ ନିଜକୁ ଶୁଦ୍ଧପୂତ କରି ସେହି ଆବାହନ କରାଯିବା ପ୍ରକ୍ରିୟାକୁ ପୂଜା ବୋଲି ଗ୍ରହଣ କରାଯାଇ ଅଛି କେଉଁ ଆବାହମାନ କାଳରୁ । ଏତଦ୍ ବ୍ୟତିତ ପୂଜା ଶେଷରେ କିଛି ଧୂପର ଆହୁତି ଏବଂ ବିଭୁତିକୁ କିମ୍ବା ପ୍ରସାଦ ହେଉ କି ନିର୍ମାଲ୍ୟ ସଦୃଶ୍ୟ ଶୁଖିଲା ଖାଦ୍ୟ କଣିକାର ସମୟ ସାପେକ୍ଷ ବ୍ୟବହାର ଆମକୁ ପବିତ୍ର କରୁଥିବା ମାନ୍ୟତା ରହିଛି ଆମ ସମାଜରେ । ଏସବୁ ପ୍ରାୟତଃ ସବୁ ବର୍ଗର ଶିକ୍ଷିତ / ଅଶିକ୍ଷିତ / ନିର୍ବୋଧ / ଅଜ୍ଞାନ ହେଉ କି କୌଣସି ସାମାଜିକ ଶୀର୍ଷ ସ୍ଥାନିତ ମଣିଷଙ୍କ ଦ୍ୱାରା ଗ୍ରହଣୀୟ ହେଉଥିବା ଦେଖିବାକୁ ମିଳୁଛି ସର୍ବତ୍ର । କାହିଁ କେଉଁ ଆଶାତୀତ ଅତୀତ ସମୟରୁ ଏହି ମାନ୍ୟତା, ଗ୍ରହଣୀୟତା ପ୍ରଚଳିତ ଆମ ସମାଜରେ ଅଦ୍ୟାବଧି ତାହାର କିଛି ବାସ୍ତବବାଦୀ, ପ୍ରାକୃତିକ ଉପକାର ରହିଛି କି ନାହିଁ ହୁଏତ କେହି ନଜାଣି ମଧ କେବଳ ଚିରାଚରିତ ପରମ୍ପରାକୁ ବଜାୟ ରଖିବା ଉଦ୍ଦେଶ୍ୟରେ ତଥା ନିଜର ଭୟକୁ ଦୂର କରିବା, ଏବଂ ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରିବା ଲକ୍ଷ୍ୟ ରଖି କରିଥା'ନ୍ତି ଏହି ସବୁ । ନିର୍ଭୀକ, ନିଃସ୍ୱାର୍ଥ ହୁଏତ ଏସବୁ କରୁନାହାନ୍ତି ବୋଲି ଆମର ଅନୁମାନ । ଏହି ପ୍ରଥାକୁ ନମାନଲେ କୌଣସି ଅନିଷ୍ଟ ହେବାର ଆଶଙ୍କା ମଣିଷକୁ ଅନିଚ୍ଛା ସତ୍ତ୍ୱେ କିଛି ଦୂର ଟାଣି ନେଉଥିବା ମଧ ଦେଖିବାକୁ ମିଳିବ ଭଲ ଭାବେ ଅନୁଧାନ କଲେ । ହେଲେ ବାସ୍ତବିକ ଏହି ପ୍ରଥାର ପ୍ରକୃତ ପୂଜା ସହିତ କୌଣସି ସାମସ୍ୟ ରହିଛି ନା ଏହା ଏକ ଭୟାତୁର, ସ୍ୱାର୍ଥନ୍ୱେଷୀ ସାମାଜିକ ପରିବର୍ତ୍ତିତ ବିକଳ୍ପ ଭାବେ ମଣିଷ ଗ୍ରହଣ କରୁଛି ବିଚ୍ଚର କରି ଦେଖିବା ।


ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ-୭୬୧୦୨୦
ମୋ : ୯୪୩୭୩୨୪୯୧୭





## ଶବ୍ଦ ନିଅଣ୍ଟ

ବିବୁଲ ମହାକୁର



ଅସଫଳତା ହାରିଯାଏ ତୋ ଆଗରେ
ବାଟ ଚାଲୁଚାଲୁ ଥକିଯାଏ,
ତୋର ପ୍ରତିଟି ଚିନ୍ତା ଓ ଚେତନାରେ
ଉତ୍ସାହ ବସା ବାନ୍ଧେ ।

ଜୀବନ ଓ ସଂଘର୍ଷ ତ ଚିରସାଥୀ
ତା ମଧେ ତୋ ପ୍ରଚେଷ୍ଟା,
ଶିଖେଇ ଦିଏ ସଭିଙ୍କୁ
ବଞ୍ଚିବାର ଆଶା ।

ତୋ ଭାବନାର ସମୁଦ୍ରକୁ
ମୋ ଶବ୍ଦ ନିଅଣ୍ଟ,
ତୋ ଗୁଣ ପସରାକୁ
ମୋ ଭାବ ।

ଆମ୍ଭର ମଧରେ ହଜେଇଦଉ
ଜୀବନର ଅହଂ,
ସଂଘର୍ଷର କାହାଣୀ କହେ
ତୋର ପ୍ରତିଟି ପାଦ ।

ନିଦାଘରେ ତୋ ଭାବନା
ଅଛରାଏ ବର୍ଷା ଦିଏ,
ଅତୃପ୍ତ ଆତ୍ମାକୁ
ଘଡ଼ିଏ ଶାନ୍ତି ଦିଏ ।

'ମୁଁ' ବିହୀନ ତୋ ଜୀବନ
ନିଃସ୍ୱାର୍ଥପରତା ର ଅନ୍ୟନାମ,
ପାଇବା ହରେଇବାର ହିସାବ ନାହିଁ
ତୁ ତ ଏକ ଦିବାସ୍ୱପ୍ନ ।


ଗ୍ରାମ/ ପୋଷ୍ଟ - ବୁର୍ଢ଼ା
ଥାନା - ଲୋଇସିଂହା
ଜିଲ୍ଲା - ବଲାଙ୍ଗୀର
ମୋ: ୮୨୪୯୭୦୨୨୫୨


## ହକି

ବସନ୍ତ କୁମାର ପଣ୍ଡା

ଚଇନୀ ଚିକ୍କଣ ହକି ମଇଦାନ
ମପା ଜୁପା କ୍ରୀଡାକ୍ଷେତ୍ର
ହଜାର ଦର୍ଶକ ମନ ମୋହିନିଏ
ତୃପ୍ତ ହୋଇଯାଏ ନେତ୍ର ।

ପଡିଆ ମଝିରେ ଧାଆନ୍ତି ଖେଳାଳି
ହାତେ ଧରି ହକି ବାଡ଼ି
ଦୁଇ ଦଳ ମଧେ ଚାଲିଥାଏ ଭାରି
ବୀର ଦର୍ପେ ଭିଡା ଭିଡି ।

ସଭିଙ୍କର ଥାଏ ଗୋଟିଏରେ ଦୃଷ୍ଟି
ତାହା ଏକ ଛୋଟ ବଲ
ସମସ୍ତେ ଚାହାନ୍ତି ନିଜ ଦଳ ପାଇଁ
କେବେ ହେବ ଗୋଟେ ଗୋଲ ।

ଯେତେକ ଦର୍ଶକ ନିଜ ସମର୍ଥକ
ଅସୀମ ଆବେଗ ଭରେ
ହୋ.. ହାଲ୍ଲା କରି ଡାକନ୍ତି ଚିତ୍କାରୀ
ଲଗାଅ ଭାଇ ପାହାରେ ।

ସମରର ପ୍ରାୟ କୋଳାହଳମୟ
ସାରା ହକି ମଇଦାନ
ତାଣ୍ଡବର ତାଳେ ଆମ ଦେଶ ଖେଳେ
ହେବାପାଇଁ ଚମ୍ପିୟାନ ।

ଚାହୁଁ ଚାହୁଁ ଖେଳ ସମାପନ ହୁଏ
ଜିତାପଟେ ମହାନନ୍ଦ
ହାରିବା ଦଳର ଖେଳାଳୀ ସାଙ୍ଗକୁ
ସମର୍ଥକଙ୍କର କାନ୍ଦ ।

ଖେଳ ଦେଖୁ ଦେଖୁ ସ୍ମରଣେ ଆସନ୍ତି
ଧ୍ୟାନଚାନ୍ଦ ଜୀ ମେଜର
ବଲବୀର ସିଂହ ସିନୀୟର ଆଉ
ଧନରାଜ ହକି ବୀର ।

କଳେ କଉଶଳେ ଭାରତୀୟ ଖେଳେ
ବିଜୟର ମଥା ଟେକି
ଜାଗେ ଜୟରବ ଆମ ଗଉରବ
ଆମ ଜାତି ଖେଳ ହକି ।

ହାରେ ନାହିଁ ବୀର ଏ ଦେଶ ପୁତର
ଖେଳ ହେଉ ବା ସମରେ
ହିଂସ୍ର ନୁହିଁଇ ଏ ଦେଶ ଶୋଣିତ
ଅହିଂସାରେ ଜିତି ପାରେ
ଏହି ଏ ଜାତି ପ୍ରକୃତି
ଯେଉଁ ଭାବନାରେ ଜାତୀୟତା ଭାବ
ଆମ ଜାତୀୟ ସଂହତି ।


+ ବଇଁଚା, ଇରମ,ଭଦ୍ରକ


## ଝୁରେ ନିମିକି ସଡ଼କ

ସୁଧୀର ମହାନ୍ତି(ଟୁନା)



ବଢ଼ାଇ ଦେ ଥରେ ତୋ ହାତ ସଙ୍ଗାତ
ଏକରୁ ହେବ ଅନେକ
ତୋ ପୂର୍ବ ପୁରୁଷ ଏ ଦେଶ ଭକତ
ଆମରି ମାଟିର ଟେକ ।

ଆମ ଗାଆଁ କଥା ଜାଣିଛି ଜଗତ
କର୍ମୀ ଏକକୁ ଆରେକ
ସହିଛି କଷଣ ଘାତ ପ୍ରତିଘାତ
ମୁକତି ପୀଠେ ଅନେକ ।

ସତ୍ୟାଗ୍ରହ ମନ୍ତ୍ରେ ସତ୍ୟାଗ୍ରହୀ ବ୍ରତ
ଟିକସ ଛାଡ଼ର ଡାକ
ପୋଲିସ ପିଟାରେ କେତେ ରକ୍ତପାତ
ଭୋଗିଛନ୍ତି ଗାଆଁ ଲୋକ ।

ସାଆନ୍ତ କରଦ ପୂଜ୍ୟ ପୁରୋହିତ
ବନ୍ଦୀଶାଳାରେ ଅଟକ
ସହିଣ ବିଦେଶୀ ହାତେ ମାଡ଼ ବେତ
ଗୋରା ସାହେବ ଧମକ ।

ବାବୁ ଘରେ ପଶି ପୋଲିସ ଉତ୍ପାତ
ଭାଙ୍ଗିଲେ ବଡ଼ ସିନ୍ଦୁକ
ମାଆ ସାହାନ୍ତାଣୀ ପାଇଲେ ଆଘାତ
ନଶୁଣି ସାଆନ୍ତ ଡାକ ।

ନଈ ନାଳ ଡେଇଁ କେତେ ହରକତ
ସହିଛି ପେଟର ଭୋକ
ବାଡି ବଗିଚାରେ ନିଶି ହେଲା ଗତ
ଫିରିଙ୍ଗି ଦାଉର ଶୋକ ।

ମରଦ ବିହୁନେ ବାଳୁତ ସହିତ
ମାଆ ମାଉସୀ ଅବାକ୍
ପେଟ ପାଇଁ ଗଣ୍ଡେ ନମିଳିଲା ଭାତ
ପୋଲିସ ଘେରିଲା ଛକ ।

ବୀରା ରମଣୀଙ୍କ ସହଯୋଗ ହାତ
ଭେଳେଇ କରିଲେ ଏକ
ଉଚ୍ଚ ସଙ୍ଗେ ନୀଚ ଏକତ୍ର ଜାଗ୍ରତ
ଲୁଣରେ ମୁକ୍ତି ମହକ ।

ଦରିଆ ଆଡ଼ିଆ ଭୂଇଁକୁ ବରାତ
ଲୁଣ ମାରିବାକୁ ଡାକ
ଆମଗାଁ ଖବର ଶୁଣିଛି ଭାରତ
ସାକ୍ଷୀ ଇଂଚୁଡ଼ି ମୂଳକ ।

କଚେରୀ ଚୂଡ଼ାରେ ତ୍ରିରଙ୍ଗାର ନେତ
ଉଡ଼ାଇବାକୁ ତରକ
ନିଘା ନାହିଁ ପଛୁ ଇଂରେଜର ନାତ
ଭାଙ୍ଗିଲା କଙ୍କାଳ ବେକ ।

ଗାନ୍ଧୀ ଗୋପବନ୍ଧୁ ସଙ୍ଗେ ସହମତ
ଶୁଣି ମାଆ ମାଆ ଡାକ
କଥାକାର କବି ଦେଶପ୍ରେମ ଗୀତ
ଗାଇଥିଲେ ଗାଆଁ ଲୋକ ।

ଶ୍ରୀଜଙ୍ଗର ଦୁଃଖ ଇତିହାସେ ବିତ୍ତ
କର୍ମୀ ମହଲରେ ଶୋକ
ସୁମରଇ ଗତ ଏକତା ମହତ
ପନ୍ଦର ଅଗଷ୍ଟ ଝୀକ ।

ନବ ଦିଗନ୍ତରେ ଅଗଷ୍ଟ ପ୍ରଭାତ
ଜୟହିନ୍ଦ୍ ପୂଣ୍ୟ ଶ୍ଳୋକ
ତ୍ରିରଙ୍ଗା ଚରଣେ ପିଢ଼ି ପ୍ରଣିପାତ
ଝୁରେ ନିମିକି ସଡ଼କ ।


ବାଲେଶ୍ୱର



କାର୍ତ୍ତିକ ସାଇଁ


# ମିନା ଅପାଙ୍କ ରାମାୟଣ ଟୁଙ୍ଗି (୭୨)

## ରାବଣକୁ ଶ୍ରୀରାମଙ୍କ ଚିଠି ପ୍ରେରଣ



(ପୂର୍ବ ପ୍ରକାଶିତ ଉତ୍ତାରୁ)

"ଅହଂକାରୀ ରାବଣ କାହାର ଉପଦେଶ ଶୁଣିବାକୁ ପ୍ରସ୍ତୁତ ନଥିଲା। ଏପରିକି ନିଜର ମାତାମହ ମାଲ୍ୟବାନଙ୍କ କଥାରେ ହସିଥିଲା ଓ ତାଙ୍କର ମତି-ଭ୍ରମ ହୋଇଛି ବୋଲି କହିଥିଲା।" ମିନା ଅପା ରାମାୟଣ କଥା ଆରମ୍ଭ କଲେ।

"ଯୁଦ୍ଧ ଆରମ୍ଭ ହେବ- ଏ ସମ୍ପର୍କରେ ରାବଣର କିଛି ସନ୍ଦେହ ନଥିଲା। ତେଣୁ ସେ ତାର ସେନାପତି ଓ ସେନାବାହିନୀକୁ ସଜାଗ କରିଦେଲା।

ରାବଣ ତାର ସେନାପତି ପ୍ରହସ୍ତକୁ ପୂର୍ବଦ୍ୱାର ଜଗିବାକୁ ଆଦେଶ ଦେଲା। ସେହିପରି ମହାପାର୍ଶ୍ୱକୁ ଦକ୍ଷିଣ ଦ୍ୱାର, ପଶ୍ଚିମରେ ଇନ୍ଦ୍ରଜିତ୍ ଓ ଶୁକ ସାରଣଙ୍କୁ ଉତ୍ତର ଦ୍ୱାର ଜଗିବାକୁ ଆଦେଶ ଦେଲା। ମଧ୍ୟଭାଗରେ ବିରୁପାକ୍ଷ ସୈନ୍ୟ ସାମନ୍ତଙ୍କ ସହିତ ଲଙ୍କା ନଗରୀର ମଧ୍ୟ ଭାଗରେ ରହିଲା।

ଶ୍ରୀରାମ ମଧ୍ୟ ନିଜ ବାନର ଓ ଭଲ୍ଲୁକ ସେନାଙ୍କ ଭାଗ ଭାଗ କରିଦେଲେ। ନୀଳ ବାନର ସେନା ନେଇ ପୂର୍ବ ଦ୍ୱାରରେ ଯୁଦ୍ଧ କରିବାକୁ ପ୍ରସ୍ତୁତ ରହିଲେ। ଦକ୍ଷିଣ ଦ୍ୱାରର ସେନାପତି ହେଲେ ବାଳିପୁତ୍ର ଅଙ୍ଗଦ। ପଶ୍ଚିମ ଦ୍ୱାରରେ ନେତୃତ୍ୱ ନେଲେ ବୀର ହନୁମାନ। ଶ୍ରୀରାମ ନିଜେ ଲକ୍ଷ୍ମଣଙ୍କ ସାଙ୍ଗରେ ନେଇ ଉତ୍ତର ଦ୍ୱାରରେ ଆକ୍ରମଣ କରିବାକୁ ପ୍ରସ୍ତୁତ ହୋଇଗଲେ। ମଧ୍ୟସ୍ଥାନରେ ରହିଲେ ବିଭୀଷଣ ଜାମ୍ବବାନ ଓ ସୁଗ୍ରୀବ। ଯୁଦ୍ଧ ଲାଗି ଶ୍ରୀରାମ ସମସ୍ତଙ୍କୁ ସଜାଗ କରିଦେଲେ।



ଯୁଦ୍ଧ ଆରମ୍ଭ ହେବା ଆଗରୁ ଶ୍ରୀରାମ ଦୁଇଟି କାମ କଲେ। ପ୍ରଥମେ ସେ ଲଙ୍କା ନଗରୀ ପାଖରେ ଥିବା ଅତି ଉଚ୍ଚ ସୁବେଳ ପର୍ବତ ଶିଖରକୁ ଯାଇ ରାବଣର ସୈନ୍ୟ ବ୍ୟବସ୍ଥା ଉପରେ ଆଖି ବୁଲାଇ ଆଣିଲେ। ରାବଣ ଜଣେ ବଡ଼ ଯୋଦ୍ଧା ଥିଲା। ତାର ସୈନ୍ୟ ସଂରଚନା ଦେଖି ଶ୍ରୀରାମ ରାବଣର ବହୁତ ପ୍ରଶଂସା କଲେ।

ସେ ଯୁଗରେ ଯୁଦ୍ଧ ହେବା ଆଗରୁ ନ୍ୟାୟବାନ ରାଜା ଯୁଦ୍ଧକୁ ଟାଳିବାକୁ ଚେଷ୍ଟା କରୁଥିଲେ। ନିଜ ଦୂତକୁ ପଠାଇ ବିଭିନ୍ନ ପ୍ରସ୍ତାବ ପଠାଉଥିଲେ ଓ ଯୁଦ୍ଧ ବିନା ସମାଧାନ ଆଣିବାକୁ ଚେଷ୍ଟା କରୁଥିଲେ। ଶ୍ରୀରାମ ସେ ପରମ୍ପରାର ଉଲଂଘନ କରନ୍ତେ କିପରି ? ସେ ଜାଣିଥିଲେ ଅଧର୍ମୀ ଓ ଅହଂକାରୀ ରାବଣ ତାଙ୍କ ପ୍ରସ୍ତାବ ଗ୍ରହଣ କରିବ ନାହିଁ। ତଥାପି ସେ ଶାନ୍ତି ଲାଗି ଲଙ୍କାକୁ ଦୂତ ପଠାଇବାକୁ ଚାହିଁଲେ।

ସେଥିଲାଗି ସେ ଅଙ୍ଗଦଙ୍କୁ ନିଜର ଦୂତ କରି ରାବଣ ପାଖକୁ ପଠାଇଲେ। ଅଙ୍ଗଦଙ୍କ ହାତରେ ସେ ଏକ ପତ୍ର ପ୍ରେରଣ କରି ରାବଣକୁ ଚେତାବନୀ ଦେଇଥିଲେ ଓ ଏ କଥା ସ୍ପଷ୍ଟ ଭାବରେ ଲେଖିଥିଲେ ଯେ ସେ ଯୁଦ୍ଧ ଚାହାନ୍ତି ନାହିଁ। ରାବଣ ଭୁଲ ମାଗୁ ଓ ସୀତାଙ୍କୁ ସସମ୍ମାନେ ରାମଙ୍କ ପାଖରେ ଛାଡ଼ିଯାଉ।

ଅଙ୍ଗଦ ଶ୍ରୀରାମଙ୍କ ଚିଠି ନେଇ ରାବଣ ରାଜସଭାରେ ପହଂଚିଲା। ଅଙ୍ଗଦ ଠିକ୍ ହନୁମାନଙ୍କ ପରି ଦେଖାଯାଉଥିଲେ। ତାଙ୍କୁ ଦେଖି ସମସ୍ତେ ଡରିଗଲେ। ହନୁମାନ କରିଥିବା ଧ୍ୱଂସ ଲୀଳାକୁ ସେମାନେ ମନେ ପକାଇଲେ।

ବୀର ଅଙ୍ଗଦ ରାବଣର ରାଜସଭାରେ ନିଜ ଲାଙ୍ଗୁଳର ଏ ସିଂହାସନ କରି ତା ଉପରେ ବସିଲେ ଓ ରାବଣକୁ ଶ୍ରୀରାମଙ୍କ ଚିଠି ପଢ଼ି ଶୁଣାଇଲେ। ପ୍ରଥମେ ରାବଣ ଶ୍ରୀରାମଙ୍କର ଓ ଅଙ୍ଗଦଙ୍କର ବହୁତ ନିନ୍ଦା କଲେ। ଅଙ୍ଗଦ ରାବଣକୁ ତାଙ୍କ ପିତା ବାଳିଦ୍ୱାରା ଦିଆଯାଇଥିବା ଦଣ୍ଡକୁ ମନେ ପକେଇ ଦେଲେ ଓ ରାବଣକୁ ଯଥାଶୀଘ୍ର ସୀତାଙ୍କୁ ସସମ୍ମାନେ ଶ୍ରୀରାମଙ୍କ ପାଖକୁ ପଠାଇବାକୁ ଉପଦେଶ ଦେଲେ। "ନହେଲେ ତୋ ସହିତ ତୋର ସୁନାର ଲଙ୍କା, ଧ୍ୱଂସ ହୋଇଯିବ" ଅଙ୍ଗଦ ରାବଣକୁ ଚେତାବନୀ ଦେଲେ।

ରାବଣ ଅଙ୍ଗଦଙ୍କ ଉପଦେଶକୁ ଶୁଣିବାକୁ ପ୍ରସ୍ତୁତ ନଥିଲା। ସେ ତାର ସୈନ୍ୟମାନଙ୍କୁ ଅଙ୍ଗଦକୁ ଧରି ଦଣ୍ଡ ଦେବାକୁ ଆଦେଶ ଦେଲା। ଅଙ୍ଗଦ ଚାହିଁଥିଲେ ହନୁମାନଙ୍କ ପରି ଲଙ୍କାର କ୍ଷୟକ୍ଷତି କରି ପାରିଥାନ୍ତେ, ମାତ୍ର ସେ ଜଣେ ଦୂତର ମର୍ଯ୍ୟାଦା ରଖି ଶ୍ରୀରାମଙ୍କ ପାଖକୁ ଫେରିଯିବା ଠିକ୍ ଭାବିଲେ। ଯିବା ଆଗରୁ ସେ ରାବଣର ମୁକୁଟ ଉପରେ ବସି ତାକୁ ନେଇ ଆକାଶକୁ ଉଠିଗଲେ।

ଅଙ୍ଗଦ ଆକାଶ ମାର୍ଗରେ ଉଡ଼ି ଉଡ଼ି ଶ୍ରୀରାମଙ୍କ ପାଖରେ ପହଂଚିଗଲେ ଓ ରାବଣର ଅନ୍ୟାୟ, ଅତ୍ୟାଚାର ଓ ଅହଂକାର ସଂପର୍କରେ କହିଲେ। "ଦୁଷ୍ଟ ରାକ୍ଷସ ତାର ମୃତ୍ୟୁକୁ ନିମନ୍ତ୍ରଣ ଦେଉଛି, ତେଣୁ ଯଥାଶୀଘ୍ର ଆପଣ ତାର ବଧ କରନ୍ତୁ"। ଅଙ୍ଗଦ ଶ୍ରୀରାମଙ୍କୁ ପ୍ରାର୍ଥନା କଲେ।

ଅଙ୍ଗଦ କଥା ଶୁଣି ପ୍ରଭୁ ଶ୍ରୀରାମ ମିତ୍ର ସୁଗ୍ରୀବ ଓ ବିଭୀଷଣଙ୍କ ଆଡ଼େ ଚାହିଁଲେ। "ଯୁଦ୍ଧ ଅବଶ୍ୟାମ୍ଭବୀ। ଯୁଦ୍ଧ ଲାଗି ସମସ୍ତେ ପ୍ରସ୍ତୁତ ହୋଇଯାଅ।" ଶ୍ରୀରାମ ସମସ୍ତଙ୍କୁ ଆଦେଶ ଦେଲେ।

ମିନା ଅପା ରାମାୟଣ କଥା ଏଇଠି ରଖିଲେ।(କ୍ରମଶଃ)


+ମୋ: ୯୯୮୦୩୦୦୭୫୧


# ଆଦିମାନବ



ନଗେନ୍ଦ୍ର ନାଥ ପଟ୍ଟନାୟକ




'ମା' ଆମ ପୂର୍ବପୁରୁଷ କ'ଣ ମଣିଷ ଥିଲେ ?' ସ୍କୁଲର ଫେରିଆସି ବସ୍ତାନିଟି ଘରର ଗୋଟେ କୋଣକୁ ଫିଙ୍ଗିଦେଇ ନିତିନ ସହସା ପଚାରିଲା ।

'ହଁ, କିନ୍ତୁ ତୁ ଏ ପ୍ରଶ୍ନ ପଚାରୁଚୁ କାଇଁକି ?'

- 'ଆଜି ଆମ ସ୍କୁଲର ଗୁରୁଜୀ କହିଲେ ।'

'ଗୁରୁଜୀ ଆଉ କଣ କହିଲେ ?'

-ହଜାର ବର୍ଷ ଆଗରୁ ମଣିଷ ଜଙ୍ଗଲରେ ରହୁଥିଲା। ଜଙ୍ଗଲୀ ଜୀବଜନ୍ତୁଙ୍କୁ ଶିକାର କରି ସେମାନଙ୍କ କଂଚା ମାସ ଆହାର କରୁଥିଲା। ସେମାନଙ୍କ ଘର ଆମ ଉଆସ ଭଳି ନ ଥିଲା। ସେମାନେ ଲୁଗାପଟା ପିନ୍ଧିବା ଜାଣିନଥିଲେ।

- ଏକଦମ୍ ଠିକ କଥା କହିଚନ୍ତି ଗୁରୁଜୀ, ଏଇଲେ ଚାଲ କ'ଣ ଗଣ୍ଡେ ଖାଇଦେବୁ। ଏତକ କହି ମା' ତା' ପାଇଁ ଖାଇବା ବାଢ଼ିଦେଲେ।

ଥାଳିରେ ନିତିନ ମନମାଫିକ ନାନା କିସମର ଖାଇବା ବଢା ଯାଇଥିଲା। ଭାତ ସବୁଜ ପନିପରିବାରେ ତିଆରି ସାଦା ତରକାରି, ଆଳୁ ପୋଟଳ କଷା, କ୍ଷୀରି ଆଉ କେତେ କଣ ସୁଆଦିଆ ଖାଦ୍ୟ। ନିତିନ କହିଲା -ମା' ସେ ଲୋକ କଣ ଏଇଆ ଭୋଜନ କରୁଥିଲେ ?



- ପୁଅ, ସେ କିଏ ?

- ଆରେ ସେଇ ଆଦିମାନବ। ଆରେ ତୁ କ'ଣ ସେଇଠି ଅଟକିଯାଇଚୁ ଏପର୍ଯ୍ୟନ୍ତ ! ବହୁବର୍ଷ ତଳେ ଯେତେବେଳେ ମଣିଷ ଧରଣୀ ମା' କୋଳରେ ପାଦ ଥାପିଲା ସମାଜ ଓ ସଭ୍ୟତାଠୁ ଯୋଜନ ଯୋଜନ ଦୂରରେ ଥିଲା। ଜନ୍ତୁଜନ୍ତାଙ୍କୁ ଶିକାର କରି ସେମାନଙ୍କ କଂଚାମାଂସ ଆହାର କରୁଥିଲା। ଛାଲ ଚମଡା ପରିଧାନ କରୁଥିଲା। ପରବର୍ତ୍ତୀ କାଳରେ ପଥରରେ ପଥର ଖସି ରଗଡି ନିଆଁ ବାହାର କରିବା ଶିଖିଲା ଏବଂ ସେଥିରେ ମାଂସ ଶିଝେଇ ଖାଇଲା। ସେ ଗୁମ୍ଫାରେ ରହୁଥିଲା। ମା ବୁଝାଇ କହିଲେ।

-ଆଛା ମା', ଗୁରୁଜୀ କହୁଥିଲେ ସେମାନଙ୍କର କୁଆଡେ ଲାଂଜ ଥିଲା। ଏକଥା କଣ ସତ ?

-ହଁ , ମୁଁ ବି ସେକଥା କାନ ଉଠିଲା ଦିନୁ ଶୁଣିଚି।

-ସେମାନେ ତ ଆମର ପୂର୍ବପୁରୁଷ ଥିଲେ, ହେଲେ ଆମର କାଇଁକି ଲାଂଜ ନାଇଁ ? ନିତିନ ପଚାରିଲା।

ବହୁତ ଗୁଡେ କଥା କହୁଚୁ. . . . ମନୁଷ୍ୟ ସଭ୍ୟତା ଯେତିକି ଯେତିକି ଆଗକୁ ବଢିଲା ଶରୀରର ଅନାବଶ୍ୟକ ଚିଜସବୁ ଆମଠୁ ଦୂରେଇ ଗଲା । ମା' ଶୁଣାଇଲେ। ନିତିନ ମା'ର ନଜର ଆଢୁଆଳରେ ରହି ତା' ପଛରେ ହାତ ବୁଲାଇଲା । କାଇଁ କୋଉଠି ତ ଲାଂଜ ନାଇଁ ? ଲାଂଜ ନପାଇ ସେ ଖୁସିରେ କୁରୁଳି ଉଠିଲା। ମା' ଟିକେ ଆଗକୁ ମାଡିଯାଇ କହିଲେ -ଦେଖ ସେ ଆଦିମାନବ। ଏବେ କୋଉଆଡୁ ଆସି ପହଁଚିଗଲାଣି । ସେ ଜହ୍ନମାମୁକୁ ଛୁଇଁଦେଲା । ଖାଇବାରେ ମଜା ଆସିଗଲା। ଖିରି ଏକଦମ୍ ଫାଷ୍ଟକ୍ଲାସ। ନିତିନ ଖାଇବାରେ ଭରପୂର ଆନନ୍ଦ ଉପଭୋଗ କଲା। ଭୋଜନ କରିସାରି ଟିକେ ଆରାମ କର ଏବଂ ଘରପାଠ କରି ଜଲଦି ସାରିଦେ। ମା' କହିଲେ ।

ଖୁବ୍ ହାଲିଆ ହୋଇ ନିତିନ ବେଗାବେଗି ନିଦ ମାଉସୀ କୋଳରେ ଗାଢ ନିଦରେ ଆଖିବୁଜି ଶୋଇପଡିଲା। ସୁନେଲି ସପନର ଦୁନିଆରେ ସେ ହଜିଗଲା। ମହାଶୂନ୍ୟରୁ ଓହ୍ଲାଇ ଆସି ସେ ଆଦିମାନବଙ୍କ ନିକଟରେ ପହଁଚିଲା। ସେମାନେ ନିତିନକୁ ଘେରିଗଲେ। ନିତିନ ଆଖି ପୂରେଇ ଦେଖିଲା ସେମାନଙ୍କ ଦେହ ଆଉ ମୁଣ୍ଡରେ ବିରାଟ ଲମ୍ବା ଲମ୍ବା ଆଲୁଳାୟିତ କେଶଗୁଚ୍ଛ ସବୁ ଓହଳିଚି। ସେମାନେ ଜୀବଜନ୍ତୁଙ୍କ ଚମଡା ଆଉ ଗଛର ପତ୍ରଗୁଡିକୁ ଅଂଟାରେ ଓହଳାଇ ପିନ୍ଧିଛନ୍ତି। ନିତିନକୁ ଦେଖି ସେମାନେ ତା' ଉପରେ ଆକ୍ରମଣ କରିବାକୁ ଉଦ୍ୟତ ହେଲେ । ନିତିନ ଯେ ସେମାନଙ୍କ ବିକଶିତ ଦୁନିଆର ସ୍ୱରୂପ ଏକଥା ସେମାନେ ଜାଣିପାରିଲେ ନାଇ।

ନିତିନ ସେମାନଙ୍କୁ ବୁଝାଇବାକୁ ଚେଷ୍ଟାକଲା, ହେଲେ ପେଟରୁ ଶବ୍ଦ ଆସି ତଂଟିରେ ଲାଖିଗଲା। ନିତିନ ଘାବୁରେଇ ଯାଇ ଚିଲେଇଲା -ମା', ତା ଆଖିଯୋଡିକ ଖୋଲିଗଲା। ଦେହସାରା ଝାଳରେ ଜୁଡୁବୁଡୁ। ମା'ଧାଇଁଆସି ନିତନକୁ କୋଳକୁ ଟାଣିନେଲେ।


+ଓଙ୍କାର ସିଟି, ଲେନ ନଂ-୯
ଲକ୍ଷ୍ମୀସାଗର କେନାଲ ରୋଡ,
ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮


କବିତା
ତୁମ ପାଇଁ

## ଆମ ପ୍ରିୟ 'ନେତାଜୀ'

### ଶରତ କୁମାର ଦାସ



କୋଟିଏ ଭିତରେ ଗୋଟିଏ ମଣିଷ
ନାଆଁଟି ସୁଭାଷ ବୋଷ,
ଫିରିଙ୍ଗୀ ଶାସନ ଥରିଉଠୁଥିଲା
ଉଡିଯାଉଥିଲା ହୋସ୍ ।
ଭାରତ ମାଆର ଲଢୁଆ ପୁଅ ସେ
ଶକତିରେ ଭରା ଛାତି,
ଅମାପ ସାହାସ ଧଇର୍ଯ୍ୟ ତାଙ୍କର
ବିପଦ ବେଳାର ସାଥୀ ।
'ନେତାଜୀ' ନାମରେ ସରବେ ଜାଣନ୍ତି
ବୀର ଯୋଦ୍ଧା ଭାରତର ,
ଭାଷାରେ ଚମକ ଆଖିରେ ସପନ
କାମରେ ତ ତରତର ।
ଅଠରଶ' ସତାନବେ ଜାନୁଆରୀ
ତେଇଶ ତାରିଖ ଜାଣ,
ଜନମି ଥିଲେ ସେ କଟକ ସହରେ
ଫୁଟିଥିଲା କେତେ ବାଣ ।
'ରକତ ଦିଅ ମୁଁ ସ୍ୱାଧୀନତା ଦେବି'
କହିଥିଲେ ଟାଣ କଥା,
ଭାରତ ବାହାରୁ ଲଢିବା ପାଇଁକି
କରିଥିଲେ ପଣ ଯଥା ।
କରିଲେ ଶପଥ ତଡିବେ ବିଦେଶୀ
ଦେବେ ଆଣି ସ୍ୱାଧୀନତା,
ଝରୁ ପଛେ ଯେତେ ରକତ ତାଙ୍କର
ଉଚ୍ଚେ ରହୁ ମାଆ ମଥା ।
ବଇରୀ ସାଥିରେ ବସିବାକୁ ମିତ
ସଦା ମନା କରୁଥିଲେ,
ଛଡାଇ ନେବାକୁ ନିଜ ଅଧିକାର
ମନ୍ତର ସେ ଫୁଙ୍କୁଥିଲେ ।
ବିଦେଶ ମାଟିରେ ଯେତେ ଭାରତୀୟ
ସଭିଙ୍କୁ ଏକାଠି କଲେ,
'ଆଜାଦ୍ ହିନ୍ଦ୍ ଫଉଜ' ନାମରେ
ଦଳଟି ଗଢିଲେ ଭଲେ।
'ଦିଲ୍ଲୀ ଚଲୋ' ଭାଇ ଆହ୍ୱାନ ସେ ଦେଲେ
ମାଟି ମାଆ ପାଇଁ ଯେତେ,
'ଜୟହିନ୍ଦ୍' ଶବ୍ଦେ ଉଚ୍ଛୁଳି ପଡିଲା
ବଣ ବିଲ ନଈ ସେତେ ।
ମୁକତି ପାଇଁ ଯେ ଶକତିର ଲୋଡା
ଖୋସାମତି ଲୋଡା ନାହିଁ
ସାହାସୀ ହେବାକୁ ଭାରତବାସୀଙ୍କୁ
ବୁଝାଇ କହିଲେ ଯାଇ ।
ହେ ବୀର ପୁରୁଷ ! ଫେରିଆସ ଥରେ
ହସିଉଠୁ ଏଇ ଧରା,
ଗରିମାରେ ଭରା ଆଜି ଏଇ ମାଟି
ଝୁରୁଛି ତୁମକୁ ପରା ।


+ବଡବିଲ ମହାବିଦ୍ୟାଳୟ ,ବଡବିଲ
କେନ୍ଦୁଝର
ମୋ-୮୨୪୯୧୩୭୦୯୧


## ବଡ଼ ଉପହାର

### ନୀଳମଣି ଚାନ୍ଦ

ଜିତୁ ଜନ୍ମଦିନ ପାଳନ ସରିଲା
ସାଙ୍ଗମାନେ ଗଲେ ଫେରି
ଉପହାର ଖୋଲି ନିଜେ ସେ ଦେଖିଲା
ନ କରି ଆଉରେ ଡେରି।

'କ୍ଷମାକର' ଦେଇଥିଲା ଖେଳଣାଟେ
ଲଡୁ ପ୍ୟାକେଟଟେ 'ରାନୁ'
ମିନି ସାଇକେଲ ଦେଇଥିଲେ 'ମାମୁ'
ଶୂନପାପଡିଟି 'ମାନୁ'।

ଶେଷ ପ୍ୟାକେଟଟି ଖୋଲୁ ଖୋଲୁ ସିଏ
ହୋଇଗଲା ଆଚମ୍ବିତ
ଚିଠି ସହ ଆମ୍ବ ଚାରାଟିଏ ଭେଟି
ଦେଇଥିଲା ସାଙ୍ଗ 'ଚିତ୍ତ'।

ଉତ୍କଣ୍ଠା ବଢିଲା ସେ ଚିଠି ପଢିଲା
ଭଲ ଲାଗିଲା ଯେ ଭାରି
ଲେଖାଥିଲା ବୃକ୍ଷ ଅମୂଲ୍ୟ ସମ୍ପଦ
ଦରକାରୀ, ଉପକାରୀ।

କେତେ ଫଳ ଦେବ ଏହି ଚାରା ବଢି
ଯେବେ ବଡ଼ ଗଛ ହେବ
ଅଙ୍ଗାର ବିଷକୁ ପିଇ ଆମ ପାଇଁ
ଅମ୍ଳଜାନ ପରା ଦେବ।

ବସନ୍ତ ଆସିଲେ ତା ଡାଳରେ ବସି
କୋଇଲି ଗାଇବ ଗୀତ
ଜନ୍ମଦିନରେ ଏ ବଡ଼ ଉପହାର
ଭାବିବୁରେ ପ୍ରିୟ ମିତ।


+ଭୁବନେଶ୍ୱର
ମୋ: ୯୫୮୩୨୦୨୩୫୭


## କୁନି କୁନି ଫୁଲ ଆମେ

### ବର୍ଷାରାଣୀ ମହାମଲ୍ଲିକ

କୁନି କୁନି ଫୁଲ ଆମେ
ଏ ଧରା ବଗିଚାର,
ନାନା ରଙ୍ଗେ ନାନା ବେଶେ
ଆମେ ତ ସୁନ୍ଦର ।

ନିରୀହ ଆମରି ମନ
ନ ଥାଏ କପଟ,
ହୃଦୟଟା ବଡ଼ ଆମ
ହେଲେ ମଧ ଛୋଟ ।

ଖେଳିଥାଉ କେତେ ଖେଳ
ସମସ୍ତଙ୍କୁ ନେଇ
ଗୀତ ଗାଇ ନାଚିଥାଉ
ହେଇ ଥେଇ ଥେଇ।

ପାଠ ପଢ଼ା ପ୍ରତି ସଦା
ଦେଇଥାଉ ଧ୍ୟାନ
ଜ୍ଞାନ ଆହରଣ କଲେ
ପାଇବା ସମ୍ମାନ।

ହସ ଆମ ଲକ୍ଷେ ଟଙ୍କା
ଭାରି ମନୋହର
ଖୁସି ଥାଏ ସଦା ମନ
ଆନନ୍ଦରେ ଭରପୁର।

ଗୁରୁଜନ କଥା ମାନି
କରୁ ଆମ କାମ
ନିଶ୍ଚୟ ପ୍ରଶଂସିତ ହୋଇ
ଉଠିବ ଆମ ନାମ।

ନିଜ ନିଜ କାମ କରି
ଶିଖିଅଛୁଁ ଆମେ
ଖୁସିରେ ସର୍ବଦା
ମାତିଥିବା ଆମ କାମେ।

ଦେଶ ସେବା ପାଇଁ ଆମେ
ଜୀବନ ଯେ ହେବ
ଆମରି ଦେଶର ଆମେ
ନାମ ତ ରଖିବା।


+ବରଗଡ଼


## କୁନା ହେଲା ସୁନା ପିଲା

### ଝରଣା ବାରିକ

କୁନା ବୋଲି ଥିଲା ପିଲାଟିଏ
ବାପା ମାଆଙ୍କର ଗେହ୍ଲା ସିଏ
ନିତି ଯାଉଥିଲା ପାଠ ପଢି
ବସୁଥିଲା ଯାଇ ପଛ ଧାଡ଼ି
ଯାହା ପଚାରିଲେ କିଛି ଆସେନାହିଁ
ତଳକୁ ଦିଏ ସେ ମୁହଁ ମାଡି।
ଏହିପରି କେତେ ଦିନ ଗଲା
ମାଷ୍ଟରଙ୍କ ଆଖି ପଡ଼ିଗଲା
କହିଲେ କୁନାକୁ ଠିଆ ହେଇ
ଯାହା ପଚାରିବି ଦେବୁ କହି
ମୁଣ୍ଡ ଟୁଙ୍ଗାରି କି ହଁ କରି କୁନା
ଚୁପ୍ ଚାପ୍ ଗଲା ଠିଆ ହେଇ
ଗୁରୁଜୀ ପଚାରୁଥିଲେ ପ୍ରଶ୍ନ
ପାଠରେ ନଥିଲା କୁନା ମନ
ଇଆଡେ ସିଆଡେ ଚାହୁଁ ଥିଲା
ମନେ ମନେ କ'ଣ ଗପୁଥିଲା
ଉତ୍ତର ନଦେବା କାରଣରୁ କୁନା
ପିଠିରେ ଦି ଛାଟ ବସିଗଲା।
ସେହି ଦିନଠାରୁ ସେହି ପିଲା
ପାଠ ଘରେ ତାଲା ପକାଇଲା
ପାଠ ନାଁ ଶୁଣିଲେ ଭୟ ପାଇଁ
କମ୍ବଳ ଘୋଡ଼େଇ ଯାଏ ଶୋଇ
ମାଡ଼ର ଭୟରେ ଇସ୍କୁଲ ନ ଯାଇ
ଜଗୁଥିଲା ପଲେ ଛେଳି ଗାଈ।
କେହିବି ଆଦର କଲେ ନାହିଁ
ସାଙ୍ଗ ସାଥି ଗଲେ ଦୂର ହୋଇ
ମନେ ମନେ କୁନା ଭାବୁଥାଇ
ପାଠ ପଢିବି ମୁଁ ମନ ଦେଇ
ଯାହା ପଚାରିବେ ଗୁରୁଜୀ ଗୁରୁମା
ଠିକ ଠିକ୍ ସବୁ ଦେବି କହି।
କୁନା ଗଲା ଏବେ ପାଠ ପଢି
ବସିଗଲା ଯାଇ ଆଗ ଧାଡି
ମନ ଦେଇ ସବୁ ଶୁଣୁଥାଏ
ସବୁ ପ୍ରଶ୍ନର ସଠିକ୍ ଉତ୍ତର
ଅବିଳମ୍ବେ ସିଏ କହି ଦିଏ।
କୁନା ଏବେ ସୁନା ପିଲା ହେଲା
ସଭିଙ୍କ ଆଦର ସାଉଁଟିଲା
ସାଙ୍ଗମାନଙ୍କର ପ୍ରିୟ ହୋଇ
ପାଠ ପଢୁଥିଲା ମନ ଦେଇ
ସମସ୍ତଙ୍କୁ ସିଏ ପଛରେ ପକାଇ
ପ୍ରଥମ ସ୍ଥାନରେ ଗଲା ରହି।


+ସମଲ, ତାଳଚେର, ଅନୁଗୋଳ
ମୋ: ୯୫୫୬୮୪୬୯୩୨

# ରାଜ୍ୟ ସରକାର ତୁରନ୍ତ ଓବିସି ସର୍ଭେ କରନ୍ତୁ: ଓବିସି ମୋର୍ଚ୍ଚା

ଭୁବନେଶ୍ୱର, ୨୦/୦୧ (ନି.ପ୍ର): ଓଡ଼ିଶାରେ ଓବିସି ଓ ଏସିବିସି ବର୍ଗର ସାମାଜିକ, ଆର୍ଥିକ, ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ଉତ୍ଥାନ ଚାହାନ୍ତି ନାହିଁ ନବୀନ ବାବୁ। ବିଜୁ ଜନତା ଦଳ ସର୍ବଦା ଓବିସି ଓ ଏସଇବିସି ବର୍ଗଙ୍କୁ ଅଣଦେଖା କରିବା ସହ ସବୁଥିରୁ ବଂଚିତ କରୁଛନ୍ତି । ପଂଚାୟତ ଓ ମ୍ୟୁନିସପାଲଟି ନିର୍ବାଚନ ପୂର୍ବରୁ ରାଜ୍ୟରେ ଓବିସି ଓ ଏସଇବିସି ବର୍ଗଙ୍କ ସର୍ଭେ ଯଥାଶୀଘ୍ର କରିବାକୁ ବିଧାନସଭାରେ ସଂକଳ୍ପ ପାରିତ ହୋଇଥିଲେ ମଧ୍ୟ ଆଜି ସୁଦ୍ଧା ଏ ସଂପର୍କରେ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଲେ ନାହିଁ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓବିସି ଓ ଏସଇବିସି ସଂରକ୍ଷଣକୁ ସୁନିର୍ଶ୍ଚିତ କରିବା ପାଇଁ ରାଜ୍ୟ ସରକାରଙ୍କୁ ବାରମ୍ବାର ଚିଠି ଲେଖି ଦାବୀ କରିବା ସତ୍ତ୍ୱେ କୌଣସି ପଦକ୍ଷେପ ନନେବା ଦୁର୍ଭାଗ୍ୟଜନକ । ରାଜ୍ୟ ଜନସଂଖ୍ୟାର ସର୍ବାଧିକ ୫୪ ପ୍ରତିଶତ ଓବିସି ଓ ଏସଇବିସି ବର୍ଗଙ୍କୁ ପ୍ରଥମେ ସଂରକ୍ଷଣ ପ୍ରଦାନ କରନ୍ତୁ ରାଜ୍ୟ ସରକାର ବୋଲି ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ପୁଣି ଥରେ ଦାବୀ କରିଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବିଶ୍ୱାଳ କହିଛନ୍ତି ଯେ; ବିହାର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ୟୁପି ସରକାର ଓବିସି ଜନଗଣନା କରି ତାଲିକା ପ୍ରସ୍ତୁତ କରୁଛନ୍ତି । ଏ ସଂପର୍କରେ ମାନ୍ୟବର ସୁପ୍ରିମ କୋର୍ଟ କଡା ଆଭିମୁଖ୍ୟ ଗ୍ରହଣ କରି ବିନା ଓବିସି ସଂରକ୍ଷଣରେ ସ୍ଥାନୀୟ ନିର୍ବାଚନ ହୋଇପାରିବ ନାହିଁ ବୋଲି ବାରମ୍ବାର ରାୟ ଶୁଣାଇଥିଲେ । ଭାରତୀୟ ଜନତା ପାର୍ଟି ତରଫରୁ ଓବିସି ଓ ଏସଇବିସିଙ୍କ ସର୍ଭେ କରାଯାଇ ଆନୁପାତିକ ପ୍ରତିଶତ ନିର୍ଦ୍ଧାରଣ କରି ସଂରକ୍ଷଣ ସୁନିର୍ଶ୍ଚିତ କରାଇବାକୁ ରାଜ୍ୟ ଓବିସି କମିଶନ ଏବଂ ରାଜ୍ୟ ସରକାରଙ୍କୁ ବାରମ୍ବାର ଅବଗତ କରାଯାଇଛି । ବିଭାଗୀୟ ସଚିବ ଓ ମୁଖ୍ୟ ଶାସନ ସଚିବଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ । ଅନ୍ୟ ପଟେ ରାଜ୍ୟ ସରକାର ଏ ସମସ୍ତ ଦାବୀକୁ ଅଣଦେଖା କରି ଓବିସି ଓ ଏସଇବିସି ବର୍ଗଙ୍କୁ ପ୍ରତାରଣା କରିଛନ୍ତି ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି।

ରାଜ୍ୟ ସରକାରଙ୍କ ପାଖରେ ୨ଟି ଜାତି ବର୍ଗ ତାଲିକା ଉପଲବ୍ଧ ଅଛି। ଗୋଟିଏ କେନ୍ଦ୍ର ସରକାରଙ୍କ ଓବିସି ତାଲିକା ଏବଂ ଅନ୍ୟଟି ରାଜ୍ୟ ସରକାରଙ୍କର ଏସଇବିସି ତାଲିକା। କେନ୍ଦ୍ର ସରକାରଙ୍କ ତାଲିକାରେ ୨୦୦ ଓ ରାଜ୍ୟ ସରକାରଙ୍କ ତାଲିକାରେ ୨୦୯ ଜାତିବର୍ଗର ନାମ ସ୍ୱଷ୍ଟ ଭାବେ ଉଲ୍ଲେଖ ଥିବାବେଳେ ଓଡିଶା ସରକାର କାହିଁକି ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ଶ୍ରୀ ବିଶ୍ୱାଳ ପ୍ରଶ୍ନ କରିଛନ୍ତି।

ଯଥାଶୀଘ୍ର ରାଜ୍ୟ ସରକାର ଓବିସି ସର୍ଭେ କରନ୍ତୁ। ଯଦି ରାଜ୍ୟ ସରକାର ଓବିସି ସର୍ଭେ କାର୍ଯ୍ୟ ଜାଣି ଜାଣି ବିଳମ୍ବ କରାଇବେ ତାହାଲେ ଆଗାମୀ ଦିନରେ ଭାରତୀୟ ଜନତା ପାର୍ଟି ରାଜ୍ୟର ୫୪ ପ୍ରତିଶତ ଓବିସି ବର୍ଗଙ୍କୁ ନେଇ ରାଜରାସ୍ତାକୁ ଓହ୍ଲାଇ ନିର୍ଣ୍ଣାୟକ ଆନ୍ଦୋଳନ କରିବ ବୋଲି ଶ୍ରୀ ବିଶ୍ୱାଳ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର, ଓବିସି ମୋର୍ଚ୍ଚା ରାଜ୍ୟ ସଂପାଦକ ଦୁର୍ଗାପ୍ରସନ୍ନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଏବିଭିପି କନ୍ଧମାଳ ତରଫରୁ ଶିକ୍ଷା, ସୁରକ୍ଷା ଓ ରୋଜଗାର ଦାବିରେ ବିଶାଳ ଛାତ୍ର ସମାବେଶ

କନ୍ଧମାଳ, ୨୦/୦୧ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି ), କନ୍ଧମାଳ ତରଫରୁ ଆଜି ଏକ ବିଶାଳ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସହ ସମ୍ପାଦିକା ସଞ୍ଜନା କହଁରଙ୍କ ନେତୃତ୍ୱରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, କନ୍ଧମାଳ ତରଫରୁ ଜିଲ୍ଲାର ଶିକ୍ଷା, ସୁରକ୍ଷା ଓ ରୋଜଗାର ଦାବିରେ ଏକ ବିଶାଳ ଛାତ୍ର ସମାବେଶ ଆୟୋଜନ କରାଯାଇଛି । ଜିଲ୍ଲାରେ ବିଦ୍ୟାର୍ଥୀ ମାନଙ୍କୁ ଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାର ସାବତ ପୁଅ ଭଳି ବ୍ୟବହାର କରିଆସୁଛନ୍ତି । ମହାବିଦ୍ୟାଳୟ ଗୁଡିକରେ ଅଧ୍ୟାପକ ମାନଙ୍କୁ ନିଯୁକ୍ତି ପ୍ରଦାନ କରିବା ଦରକାର । ପ୍ରତିଦିନ ଜିଲ୍ଲାରେ ଝିଅ ମାନେ ବଳାତ୍କାର ଓ ହିଂସାର ଶିକାର ହେଉଛନ୍ତି । ରାଜ୍ୟ ସରକାର କନ୍ଧମାଳ ଜିଲ୍ଲାର ବିଦ୍ୟାର୍ଥୀ ମାନଙ୍କୁ ରୋଜଗାରର ସାଧନ ନଯୋଗାଇ ଗଞ୍ଜେଇ ଚାଲାଣକୁ ପରୋକ୍ଷରେ ସମର୍ଥନ ଦେଇ ସେମାନଙ୍କୁ ଗଞ୍ଜେଇ ଚାଲାଣକାରୀ କରିଦେଇଛନ୍ତି । କନ୍ଧମାଳର ଉଚ୍ଚ ଶିକ୍ଷାର ଏନ୍ତୁଡ଼ି ଶାଳ ଫୁଲବାଣୀ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅଧ୍ୟାପକ ପଦବୀ ପୂରଣ କରିବା ପାଇଁ ସରକାର ଶୀଘ୍ର ବ୍ୟବସ୍ଥା କରନ୍ତୁ । କନ୍ଧମାଳ ଜିଲ୍ଲାର ଆଦିବାସୀ ଆଶ୍ରମ ବିଦ୍ୟାଳୟ ଗୁଡିକରେ ସରକାର ବିଦ୍ୟାର୍ଥୀ ମାନଙ୍କ ସୁରକ୍ଷା ପାଇଁ ଶୀଘ୍ର ବ୍ୟବସ୍ଥା କରନ୍ତୁ ବୋଲି ରାଜ୍ୟ ସହ ସମ୍ପାଦକ ସ୍ୱାଗତ କୁମାର ତ୍ରିପାଠୀ କହିଛନ୍ତି । ସେହିପରି ଜିଲ୍ଲାରେ ନାରୀ ମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରରେ ସାମିଲ ଥିବା ଲୋକଙ୍କ ପ୍ରତି ସରକାର କଡା କାର୍ଯ୍ୟାନୁଷ୍ଠାନ ନିଅନ୍ତୁ । ଆଦିବାସୀ ଛାତ୍ରାବାସରେ ଛାତ୍ରୀ ମାନଙ୍କୁ ଯୌନ ଶୋଷଣ ହେଉଥିବାର ଖବର ପ୍ରତିଦିନ ଖବର କାଗଜରେ ପୃଷ୍ଠା ମନ୍ଥନ କରୁଛି । ସରକାର ଦୋଷୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟନୁଷ୍ଠାନ ନିଅନ୍ତୁ । କନ୍ଧମାଳ ଜିଲ୍ଲାର ଛାତ୍ରୀ ମାନଙ୍କ ପାଇଁ ସରକାର ଉଚ୍ଚ ଶିକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରନ୍ତୁ ବୋଲି ରାଜ୍ୟ ସହ ସମ୍ପାଦିକା ସଞ୍ଜନା କହଁର କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଶଙ୍କରାଚାର୍ଯ୍ୟ ସଂସ୍କୃତ କନ୍ୟାଶ୍ରମର ମୁଖ୍ୟ ସ୍ୱାମୀ ଜୀବନ ମୁକ୍ତାନନ୍ଦ ପୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରମୁଖ ଶିବାଶିଷ ପଣ୍ଡା, ଗଞ୍ଜାମ ବିଭାଗ ସଂଗଠନ ସମ୍ପାଦକ ସୋଭାଗ୍ୟ ମହାନ୍ତି, ଜିଲ୍ଲା ସଂଯୋଜକ ରୁଦ୍ରପ୍ରସାଦ ସେଠି, ଜିଲ୍ଲା ସହ ସଂଯୋଜିକା ରାଜନନ୍ଦିନି ସାହାଣୀ, ରାଜ୍ୟ ଜନଜାତି ଛାତ୍ରୀଙ୍କ ସହ ତଅପୋଇ କହଁର, ଫୁଲବାଣୀ ନଗର ସମ୍ପାଦକ ଅମିତ ବେହେରା, ଗଞ୍ଜାମ ବିଭାଗ ଏସଏଫଏସ୍ ପ୍ରମୁଖ ଦିବ୍ୟରଞ୍ଜନ ଡାକୁଆ, ଅମୀର କହଁର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର କହଁର, ଶୁଭମଜ୍ୟୋତି ପ୍ରଧାନ, ସୋମନାଥ ପ୍ରଧାନ, କାଶୀନାଥ ଗଣ୍ଡା, ଜିଲ୍ଲା ଜନଜାତି ଛାତ୍ରୀ ପ୍ରମୁଖ ପଦ୍ମାବତୀ କହଁର, କନ୍ଧମାଳ ସଂଗଠନ ସମ୍ପାଦକ ଟୁକୁନା ମଲ୍ଲିକ ଏବଂ କନ୍ଧମାଳ ଜିଲ୍ଲାର ୨୬ ଟି ମହାବିଦ୍ୟାଳୟରୁ ବହୁ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

# ବି.ଏସ.କେ.ୱାଇ. ସମୀକ୍ଷା କଲେ ସ୍ୱାସ୍ଥ୍ୟ ସଚିବ

ଭୁବନେଶ୍ୱର, ୨୦/୦୧ (ନି.ପ୍ର): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ ଗୁରୁବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବି.ଏସ.କେ.ୱାଇ.) ଟିମର କାର୍ଯ୍ୟ ସମୀକ୍ଷା କରି କ୍ଷେତ୍ର ସ୍ତରରେ ସଚେତନତା ବୃଦ୍ଧି ଏବଂ ଲୋକମାନଙ୍କଠାରୁ ମିଳୁଥିବା ଅଭିଯୋଗ ଗୁଡ଼ିକର ସମୟାନୁବନ୍ଧିତ ସମାଧାନ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି ।

ରାଜ୍ୟ ସ୍ୱାସ୍ଥ୍ୟ ସେବା ପ୍ରତିଶୃତି ସୋସାଇଟି ସଭାଗୃହଠାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ାକ୍ତର ବୃନ୍ଦା ଡ଼ି. ଯୋଜନା କାର୍ଯ୍ୟନ୍ୱୟନର ପ୍ରଶାସନିକ ଓ ବୈଷୟିକ ଦିଗ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । କାର୍ଯ୍ୟନ୍ୱୟନର ବିଭିନ୍ନ ଦିଗ ସମୀକ୍ଷାକରି ବି.ଏସ.କେ.ୱାଇ. ବିଷୟରେ ସଘନ କ୍ଷେତ୍ରସ୍ତରୀୟ ଜନ-କୈନ୍ଦ୍ରିକ ସଚେତନତା କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ନିମନ୍ତେ ଶ୍ରୀମତୀ ପଣ୍ଡିତ ନିର୍ଦ୍ଦେଶ ଦେଇଥିଲେ । ୧୦୪ (କଲ୍ ସେଂଟର) ୧୫୫୩୬୯ (ସ୍ମାର୍ଟ କାର୍ଡ ବ୍ୟବହାର ସମ୍ବନ୍ଧିତ ସମସ୍ୟା), ମୋ ସରକାର ବ୍ୟବସ୍ଥା, ଟ୍ୱିଟର ଓ ଫେସବୁକ୍ ଆଦି ସୋସିଆଲ୍ ମେଡ଼ିଆ ମାଧ୍ୟମରେ ସଂଗ୍ରହ କରାଯାଉଥିବା ଲୋକମାନଙ୍କର ଅଭିଯୋଗ ଏବଂ ମତାମତ ଆଦି ବିଷୟରେ ଶତ ପ୍ରତିଶତ ସମୟାନୁବନ୍ଧିତ ସମାଧାନ କରିବାପାଇଁ ଶ୍ରୀମତୀ ପଣ୍ଡିତ ବି.ଏସ.କେ.ୱାଇ ଟିମକୁ ନିର୍ଦ୍ଦେଶ ଦେଇଥିଲେ ।

ସମୀକ୍ଷା ଅନୁଯାୟୀ ବର୍ତମାନ ସୁଦ୍ଧା ମିଳିଥିବା ଅଭିଯୋଗର ପ୍ରାୟ ଶତକଡ଼ା ୯୫ ଭାଗ ବିଷୟରେ ଉପଯୁକ୍ତ ପଦକ୍ଷେପ ନିଆଯାଇ ସମାଧାନ କରାଯାଇଛି । ବି.ଏସ.କେ.ୱାଇ. କାର୍ଯ୍ୟନ୍ୱୟନ ଅନୁସାରେ ଅନୁବନ୍ଧିତ ହସ୍ପିଟାଲମାନଙ୍କର ବର୍ଗୀକରଣ ବିଷୟ ବୈଠକର ଆଲୋଚନାରେ ସ୍ଥାନ ପାଇଥିଲା । ଉଭୟ ରାଜ୍ୟ ଭିତର ଏବଂ ଅନ୍ୟରାଜ୍ୟର ଅନୁବନ୍ଧିତ ହସ୍ପିଟାଲମାନଙ୍କୁ ଏଥିରେ ସାମିଲ କରାଯିବ । ସବିଶେଷ ଆଲୋଚନା ମାଧ୍ୟମରେ ବର୍ଗୀକରଣ ଭିତି ଏବଂ ମାନକ ବିଷୟ ନିର୍ଣ୍ଣୟ କରାଯାଇଥିଲା । ସମୁଦାୟ ୭ ଟି ବର୍ଗରେ ରୋଗୀମାନଙ୍କର ସନ୍ତୋଷ ସ୍ତରକୁ ମୁଖ୍ୟ ମାନଦଣ୍ଡରୂପେ ନିଆଯାଇ ହସ୍ପିଟାଲମାନଙ୍କୁ ସ୍ତରୀକରଣ କରାଯିବ ।

ଅନୁବନ୍ଧିତ ହସ୍ପିଟାଲମାନଙ୍କରେ ବି.ଏସ.କେ.ୱାଇ. ବୋର୍ଡ଼ ସୁଦୃଶ୍ୟ ସ୍ଥାନରେ ଲଗାଇବା, ବି.ଏସ.କେ.ୱାଇ. କାଉଣ୍ଟର ଲୋକମାନଙ୍କ ପାଇଁ ସୁବିଧା ଜନକ ସ୍ଥାନରେ ସ୍ଥାପିତ କାରିବା ଆଦି ଉପରେ ଅଧକ୍ଷ ଶ୍ରୀମତୀ ପଣ୍ଡିତ ଗୁରୁତ୍ୱ ଆରୋପ କରିଥିଲେ । ସୋସାଇଟି ଅଫିସରେ ଇଂଟରନେଟ୍ ସ୍ପିଡ୍, ଓସ୍ୱାସ୍ କାର୍ଯ୍ୟକାରିତା, ମାନବ ସମ୍ବଳ ଅଭିବୃଦ୍ଧି, ସ୍ୱାସ୍ଥ୍ୟ କର୍ମୀମାନଙ୍କ ପାଇଁ ୟୁନିଫର୍ମ ଆପ୍ରୋନ୍, ବି.ଏସ.କେ.ୱାଇ. ସଫଟୱେୟାର ନବୀକରଣ, ଅନଲାଇନ୍ ବିଲ ଓ ଦସ୍ତାବିଜ୍ ଦାଖଲ, ସେ ସବୁରେ ସଠିକ୍ ତନଖି ଏବଂ ଅନୁମୋଦନ ଆଦି ବିଷୟରେ ଥିବା ସମସ୍ୟା ଗୁଡ଼ିକର ଆଶୁ ସମାଧାନ ପନ୍ଥା ନିର୍ଦାରଣ କାରଯାଇଥିଲା । ପ୍ରତି ସମାଧାନର କ୍ଷେତ୍ରାୟନ ପାଇଁ ଶ୍ରୀମତୀ ପଣ୍ଡିତ ସମୟ-ନିର୍ଘଂଟ ନିର୍ଦାରଣ କରିଥିଲେ ।

ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼ାକ୍ତର ବୃନ୍ଦା ଡ଼ି., ଅତିରିକ୍ତ ଶାସନ ସଚିବ ତଥା ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ଶୁଭାନନ୍ଦ ମହାପାତ୍ରଙ୍କ ସମେତ ସୋସାଇଟିର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଓଡ଼ିଶାରେ ମହିଳା ସୁରକ୍ଷିତ ନୁହଁନ୍ତି : ମହିଳା କଂଗ୍ରେସ

ଭୁବନେଶ୍ୱର, ୨୦/୦୧ (ନି.ପ୍ର): ରାଜ୍ୟର ମହିଳା, ଅପ୍ରାପ୍ତବୟସ୍କା ଛାତ୍ରୀ, ଏପରିକି ଭିନ୍ନକ୍ଷମ ମହିଳା ମଧ୍ୟ ସୁରକ୍ଷିତ ନୁହନ୍ତି । ରାଜ୍ୟର ମୋଟ ଜନସଂଖ୍ୟାର ଶତକଡ଼ା ୪୯.୮ ଭାଗ କେବଳ ମହିଳା ଅଟନ୍ତି। କିନ୍ତୁ ଏ ରାଜ୍ୟ ମହିଳା ମାନଙ୍କ ପାଇଁ ଏକ ସୁରକ୍ଷିତ ରାଜ୍ୟ ନୁହେଁ ବୋଲି କଂଗ୍ରେସ ଭବନ ଠାରେ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ମହିଳା କଂଗ୍ରେସ ପକ୍ଷରୁ ବିଶୋଦ୍‌ଗାର କରାଯାଇଛି । କଂଗ୍ରେସ ବିଧାୟିକା ପ୍ରାର୍ଥିନୀ ଶ୍ରୀମତୀ ରଶ୍ମି ମହାପାତ୍ର କହିଥିଲେ ଯେ, ସାରା ଭୁବନେଶ୍ୱରକୁ ସରକାର ଆଲୋକରେ ସଜ୍ଜିତ କରିଥିବାବେଳେ ଏବଂ ହକିଖେଳ ପାଇଁ ମାଳମାଳ ପୁଲିସ ନିୟୋଜିତ ଥିବାବେଳେ ଭୁବନେଶ୍ୱର ପଟିଆ ରେଳଷ୍ଟେସନ ଠାରେ ଗତ ଦୁଇ ଦିନ ପୂର୍ବରୁ ଯେଉଁଭଳି ଭାବରେ ୨ ନାବାଳିକାଙ୍କୁ ଉଠାଇ ନେଇ ଦୁଷ୍କର୍ମ ଓ ପ୍ରାଣବଳି ଅତ୍ୟାଚାର କରାଗଲା । ଏପର୍ଯ୍ୟନ୍ତ ଆସାମୀ ମାନଙ୍କୁ କମିସନରେଟ ପୁଲିସ ଗିରଫ କରିବାକୁ ସକ୍ଷମ ହେଲା ନାହିଁ। ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ଗୀତାଞ୍ଜଳୀ ମହାନ୍ତି କହିଛନ୍ତି ଖୋଦ ଭୁବନେଶ୍ୱରରେ ମହିଳା ପୁଲିସ ମଧ୍ୟ ସୁରକ୍ଷିତ ନୁହନ୍ତି ବୋଲି ବେଶ୍ ଭଲ ଭାବରେ ଜଣା । ଏ ରାଜ୍ୟରେ ପ୍ରତିଦିନ ୮ ଜଣ ମହିଳାଙ୍କୁ ଦୁଷ୍କର୍ମ କରାଯାଏ । ୨୦୨୦-୨୧ ଏନ୍.ସି.ଆର.ବି. ରିପୋର୍ଟ ଅନୁସାରେ ୨୦୨୦ ମସିହା ଠାରୁ ରାଜ୍ୟରେ ମହିଳାମାନଙ୍କ ଉପରେ ୨୩% ଅପରାଧ ବୃଦ୍ଧି ଘଟିଛି । ମହିଳା ଉତ୍ପୀଡ଼ନ ଓ ପାଶବିକ ଅତ୍ୟାଚାର କ୍ଷେତ୍ରରେ ଓଡ଼ିଶା ସାରା ଭାରତ ବର୍ଷରେ ୫ମ ତମ ରାଜ୍ୟ । ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ବନ୍ଦିତା ପରିଡ଼ା ରାଜ୍ୟରେ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ପ୍ରତି ରାଜ୍ୟ ସରକାର ଆଖିବୁଜି ନେଇଛନ୍ତି ବୋଲି କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ମଧୁସ୍ମିତା ଆଚାର୍ଯ୍ୟ ଓ ଜୟଶ୍ରୀ ମହାପାତ୍ର ଉପସ୍ଥିତ ଥିଲେ।

# ଓରସାକକୁ ସମ୍ମାନଜନକ ଗୋଲଡ ସ୍କଚ ଆୱାର୍ଡ

ଭୁବନେଶ୍ୱର, ୨୦/୦୧ (ନି.ପ୍ର): ଓଡ଼ିଶା ମହାକାଶ ଉପଯୋଗ କେନ୍ଦ୍ର (ଓରସାକ) ଚଳିତ ବର୍ଷ ପାଇଁ ସମ୍ମାନଜନକ ଗୋଲଡ ସ୍କଚ ଆୱାର୍ଡ ପାଇବାକୁ ମନୋନୀତ ହୋଇଛି । ଏହି ପୁରସ୍କାର ଦୁଇଟି କ୍ଷେତ୍ର ପାଇଁ ମିଳିଛି । ବିନା ଜମିରେ ଚାଷ କରୁଥିବା ନକଲି ଚାଷୀଙ୍କୁ ସାଟେଲାଇଟ ଜିଆଇଏସ ଜରିଆରେ ଧରିବା ଏବଂ ସଠିକ ଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ଓରସାକ ବେଶ ସଫଳ ହୋଇଛି। ଏଥିପାଇଁ ଏହି ସଂସ୍ଥା ଦେଶରେ ଖୁବ ସୁନାମ ଅର୍ଜନ କରିଛି ।

ରାଜ୍ୟରେ ପ୍ରତି ଗ୍ରାମରେ ଧାନ ଫସଲ ଥିବା ପ୍ଲଟ ଭିତିକ କ୍ଷେତ୍ରଗୁଡ଼ିକର ବିଶ୍ଳେଷଣ ପାଇଁ ଓଡ଼ିଶା ସରକାରଙ୍କ ତରଫରୁ ଏହି ଗୋଲଡ ଇ-ପ୍ରଶାସନ ସ୍କଚ୍ ପୁରସ୍କାର ମିଳିଛି । ଏହି ଅଭିନବ ପ୍ରକଳ୍ପ ଦେଶରେ ପ୍ରଥମ ଥର ପାଇଁ ଓଡିଶା ରାଜ୍ୟରେ କାର୍ଯ୍ୟକାରୀ ହେଉଛି । ଓଡିଶାର ପ୍ରକୃତ କୃଷକମାନଙ୍କ ଠାରୁ ଧାନ କ୍ରୟ, ଯେଉଁମାନେ ଖାଦ୍ୟ ଯୋଗାଣ ଏବଂ ଉପଭୋକ୍ତା କଲ୍ୟାଣ ପ୍ରଣାଳୀର ପି-ପାସ (ପ୍ୟାଡି ପ୍ରୋକ୍ୟୁମେଂଟ ଅଟୋମେସନ୍ ସିଷ୍ଟମ୍) ମାଧ୍ୟମରେ ପଞ୍ଜୀକୃତ ହୋଇଛନ୍ତି । ଏଥିଯୋଗୁଁ ଓଡ଼ିଶା ସରକାର ୧୫୦୦ କୋଟିରୁ ଅଧିକ ଟଙ୍କା ସଂଚୟ କରିଛନ୍ତି । ଏହି ସଫଳତା ପାଇଁ ସମସ୍ତ ହିତାଧିକାରୀଙ୍କୁ ଓରସାକ୍ ସିଇଓ ପ୍ରଫୁଲ୍ଲ କୁମାର ମଲ୍ଲିକ ଧନ୍ୟବାଦ ଦେଇଛନ୍ତି ।

# ସମ୍ବଲପୁର ଜିଲ୍ଲାରେ ‘ଭାରତ ଯୋଡ଼ ଯାତ୍ରା - ଓଡ଼ିଶା’

ଭୁବନେଶ୍ୱର, ୨୦/୦୧ (ନି.ପ୍ର): ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଗୁରୁବାର ସମ୍ବଲପୁର ଜିଲ୍ଲାର ରମ୍ପେଲାଠାରୁ ‘ଭାରତ ଯୋଡ଼ ଯାତ୍ରା - ଓଡ଼ିଶା’ର ଯାତ୍ରା ଆରମ୍ଭ ହୋଇଥିଲା । ରେଙ୍ଗାଲି ପରିକ୍ରମା ପରେ ପି.ସି.ସି. ସଭାପତି ଶ୍ରୀ ପଟ୍ଟନାୟକ ଓ ଅନ୍ୟ ଯାତ୍ରୀମାନେ ସମ୍ବଲପୁରରେ ପହଞ୍ଚିଥିଲେ । ଶ୍ରୀ ପଟ୍ଟନାୟକ ସମ୍ବଲପୁର ଜେଲକୁ ଯାଇ ପର୍ଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଂଚ ପ୍ରତିଷ୍ଠା ଦାବିରେ ଆନ୍ଦୋଳନ କରି ଜେଲରେ ଥିବା ଆଇନଜୀବୀମାନଙ୍କୁ ସାକ୍ଷାତ କରିଥିଲେ । ପୋଲିସ୍‌ର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଥିଲେ ମାତ୍ର ନ୍ୟାୟପାଳିକା ଉପରେ ଭରସା ପ୍ରକଟ କରିଥିଲେ । ଆସନ୍ତାକାଲି ‘ଭାରତ ଯୋଡ଼ ଯାତ୍ରା - ଓଡ଼ିଶା’ ବନ୍ଦ ରହିବ ଏବଂ ୨୧ ତାରିଖ ଦିନ ଏହା ବରଗଡ଼ ଜିଲ୍ଲାର ଅତାବିରାଠାରୁ ଆରମ୍ଭ ହେବ ।

ସମ୍ବଲପୁର ଜିଲ୍ଲାର ବିଭିନ୍ନ ବର୍ଗର ଲୋକେ ଶ୍ରୀ ପଟ୍ଟନାୟକଙ୍କୁ ଭେଟି ଜିଲ୍ଲାର ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ । ଏହି ପରିପ୍ରେକ୍ଷୀରେ ଗଣମାଧ୍ୟମକୁ ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ସମ୍ବଲପୁର ଜିଲ୍ଲା ଶିଳ୍ପ ସମୃଦ୍ଧ ଅଟେ । ମାତ୍ର ଏଠାରେ ବେକାରୀ ଉତ୍କଟ । ଶାସକ ଦଳ ଭୋଟ ପାଇବା ପରେ ସାଧାରଣ ଜନତାଙ୍କର ଦାବିକୁ ପାଶୋରି ଯାଇଛନ୍ତି । “ସମ୍ବଲପୁରରେ ଥିବା ହୀରାକୁଦ ନଦୀବନ୍ଧ ଯୋଜନା ଓଡ଼ିଶାକୁ ପଣ୍ଡିତ ନେହେରୁ ଏବଂ କଂଗ୍ରେସ ଦଳର ଅବଦାନ, ଯାହା ଓଡ଼ିଶାରେ ଘରେଘରେ ବିଜୁଳି ଏବଂ ଚାଷୀର ଜମିକୁ ପାଣି ଯୋଗାଉଛି । ବିଜେଡି ଓ ବିଜେପିର ଏଭଳି କିଛି ଅବଦାନ ଅଛି କି ?” ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଥିଲେ ।

‘ଭାରତ ଯୋଡ଼ ଯାତ୍ରା - ଓଡ଼ିଶା’ ସମ୍ବଲପୁରରେ ଏକ ନୂତନ ବାର୍ତ୍ତା ଦେଇଛି । ସମ୍ବଲପୁରରେ ବିକାଶ କଂଗ୍ରେସ କରିଥିଲା । କଂଗ୍ରେସ ଶାସନ ପରେ ଏଠିକାର ବିକାଶର ଧାରା ଅବରୋଧ ହୋଇଛି । ଯୁବକମାନେ ବେସାହାରା । ଚାଷୀ ଉପେକ୍ଷିତ । ମାତ୍ର ବିଜେଡି ଓ ବିଜେପି କ୍ଷମତାସୀନ । ଲୋକଙ୍କୁ ବାରମ୍ବାର ଭୁଲାଇ, ଭୁତାଇ ଭୋଟ ଲୁଟି ନେଉଛନ୍ତି । ଭୋଟ ପରେ ପ୍ରତିଶ୍ରୁତିକୁ ପାଶୋରି ଯାଉଛନ୍ତି । ଚାଷୀ ଆତ୍ମହତ୍ୟା ଏକ ଉତ୍କଟ ପରିସ୍ଥିତିରେ ଥିବା ବେଳେ ନବୀନ ସରକାର ମୋଦି ସରକାରଙ୍କଠାରୁ ‘କୃଷି କର୍ମଣ’ ପୁରସ୍କାର ପ୍ରାପ୍ତହେବା ଦୁଃଖଦାୟ । ଓଡ଼ିଶା ୨୨ ବର୍ଷ ଧରି ସବୁ କ୍ଷେତ୍ରରେ ଏକ ପଛୁଆ ରାଜ୍ୟରେ ପରିଗଣିତ ହେଉଥିବା ବେଳେ ଏଠିକାର ମୁଖ୍ୟମନ୍ତ୍ରୀ ୧ ନମ୍ବର ମୁଖ୍ୟମନ୍ତ୍ରୀ ଭାବେ ନାଁ ନେବାପାଇଁ ବିଭିନ୍ନ ଅନୁଷ୍ଠାନକୁ ଅନୁଗୃହୀତ କରି ପୁରସ୍କାର ପାଉଛନ୍ତି । ଶିଳ୍ପ ସମୃଦ୍ଧ ସମ୍ବଲପୁରରେ ଯୁବକମାନଙ୍କର ସମସ୍ୟାର ସୀମା ନାହିଁ । ସ୍ଥାନୀୟ ଯୁବକ ଯୁବତୀମାନେ ବେକାରୀର ଯନ୍ତ୍ରଣା ଭିତରେ ଛଟପଟ ହେଉଥିବା ବେଳେ ବିଜେଡି ଓ ବିଜେପି ସରକାରର ସେଥିପ୍ରତି ନିଘା ନାହିଁ । ବିକାଶ ଓ ସୁଶାସନ ପ୍ରତିଷ୍ଠା ପାଇଁ ‘ଭାରତ ଯୋଡ଼ ଯାତ୍ରା - ଓଡ଼ିଶା’ର ସ୍ୱରରେ ସ୍ୱର ମିଳାନ୍ତୁ । ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ପରିବର୍ତ୍ତନର ସୂତ୍ରଧର ହୁଅନ୍ତୁ ।

# ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ପକ୍ଷରୁ ତିନିଦିନିଆ ତାଲିମ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୦/୦୧ (ନି.ପ୍ର): ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ପକ୍ଷରୁ “ଲିଡରସିପ ଡେଭଲପମେଂଟ” ଉପରେ ତିନିଦିନିଆ ତାଲିମ୍ କାର୍ଯ୍ୟକ୍ରମ ଗୁରୁବାରଠାରୁ ଆରମ୍ଭ ହୋଇଛି । ଏହାକୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଡାଇରେକ୍ଟର ଜେନେରାଲ୍ ରାଜ କୁମାର ଶର୍ମା ଉଦ୍ଘାଟନ କରିବା ସହ ଜନସାଧାରଣ ମାନଙ୍କୁ ଉନ୍ନତ ସେବା ପ୍ରଦାନ ନିମନ୍ତେ ଆଗେଇ ଆସିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

ସରକାରଙ୍କ ପକ୍ଷରୁ ଜାରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଗୁଡ଼ିକ ଗରିବ ଲୋକମାନଙ୍କ ନିକଟରେ ଯେଉଭଳି ପହଂଚି ପାରିବ ଏଥିନିମନ୍ତେ ଅଧସ୍ତନ ଅଧିକାରୀ ମାନଙ୍କ ମାର୍ଗଦର୍ଶନ କରିବା ନିମନ୍ତେ ସେ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଏଥିନିମନ୍ତେ ନେତୃତ୍ୱ ବିକାଶର ଆବଶ୍ୟକତା ଥିବା ସେ କହିଥିଲେ । ୫-ଟି ଉପକ୍ରମ ମାଧ୍ୟମରେ ଜନସାଧାରଣ ମାନଙ୍କୁ ତ୍ୱରିତ ସେବା ଯୋଗାଇ ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଜାଭିୟର ଇନିଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଂଟର ପ୍ରଫେସର ଡଃ ଅମର କେଜେଆର ନାୟକ ଏଥିରେ ଯୋଗଦେଇ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷାକରି ବ୍ୟକ୍ତିଗତ କାର୍ଯ୍ୟଶୈଳୀ ଏବଂ ଗୋଷ୍ଠୀଗତ ବିଚାରଧାରାକୁ ସମ୍ମିଳିତ କରି ବିଭିନ୍ନ କ୍ଷେତ୍ରରେ ଏହାକୁ ସଫଳତାର ସହ ପ୍ରୟୋଗ କରିବାକୁ ସେ ପରାମର୍ଶ ଦେଇଥିଲେ । କର୍ମକ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟାକୁ ସୁଯୋଗରେ ପରିଣତ କରିବା ସହ ସମ୍ବିଧାନିକ ମୂଲ୍ୟବୋଧ, ଦାୟିତ୍ୱ ଓ କର୍ତବ୍ୟବୋଧକୁ ପାଥେୟ କରି ଆଗକୁ ବଢ଼ିବା ଆଜିର ସମୟର ଆହ୍ୱାନ ବୋଲି ସେ କହିଥିଲେ ।

ଏହି ତିନିଦିନିଆ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ପ୍ରାୟ ୫୦ ଜଣ ଅଧିକାରୀ ଭାଗ ନେଇଥିଲେ । ରାଜ୍ୟ ସରକାରଙ୍କ ସହଯୋଗିତା ଏବଂ ଜାଭିୟର ଇନିଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଂଟ ମିଳିତ ଆନୁକୂଲ୍ୟରେ ଏହି ତାଲିମ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଯୁଗ୍ମ ନିର୍ଦ୍ଦେଶିକା ଶ୍ରୀମତୀ କାନନବାଳା ନାୟକ ତାଲିମ୍ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଏକାଡେମୀର ଡେପୁଟି ଡାଇରେକ୍ଟର ଜେନେରାଲ ପ୍ରତାପ କୁମାର ମିଶ୍ର, ଅତିରିକ୍ତ କମିଶନର ଡଃ ହିଂମାଶୁ ଭୂଷଣ ପଣ୍ଡା, ଉପନିର୍ଦ୍ଦେଶକ ଡଃ ମମତାରାଣୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# କଲରାପତରିଆ ବାଘ ଚମଡ଼ା ଜବତ, ୩ ଗିରଫ

ମାଲକାନଗିରି, ୨୦/୦୧ (ନି.ପ୍ର): ମାଲକାନଗିରି ଜିଲ୍ଲା ମୋଟୁ ବନାଂଚଳ ପକ୍ଷରୁ ଏକ କଲରାପତରିଆ ବାଘ ଚମଡା ଗତକାଲି ଜବତ କରାଯିବା ସହ ଏହାକୁ ବିକ୍ରୀ ପାଇଁ ଯୋଜନା କରୁଥିବା ୩ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି । ମାନ୍ୟମକୋଣ୍ଡା ପଂଚାୟତ ନିକଟସ୍ଥ ପୋଟେରୁ କେନାଲ ଠାରେ କିଛି ବ୍ୟକ୍ତି ଏକ କଲରାପତରିଆ ବାଘ ଚମଡା ବିକ୍ରୀ ପାଇଁ ନେଉଥିବା ଏକ ବିଶେଷ ସୂତ୍ରରୁ ଖବର ପାଇ ମାଲକାନଗିରି ବନଖଣ୍ଡ ଅଧିକାରୀ ପ୍ରତାପ କୋଟାପାଲ୍ଲୀଙ୍କ ନିର୍ଦ୍ଦେଶ କ୍ରମେ ମୋଟୁ ବନାଂଚଳ ଅଧିକାରୀ ରଶ୍ମି ରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ ବନପାଳ ଓ ବନରକ୍ଷୀ ମାନେ ଯାଇ ଚଢ଼ଉ କରିଥିଲେ । ବାଘ ଚମଡା ସହ ୩ ଜଣଙ୍କୁ ଗିରଫ କରି ମୋଟୁ ବନାଂଚଳ କାର୍ଯ୍ୟାଳୟକୁ ଆଣିଥିଲେ । ସେମାନଙ୍କ ଠାରୁ ଗୋଟିଏ ହୋଣ୍ଡା ସାଇନ ମୋଟର ସାଇକେଲ ଜବତ କରାଯାଇଛି । ଜବତ ଚମଡାର ଲମ୍ବ ପ୍ରାୟ ୧.୧୩ ମିଟର ହୋଇଥିବା ବେଳେ ବୟସ ୩ ବର୍ଷ ହେବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ବାବୁ ଜଗଦ୍ ଜୀବନରାମ୍ ଛାତ୍ରାବାସରେ ଅନ୍ତେବାସୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ମାଲକାନଗିରି, ୨୦/୦୧ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟର ବାବୁ ଜଗଦ୍ ଜୀବନରାମ୍ ଛାତ୍ରାବାସରେ ନବାଗତ ଅନ୍ତେବାସୀଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆଜି ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦର ଅଧକ୍ଷା ସମାରି ତାଙ୍ଗୁଲୁ ଯୋଗଦାନ କରି ଅନ୍ତେବାସୀଙ୍କୁ ଶୃଙ୍ଖଳା ସହିତ ପାଠପଢ଼ି ଦେଶ ଗଠନରେ ବଳିଷ୍ଠ ନେତୃତ୍ୱ ନେବା ପାଇଁ ପରାମର୍ଶ ଦେଇଥିଲେ । ମୁଖ୍ୟ ବକ୍ତା ରୂପେ ଡଃ. ରଞ୍ଜନ କୁମାର ସ୍ୱାଇଁ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅଧ୍ୟାପକ ଶୃଙ୍ଖଳିତ ତଥା ସମୟାନୁବର୍ତୀତାର ସହିତ ପାଠପଢ଼ି ଦେଶର ଭୌତିକ ଗଠନରେ ସହାୟକ ହେବା ପାଇଁ ଉପଦେଶ ଦେଇଥିଲେ । ଏହି ସଭାରେ ଛାତ୍ରାବାସର ଅଧିକ୍ଷକ ଗୌତମ କୁମାର ନାୟକ ମଂଚ ପରିଚାଳନା ପୂର୍ବକ ସଭା ଆୟୋଜନ କରିଥିଲେ । ସମ୍ମାନିତ ଅତିଥି ରୂପେ ମନୋରଞ୍ଜନ ପରିଡା ବରିଷ୍ଠ କିରିଣୀ, ମୀନକେତନ ସମର୍ଥ ପୂରାତନ ଛାତ୍ର ଉପସ୍ଥିତ ରହି ଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ ଛାତ୍ର ଉପସ୍ଥିତ ରହିଥିଲେ । ଏହି ଛାତ୍ରାବାସରେ ହରିଶ୍ଚନ୍ଦ୍ର ଗୋଲାରୀ କାନ୍ଥରେ ଛବିଆଙ୍କି ଅତିଥିଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲେ । ଏହି ଅବସରରେ ଜିଲ୍ଲା ପ୍ରଶାସନ ତରଫରୁ ମାଲ୍ୟବନ୍ତ ମହୋତ୍ସବରେ ମାନପତ୍ର ପାଇ ସମ୍ବର୍ଦ୍ଧିତ ହୋଇଥିବା ଲକିନାଥ କିର୍ସାନିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ସଭାଶେଷରେ ମୁଖ୍ୟ କିରାଣୀ ଭାଗବତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭକ୍ତକବିଙ୍କ ମଧୁସୂଦନଙ୍କ ବର୍ଣ୍ଣବୋଧ ଓଡ଼ିଆ ଭାଷା ଶିକ୍ଷାରେ ପ୍ରଥମ ସୋପାନ

ଭୁବନେଶ୍ୱର, ୨୦/୦୧ (ନି.ପ୍ର): ଭକ୍ତକବି ମଧୁସୂଦନ ରାଓଙ୍କ ୧୭୦ତମ ଜୟନ୍ତୀ ଆଜି ପ୍ରତ୍ୟୁଷରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସନ୍ନିକଟ ତାଙ୍କ ପ୍ରତିମୂର୍ତି ସ୍ଥଳୀରେ ମହାସମାରୋହରେ ଅନୁଷ୍ଠିତ ହୋଇ ପ୍ରତିମୂର୍ତିରେ ମାଲ୍ୟାର୍ପଣ ସହ ଦୀପଦାନ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତାମାନେ ମଧୁସୂଦନଙ୍କ ରଚନାରେ ସମାଜ ସଂସ୍କାର ସହିତ ଭକ୍ତିଭାବର ପରିପ୍ରକାଶ ରହିଛି । ତାଙ୍କ ରଚିତ ‘ହେ ଆନନ୍ଦ ମୟ କୋଟି ଭୁବନ ପାଳକ’ ଅଦ୍ୟାବଧି ବିଦ୍ୟାଳୟରେ ପ୍ରାର୍ଥନା ଭାବରେ ଛାତ୍ରଛାତ୍ରୀମାନେ ଗାୟନ କରି ପ୍ରତିଦିନ ବିଦ୍ୟାରମ୍ଭ କରିଥାଆନ୍ତି । ତାଙ୍କ ରଚିତ ମଧୁ ବର୍ଣ୍ଣବୋଧ ପଢ଼ି ପ୍ରତ୍ୟେକ ଓଡ଼ିଆ ଭାଷା ଶିକ୍ଷା କରିଥାଆନ୍ତି । ମାତୃଭାଷା ଓ ମାତୃଭୂମିକୁ ସେ ଜନନୀ ଭାବରେ ଅଭିହିତ କରି ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଆଜୀବନ କାର୍ଯ୍ୟକରି ନିଜର ମହନୀୟତା ପ୍ରତିପାଦିତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ, ଭକ୍ତକବିଙ୍କ ବନ୍ଦନା ଗାନ କଲାପରେ ଶିକ୍ଷାବିତ୍ କାମଦେବ ମହାପାତ୍ର କବିତା ଆବୃତ୍ତି କରିଥିଲେ । ବିଧାୟକ ପ୍ରଫୁଲ୍ଲ ସାମଲ, ଅଧ୍ୟାପକ ଦୁର୍ଯ୍ୟୋଧନ ପରିଡ଼ା, ରମେଶ ଚନ୍ଦ୍ର ପାତାଳସିଂହ, ଜୟ ଓଡ଼ିଶା ଅଧକ୍ଷ ରୁଦ୍ର ନାରାୟଣ ସାମନ୍ତରାୟ, ସଂଯୁକ୍ତା ମିଶ୍ର, ପ୍ରଗତି ରଥ, ରୀତା ମହାନ୍ତି, ଭକ୍ତିରଂଜନ ପଲାଇ, ସଂଜୟ ପରିଡ଼ା, ଶିବ ସୁଆର, ନରେନ୍ ସାହୁ ଓ ଉଇ ଫର ଭୁବନେଶ୍ୱର ସଭ୍ୟବୃନ୍ଦ ନିଜ ବକ୍ତବ୍ୟରେ ଭକ୍ତକବିଙ୍କ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଦୁର୍ଯ୍ୟୋଧନ ପରିଡ଼ା, ଶିକ୍ଷୟିତ୍ରୀ ଉର୍ମିଳା ନାୟକ, ବିଜୟ କୁମାର ସାହୁ, ଅଶ୍ୱିନୀ କୁମାର ପଟ୍ଟନାୟକ, ରୋହିତ କୁମାର ନାୟକ, ମନୀଷା ମହାନ୍ତିଙ୍କୁ ଭକ୍ତକବି ମଧୁସୂଦନ ରାଓ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା ।

# ସୀମାନ୍ତରେ ଅନୁକୂଳ ଚନ୍ଦ୍ରଙ୍କ ୧୩୫ତମ ବାର୍ଷିକ ସମାରୋହ



ଜଳେଶ୍ୱର, ୨୦/୧(ନି.ପ୍ର) : ପଶ୍ଚିମବଂଗ ଓ ଓଡିଶା ସୀମା ଜଳେଶ୍ୱରର ସତ୍‌ସଙ୍ଗ ବିହାରରେ ଅନୁକୂଳ ଚନ୍ଦ୍ରଙ୍କର ୧୩୫ ତମ ଆବିର୍ଭାବ ତଥା ଶ୍ରୀ ବିଗ୍ରହ ପ୍ରତିଷ୍ଠାର ଚତୁର୍ଦ୍ଦଶ ବାର୍ଷିକ ସ୍ମାରକୀ ଅନୁଷ୍ଠିତ ହେବ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି । କରୋନାର ତାଲା ବନ୍ଦ ଯୋଗୁଁ ଦୁଇବର୍ଷ କୌଣସି ସମାରୋହ ହୋଇ ପାରିନଥିବା ବେଳେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଜଳେଶ୍ୱରର ସତ୍‌ସଙ୍ଗ ବିହାରରେ ଆସନ୍ତା ୨୩ ତାରିଖ ଦିନ ଏପରି ଉତ୍ସବ ହେବ ବୋଲି ହେବ ସ୍ଥିର ହୋଇଛି । ନେତାଜୀଙ୍କ ଜନ୍ମଦିନ ଏବଂ ଏହି ଦିନରେ ପଶ୍ଚିମବଂଗରୁ ଓଡିଶାକୁ ଶ୍ରୀ ଅନୁକୂଳ ଚନ୍ଦ୍ର ଆଗମନ କରିଥିବାରୁ ଏହାର ସ୍ମାରକୀ ତଥା ଜଳେଶ୍ୱରରେ ମନ୍ଦିର ପ୍ରତିଷ୍ଠାର ୧୪ତମ ବାର୍ଷିକ ଉତ୍ସବ ମଧ୍ୟ ହେବାକୁ ସ୍ଥିର ହୋଇଥିବା ମନ୍ଦିର ଦାୟିତ୍ୱରେ ଥିବା ଅଧ୍ୟାପକ କେଦାର ନାଥ ମହାନ୍ତି ସାମ୍ବାଦିକ ମାନଙ୍କୁ କହିଛନ୍ତି । ବ୍ରାହ୍ମ ମୁହୂର୍ତ୍ତରେ ବେଦ ମାଙ୍ଗଳିକି ଉ ଉଷା କିର୍ତ୍ତନ, ପ୍ରାତଃ ବିନତୀ, ଉତ୍ସବ ଉଦ୍‌ଘାଟନ, ସ୍ୱସ୍ତି ମହାଯଜ୍ଞ, ବର୍ଣ୍ଣାଢ୍ୟ ଶୋଭାଯାତ୍ରା ଓ ନଗର ପରିକ୍ରମା, ସଂଗିତାଞ୍ଜଳୀ, ସାଧାରଣ ସଭା, ଚିକିତ୍ସକ ସମ୍ମିଳନ, ମାତୃ ସମ୍ମିଳନୀ, ଆତସବାଜି ପ୍ରଦର୍ଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିବା ସଂପର୍କରେ ଶ୍ରୀ ମହାନ୍ତି କହିଛନ୍ତି । ଏଥିରେ ଜଳେଶ୍ୱର ବାସୀଙ୍କ ସହଯୋଗ ଓ ଯୋଗଦାନ ସଂପର୍କରେ ନିବେଦନ କରିଛନ୍ତି । ଏଥିରେ ୨୦ହଜାରରୁ ଅଧିକ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗ ଦେବା ସଂପର୍କରେ ଆକଳନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ସଭାପତି ଡା. ମୂରଲୀଧର ଦାସ, ସହସଂପାଦକ ଗଣେଶଚନ୍ଦ୍ର ଜେନା, ପ୍ରାଧ୍ୟାପକ ପରିମଳ ରଂଜନ ଭୂୟାଁ, ରାସବିହାରୀ ଚକ୍ରବର୍ତ୍ତୀ, ଭୂବନାନନ୍ଦ ରାଉଳ, କାହ୍ନୁଚରଣ ମହାନ୍ତି, ଇଂ ଶ୍ରୀମନ୍ତ ଘୋଷ, ଜଳନ୍ଧର ଜେନା, ଶାନ୍ତନୁ ଜେନା ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ପ୍ରକାଶଯୋଗ୍ୟ ଜଳେଶ୍ୱରର ଅନୁକୂଳ ଚନ୍ଦ୍ର ମନ୍ଦିର ସମଗ୍ର ରାଜ୍ୟରେ ସର୍ବ ଉଚ୍ଚତମ ବୋଲି କୁହାଯାଇଛି ।

## ଟୀକାକାର ଶ୍ରୀଧର ସ୍ୱାମୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ୨୮ରେ

ରେମୁଣା,୨୦/୦୧ (ନି.ପ୍ର): ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର ଓ ଶ୍ରୀଧରସ୍ୱାମୀ ସ୍ମୃତି ପରିଷଦ ମିଳିତ ଆନୁକୂଲ୍ୟରେ ପୃଥିବୀ ପ୍ରସିଦ୍ଧ ଜଗଦ୍‌ଗୁରୁ ଶ୍ୟଧରସ୍ୱାମୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ପଣ୍ଡିତଙ୍କ ଜନ୍ମପୀଠ ମୟୂରଗ୍ରାମରେ ଆସନ୍ତା ଜାନୁଆରୀ ୨୮ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଚାରିଦିନ ଧରି ଅନୁଷ୍ଠିତ ହେବ ବୋଲି ପରିଷଦ ସଭାପତି ଡ. ଭାଗବତ ପ୍ରସାଦ ଦାସ ଓ ସଂପାଦକ ହରେକୃଷ୍ଣ ପଣ୍ଡା ସୂଚନା ଦେଇଛନ୍ତି । ଏହି ସଭାରେ ସଂସ୍କୃତ ସାହିତ୍ୟରେ ଡକ୍ଟରେଟ ଉପାଧି ଲାଭ କରିଥିବା ଦୁଇଜଣ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିବା ସହ ଏହି ଅଞ୍ଚଳରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯିବ । ଚାରିଦିନ ବ୍ୟାପି ଓଡ଼ିଶାର ଲବ୍ଧ ପ୍ରତିଷ୍ଠା ଗବେଷକ, ସାହିତ୍ୟିକ, ବାଗ୍ମୀ, ଶ୍ରୀଧରସ୍ୱାମୀଙ୍କ ଉପରେ ବକ୍ତବ୍ୟ ରଖିବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି । ଏଥିସହ ବିଭିନ୍ନ ସନ୍ଧ୍ୟାରେ ଭଜନ ସମାରୋହ, ଆଧ୍ୟାତ୍ମିକ ପ୍ରବଚନ, ଶାସ୍ତ୍ରୀୟ ନୃତ୍ୟ ଗୀତାଦି ଅନୁଷ୍ଠିତ ହେବାର ସ୍ଥିର ହୋଇଛି ବୋଲି ସଂପାଦକ ଶ୍ରୀଯୁକ୍ତ ପଣ୍ଡା ଉଲ୍ଲେଖ କରି ଉତ୍ସବର ସମସ୍ତଙ୍କର ସଫଳତା ପାଇଁ ସହଯୋଗ କାମନା କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ପତ୍ନୀଙ୍କ ସମସ୍ତ ଅଭିଯୋଗକୁ ....

ଏପଟେ ହ୍ୟୁମାନଙ୍କ ମାଆ ଆପୋଷ ବୁଝାମଣା ପାଇଁ ମତ ଦେଇଛନ୍ତି । ସେ କହିଛନ୍ତି, ନାତୁଣୀ ଓ ବୋହୂଙ୍କୁ ସେ ମିସ୍ କରୁଛନ୍ତି । ପୁଣିଥରେ ତାଙ୍କ ପୁଅ-ବୋହୂ ଏକାଠି ରୁହନ୍ତୁ ବୋଲି କହିଛନ୍ତି ହ୍ୟୁମାନଙ୍କ ମାଆ । ଗତ ୬ ମାସ ହେଲା ହ୍ୟୁମାନଙ୍କ ସହ ରହୁନାହାନ୍ତି ପତ୍ନୀ ଶ୍ରେୟା । ଗୁରୁବାର ଦିନ ଶ୍ରେୟାଙ୍କ ଅଭିଯୋଗ ଆଧାରରେ ହ୍ୟୁମାନ ସାଗର ଥାନାରେ ହାଜର ହୋଇଥିଲେ । ଉଭୟ ପତିପତ୍ନୀଙ୍କୁ ଥାନାକୁ ଡକାଇ କାଉଁନସେଲିଂ କରିଥିଲା ପୁଲିସ । ବିବାଦର ସମାଧାନ ପାଇଁ ସେମାନଙ୍କୁ ଦୁଇ ଦିନ ସମୟ ଦିଆଯାଇଛି । ଦିନକ ପରେ ଜଣାପଡିବ, ମାମଲା ଆଗକୁ ବଢୁଛି, ନା ଉଭୟ ସ୍ୱାମୀ-ସ୍ତ୍ରୀ ଆପୋଷ ବୁଝାମଣା କରି ପୁଣିଥରେ ଏକାଠି ହେଉଛନ୍ତି ।

### ବିବିସି ଡକ୍ୟୁମେଂଟାରୀରେ....

ହେଲେ ଏହି ରିପୋର୍ଟ ନିରପେକ୍ଷ ନୁହେଁ । ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ଅପପ୍ରଚାର । ବିବିସି ଡକ୍ୟୁମେଂଟାରୀକୁ ନେଇ ବ୍ରିଟିଶ ସଂସଦରେ ବି ଆଲୋଚନା ହୋଇଛି । ସଂସଦରେ ପାକିସ୍ତାନର ମୂଳ ବାସିନ୍ଦା ଥିବା ସାଂସଦ ଇମ୍ରାନ ହୁସେନ କହିଥିଲେ – ଗୁଜରାଟ ଦଙ୍ଗା ପାଇଁ ସିଧାସଳଖ ନରେନ୍ଦ୍ର ମୋଦୀ ହିଁ ଦାୟୀ ଥିଲେ । ଏବେ ବି ଦଙ୍ଗା ପୀଡିତଙ୍କୁ ନ୍ୟାୟ ମିଳିନାହିଁ । ହେଲେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ରିଷି ସୁନକ କହିଛନ୍ତି, – ବିବିସି ଡକ୍ୟୁମେଂଟାରୀରେ ଯେଉଁଭଳି ଭାବେ ମୋଦୀଙ୍କୁ ଦର୍ଶା ଯାଇଛି ସେଥିରେ ମୁଁ ଏକମତ ନୁହେଁ । ବିବିସି ୧୭ ଜାନୁୟାରୀରେ 'ଦ ମୋଦୀ କ୍ୱେଶ୍ଚିନ୍' ଡକ୍ୟୁମେଂଟାରୀର ପ୍ରଥମ ଏପିସୋଡ ୟୁଟ୍ୟୁବରେ ସେୟାର କରିଥିଲା । ଏଥିରେ ଗୁଜରାଟ ଦଙ୍ଗାକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭୁଲ ଭାବେ ଦର୍ଶା ଯାଇଥିବା ଅଭିଯୋଗ ହେଲା । ଡକ୍ୟୁମେଂଟାରୀକୁ ନେଇ ବିବାଦ ତେଜିବା ପରେ ୟୁଟ୍ୟୁବ୍ରୁ ସେହି ଭିଡିଓ ଉଠାଇ ଦିଆଯାଇଛି । ୨୦୦୨ ଗୁଜରାଟ ଦଙ୍ଗା ସମୟରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଥିଲେ ନରେନ୍ଦ୍ର ମୋଦୀ । ଗୁଜରାଟ ଦଙ୍ଗାର ଯାଂଚ କରିବା ପାଇଁ ସୁପ୍ରିମକୋର୍ଟ ଦ୍ୱାରା ଗଠିକ କମିଟି ନରେନ୍ଦ୍ର ମୋଦୀଙ୍କୁ କ୍ଲିନ୍ ଚିଟ୍ ଦେଇଛନ୍ତି ।

### ମୋଦି ଓଡ଼ିଶାକୁ ଆବାସ ଯୋଜନାରେ....

ରାଜ୍ୟ ସରକାର କହିଛନ୍ତି । ମାତ୍ର ବାସ୍ତବରେ ଦେଖିଲେ ଯଦି ଗାଁର ପ୍ରତିପତିଶାଳୀ ଲୋକ ଆବାସ ପାଇବା ପାଇଁ ଅଯୋଗ୍ୟ ଥିବା ସତ୍ତ୍ୱେ ତାଲିକାରେ ଅସାଧୁ ଉପାୟରେ ନାଁ ଭରିଲେ ତେବେ ସେ ଅଂଚଳର ଗରିବ ଲୋକ ସେହି ବ୍ୟକ୍ତି ବିରୋଧରେ ପ୍ରତିବାଦ ନ କରିପାରେ । ଏଭଳି ଆଶଙ୍କା ଦେଖାଯାଇଥିବାରୁ ବ୍ଲକ ଗୁଡିକରେ ରାଜ୍ୟ ସରକାର ଗରିବ ଲୋକଙ୍କ ଉପରେ ଚାପ ସୃଷ୍ଟି ନ କରି ସଠିକ୍ ତର୍ଜମା କରି ଘର ପାଇବାକୁ ଯୋଗ୍ୟ ଲୋକଙ୍କ ନାଁ ସାମିଲ କରନ୍ତୁ । ଶ୍ରୀ ପ୍ରଧାନ କହିଛନ୍ତି ଏବେ ଭାରତ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପଂଚାୟତଓ୍ୱାରୀ ବିଭିନ୍ନ ବ୍ଲକରେ ଆବାସ ତାଲିକା ଲଗାଯିବା ପରେ ଅନେକ ଯୋଗ୍ୟ ହିତାଧିକାରୀଙ୍କ ନାଁ ତାଲିକାରେ ନ ଥିବା କଥା ସାମ୍ନାକୁ ଆସିଛି । ପୂର୍ବରୁ ଅନୁରୂପ ଭାବରେ ପିଏମ ଆବାସରେ ୧୮ ଲକ୍ଷ ଘର ଆସିବା ପରେ ସମାନ ଅଭିଯୋଗ ଆସିଥିଲା । ଏବେ ଅତିରିକ୍ତ ସାଢେ ୯ ଲକ୍ଷ ଘର ଓଡ଼ିଶାକୁ ମିଳିବା ପରେ ଯୋଗ୍ୟ ଲୋକଙ୍କୁ ଘର ମିଳୁ ବୋଲି କେନ୍ଦ୍ର ସରକାର ଅପେକ୍ଷା ରଖିବା ସ୍ୱାଭାବିକ । ଏ ଦାୟିତ୍ୱ ରାଜ୍ୟ ସରକାରଙ୍କୁ ନେବାକୁ ପଡିବ । ଏତେ ଟଙ୍କା ଆସିବାରେ ମଧ ଯଦି ଯୋଗ୍ୟ ଲୋକ ଘର ପାଇବେ ନାହିଁ ତେବେ ତାହା ଗମ୍ଭୀର ବିଷୟ ।

### ବିଜେଡି ବିଧାୟକଙ୍କୁ ....

ଖଣି କାରବାରରେ ବହୁ କୋଟି ଟଙ୍କା ଉପାର୍ଜନ କରି ଟିକସ ଫାଙ୍କିଥିବା ଅଭିଯୋଗ ହୋଇଛି । ଏଥିପାଇଁ ଆୟକର ବିଭାଗ ପକ୍ଷରୁ ମଧ ଚଢ଼ାଉ ହୋଇଥିଲା । ମନି ଲଣ୍ଡ୍ରିଂ ଆକ୍ଟ-୨୦୦୨ର ଧାରା ୧୭ ଅନ୍ତର୍ଗତ ଶ୍ରୀ ପ୍ରଧାନଙ୍କୁ ବୟାନକୁ ଇଡି ରେକର୍ଡ କରିଛି । ଗତବର୍ଷ ପୂର୍ବତନ ବିଧାୟକ ଶ୍ରୀ ପଟ୍ଟନାୟକଙ୍କର ୧୩୩କୋଟି ଟଙ୍କାର ସମ୍ପତ୍ତି ଓ ବ୍ୟାଙ୍କ ଡିପୋଜିଟକୁ ଇଡି ବ୍ୟାଜ୍ୟାପ୍ତି କରିଥିଲା । ଏହାସହିତ ତାଙ୍କ ବିରୁଦ୍ଧରେ ମନି ଲଣ୍ଡ୍ରିଂ ଆକ୍ଟରେ ମଧ ମାମଲା ରୁଜୁ କରିଥିବା ଜଣାପଡ଼ିଛି । ତେବେ ଇଡି ଜେରା ସମ୍ପର୍କରେ ଶ୍ରୀ ପ୍ରଧାନ ବିଶେଷ କିଛି ସୂଚନା ଦେଇନାହାନ୍ତି ।

## ପ୍ରେସ-ଇକ୍ସପ୍ରେସ ମିଡିଆ କ୍ଲବର ବନ୍ଧୁ ମିଳନ

ବାଲେଶ୍ୱର,୨୦/୦୧ (ନି.ପ୍ର): 'ପ୍ରେସ-ଇକ୍ସପ୍ରେସ' ମିଡିଆ କ୍ଲବର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଓ ବଣଭୋଜି ନୀଳଗିରି ସ୍ଥିତ ରକ୍ଷିଆ ଡ୍ୟାମଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ମିଡିଆ କ୍ଲବର ସଭାପତି ଉଜ୍ଜ୍ୱଳ ଚନ୍ଦ୍ର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ନିରଂଜନ ଦାସ, କୁଳମଣି ବାରିକ, ଶୁଭେନ୍ଦୁ ମୋହନ ଦାସ, ମହମ୍ମଦ ଇନାୟତ ଅଲି, ରତିକାନ୍ତ ପାଢ଼ୀ, ରତିକାନ୍ତ ଦତ୍ତ, ମାନସ ବିଶ୍ୱାଳ, ସନ୍ଦୀପ୍ତ ଦାସ, ସ୍ୱାଗତିକା ବାରିକ, ଜୀବନଜ୍ୟୋତି ନାୟକ, କୈଳାସ ଚନ୍ଦ୍ର ବେହେରାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ସାମ୍ବାଦିକ ଏଥିରେ ଯୋଗ ଦେଇଥିଲେ ।

## ରାୟାଁ ରାମଚନ୍ଦ୍ରପୁର ପଂଚାୟତରେ ଆବସ ଯୋଜନା ବାଟବଣା



ଜଳେଶ୍ୱର, ୨୦/୦୧(ନି.ପ୍ର) : ଜଳେଶ୍ୱର ବ୍ଲକର ରାୟାଁରାମଚନ୍ଦ୍ର ପୁର ପଂଚାୟତରେ ବହୁ ଅଯୋଗ୍ୟ ହୀତାଧିକାରୀ ଆବସ ଯୋଜନା ପାଇବା ତାଲିକାରେ ସ୍ଥାନିତ ହୋଇଥିବା ବେଳେ ବହୁ ଯୋଗ୍ୟ ଗରିବ ବ୍ୟକ୍ତି ସେଥିରୁ ବଞ୍ଚିତ ହୋଇଛନ୍ତି । ସେଥିପାଇଁ ଗାଁରୁ ପଂଚାୟତ ସମିତି ଯାଏ ବହୁ ଯୋଗ୍ୟ ହିତାଧିକାରୀଙ୍କ ତାଙ୍କ ନାମ ପ୍ରକାଶ ତାଲିକାରେ ସ୍ଥାନିତ କରିବାକୁ ଆବେଗ ସହିତ ଧାଆଁ ଧପଡ କରୁଛନ୍ତି । ଏଥିପାଇଁ ଗାଁ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି । ଗତ କିଛିଦିନ ତଳେ ପଂଚାୟତ ଅଧିକାରୀ, ଅଂଗନୱାଡି କର୍ମୀ ଓ ଜିଆରଏସ୍ ଘରକୁଘର ବୁଲି ବିଭିନ୍ନ ସର୍ଭେ କାର୍ଯ୍ୟ କରିଥିଲେ । ପୂର୍ବରୁ ପ୍ରକାଶ ପାଇଥିବା ଏସଇସିସି ତାଲିକାର କେତେକ ହିତାଧିକାରୀଙ୍କ ନାମ ଏବେ ପ୍ରକାଶ ପାଇଥିବା ତାଲିକାରେ ନ ଥିବାରୁ ଦେଖିବାକୁ ମିଳିଛି । ଏପରିକି କେତେକ ନାମ ପ୍ରକାଶ ପାଇଥିଲେ ସରକାରଙ୍କ ନିତୀ ନିୟମ ଅନୁସାରେ ସ୍କୁଟି, ବାଇକ୍, ଫ୍ରିଜ, ଡଙ୍ଗା ଇତ୍ୟାଧି ଥିଲେ ସେମାନେ ବଂଚିତ ହେବାକୁ ଯାଉଥିବାରୁ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି । ସେପରିସ୍ଥଳେ ରାୟାଁରାମଚନ୍ଦ୍ରପୁର ଗାଁର ଆରତୀ ବେହେରା, ନିତ୍ୟାନନ୍ଦ ବେହେରା ଓ ନିଳାମ୍ବର ଜେନା ଯୋଗ୍ୟ ହିତାଧିକାରୀ ହୋଇଥିଲେ ମଧ୍ୟ ସେମାନଙ୍କ ନାମ ତାଲିକାରେ ସ୍ଥାନିତ ହୋଇନଥିବା ଜଣାଯାଇଛି । ସେମାନେ ଗତ କିଛିଦିନ ଧରି ପଂଚାୟତଠାରୁ ବ୍ଲକ ପର୍ଯ୍ୟନ୍ତ ଦୌଡି ନୟାନ୍ତ ହୋଇଛନ୍ତି । ସେମାନଙ୍କୁ ଆବାସ ଯୋଜନା ଯୋଗାଇ ଦେବାକୁ ଦାବି ହେଉଛି ।

## ଚାଖୀ ଖୁଂଟିଆଙ୍କୁ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ଭୁବନେଶ୍ୱର,୨୦/୦୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଧୀନତା ସଂଗ୍ରାମୀ ଚାଖି ଖୁଂଟିଆଙ୍କ ଜୟନ୍ତୀରେ ତାଙ୍କୁ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ଐତିହାସିକ ସିପାହୀ ବିଦ୍ରୋହର ମହାନ କ୍ରାନ୍ତିବୀର ତଥା ବିପ୍ଳବୀ ଚନ୍ଦନ ହଜୁରୀ (ଚାଖି ଖୁଂଟିଆ)ଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି । ଦେଶର ଅଖଣ୍ଡତା ବଜାୟ ରଖିବା ପାଇଁ ତାଙ୍କ ତ୍ୟାଗ, ବଳିଷ୍ଠ ନେତୃତ୍ୱ, ବୀରତ୍ୱ ଓ ବଳିଦାନ ସର୍ବଦା ଓଡ଼ିଆ ଜାତିର ସ୍ୱାଭିମାନ ହୋଇ ରହିବ ।

## ଲୋକନାଥ ପୁର ଗ୍ରାମରୁ ମହିଳା ନିଖୋଜ : ଥାନାରେ ମାମଲା

ବସ୍ତା,୨୦/୦୧ (ନି.ପ୍ର): ବସ୍ତା ଥାନା ଲୋକନାଥପୁର୍ ଗ୍ରାମର ଜଣେ ମହିଳା ନିଖୋଜ ନେଇ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଜାରି ରଖିଛି । ସୂଚନାରୁ ପ୍ରକାଶ ଯେ,ଏହି ଗ୍ରାମର ପୂର୍ଣ୍ଣିମା ଦାସ (୩୪) ପୂର୍ବରୁ ବାପାଙ୍କ ଆର୍ଥିକ ଅବସ୍ଥା ଭଲ ନଥିବାରୁ ଉତ୍ତରପ୍ରଦେଶ ରେ ବିବାହ କରିଥିଲେ । ମାତ୍ର ବିବାହର କିଛିଦିନ ଭିତରେ ପୂର୍ଣ୍ଣିମା ଦୁଇଟି ସନ୍ତାନ ର ଜନନୀ ହୋଇଥିଲେ । ମାତ୍ର ସ୍ୱାମୀ ଅତ୍ୟଧିକ ମଦ୍ୟପାନ କରି ବିଭିନ୍ନ ସମୟରେ ଶାରୀରିକ ମାନସିକ ନିର୍ଯାତନା ଦେଉଥିବାରୁ ସେ ଉତ୍ତରପ୍ରଦେଶ ଛାଡି ଓଡ଼ିଶା ନିଜ ବାପା ଘରକୁ ଫେରି ଆସିଥିଲେ । ଏଠାରେ ନିଜର ପରିବାର ପ୍ରତିପୋଷଣ ପାଇଁ ସେ ଲୋକଙ୍କ ଘରେ କାମଧନ୍ଦା କରିଥିବା ସ୍ଥଳେ ଜଳେଶ୍ୱର ଥାନା ସେକସରାଇ ଗ୍ରାମରେ ଥିବା ଏକ ପ୍ଲାଷ୍ଟିକ ଫେକ୍ଟରି ରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ଗୁରୁବାର ସକାଳ ସମୟରେ ପୂର୍ଣ୍ଣିମା ଫେକ୍ଟରୀ କୁ କାମପାଇଁ ଯାଉଥିବା କହି ଘରୁ ବାହାରିଥିବା ବେଳେ ସେଠାରେ ପହଞ୍ଚି ନଥିଲେ । ଅଥଚ ନିଜ ଗ୍ରାମ ନିକଟ ଏକ ନିଛାଟିଆ ଜାଗାରେ ତାଙ୍କର ପିନ୍ଧାଲୁଗା ପଡ଼ିଥିବା ତାଙ୍କ ପୁଅ ଦେଖି ପୂର୍ଣ୍ଣିମା ଙ୍କ ଭାଇକୁ ଖବର ଦେଇଥିଲେ । ପରେ ପୂର୍ଣ୍ଣିମା ଙ୍କ ପରିବାର ଲୋକ ସେ କାମ କରିଥିବା ଫେକ୍ଟେରି ସମେତ ବିଭିନ୍ନ ଜାଗାରେ ବହୁ ଖୋଜାଖୋଜି କରି ପାଇନଥିଲେ । ତାଙ୍କର ମୋବାଇଲ ମଧ ସୁଇଚ ଅଫ୍ ଥିବା ଜଣାଯାଇଥିଲା । ପରେ କୌଣସି ଉପାୟ ନପାଇ ପୂର୍ଣ୍ଣିମାଙ୍କ ଭାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାଯାଇଛି ।

## ବଗଳାଦେବୀଙ୍କ ଜନ୍ମୋତ୍ସବ ଉଦ୍‌ଯାପିତ

ବାଲେଶ୍ୱର,୨୦/୦୧ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ କୁରୁଡା ନିକଟସ୍ଥ ଶ୍ରୀଶ୍ରୀ ପୀତାମ୍ବରା ସିଦ୍ଧ ମହାଶକ୍ତି ପୀଠରେ ମା' ବଗଳାମୁଖୀଙ୍କ ଜନ୍ମୋତ୍ସବ ଓ ତିନି ଦିନିଆ ନବମ ବାର୍ଷିକ ଉତ୍ସବ ଶୁକ୍ରବାର ଉଦଯାପିତ ହୋଇଯାଇଛି । ବୈଦିକ ରୀତିରେ ତିନିଦିନ ଧରି ଚାଲିଥିବା ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା । ସିଦ୍ଧ ମହାଶକ୍ତିପୀଠାଧୀଶ ଆଚାର୍ଯ୍ୟ ରବିନାରାୟଣ ମିଶ୍ର ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ବିଧିପୂର୍ବକ ସମାପନ ହୋଇଥିଲା । ଜନ୍ମୋତ୍ସବ ଅବସରରେ ମା'ଙ୍କୁ ୧୦୦୮ ପ୍ରକାରର ବିଭିନ୍ନ ବ୍ୟଞ୍ଜନ, ମିଷ୍ଟାନ୍ନ, ଫଳମୂଳାଦି ପ୍ରସାଦ ଲାଗି କରାଯାଇଥିଲା । ଏହି ବିରଳ ପ୍ରସାଦ ଅର୍ପଣ ଲାଗିହେବା ଦେଖିବାକୁ ଭକ୍ତଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା । । ମହାଶକ୍ତିପୀଠ ପକ୍ଷରୁ ତିନିଦିନ ଧରି ଭକ୍ତମାନଙ୍କ ନିମନ୍ତେ ସାମୂହିକ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ଶୁକ୍ରବାର ସଂନ୍ଧ୍ୟାରେ ମହାଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା । ଏହା ପରେ ବାଣ ରୋଷଣୀ ସହ ଯଜ୍ଞମଣ୍ଡପରୁ ମା' ମନ୍ଦିରକୁ ବିଜେ କରିଥିଲେ । ତିନିଦିନ ବ୍ୟାପୀ ଚାଲିଥିବା ଉତ୍ସବରେ ସହର ସମେତ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଂଚଳରୁ ଶ୍ରଦ୍ଧାଳୁମାନେ ଯୋଗଦେଇ ମା' ବଗଳାମୁଖୀଙ୍କୁ ଦର୍ଶନ ସହ ଆଶୀର୍ବାଦ ଭିକ୍ଷା କରିଥିଲେ ।

## ରାଜ୍ୟର କେତେକ ସ୍ଥାନରେ କୁହୁଡ଼ି ଦୃଶ୍ୟମାନ

ଭୁବନେଶ୍ୱର,୨୦/୦୧ (ନି.ପ୍ର): ଆଜି ସକାଳେ ରାଜ୍ୟର କେତେକ ସ୍ଥାନରେ ଅତି ଘନ କୁହୁଡ଼ି ଦେଖିବାକୁ ମିଳିଥିବା ବେଳେ ଅନ୍ୟ କେତେକ ସ୍ଥାନରେ ଘନ କୁହୁଡ଼ି ଓ ଆଉ କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖିବାକୁ ମିଳିଛି । ବଲାଙ୍ଗିରରେ ଅତି ଘନକୁହୁଡ଼ି ଦେଖିବାକୁ ମିଳିଛି । ଯାହାର ଦୃଶ୍ୟମାନ ଦୂରତା ଥିଲା ୨୫ ମିଟର । ସେହିପରି ନୟାଗଡ଼, କଟକ ଓ ଫୁଲବାଣୀରେ ଘନ କୁହୁଡ଼ି ଦେଖିବାକୁ ମିଳିଛି । ଯାହାର ଦୃଶ୍ୟମାନ ଦୂରତା ରହିଛି ନୟାଗଡ଼ରେ ୮୦ ମିଟର, କଟକରେ୧୦୦ ମିଟର, ଫୁଲବାଣୀରେ୧୫୦ ମିଟର । ଅନୁରୂପ ଭାବେ ଢେଙ୍କାନାଳ, ଅନୁଗୁଳ, ବାରିପଦା, ଭବାନୀପାଟଣା, ପାରଳାଖେମୁଣ୍ଡି, ରାଉରକେଲା, ଭୁବନେଶ୍ୱର, ଗୋପାଳପୁର, ସମ୍ବଲପୁର ଏବଂ ହୀରାକୁଦରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖିବାକୁ ମିଳିଛି । ଯାହାର ଦୃଶ୍ୟମାନ ଦୂରତା ରହିଛି ଢେଙ୍କାନାଳରେ ୨୦୦ ମିଟର ରହିଛି ।

## ମୋହରିର ଦିବସ ପାଳିତ



ବାରିପଦା,୨୦/୦୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ମୋହରିର ସଂଘ ବାରିପଦା କଚେରୀ ପରିସରରେ ମୋହରିର ଦିବସ ପାଳିତ ହୋଇ ଯାଇଛି । ସଭାପତି ଶରତଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ପାଳିତ ହୋଇଥିବା କାର୍ଯ୍ୟକ୍ରମରେ ବୟଜ୍ୟେଷ୍ଠ ମୋହରିର ଶ୍ରୀ ମଙ୍ଗୁଲୁ ଚରଣ ବିନ୍ଧାଣୀ, ଚନ୍ଦ୍ରମୋହନ ମହାନ୍ତ, ବ୍ରଜମୋହନ ବେହେର, ବସନ୍ତ କୁମାର ପାଣିଗ୍ରାହୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା, ମୋହରିର ଦିବସ ପାଳନ କରିବା ପଛରେ ଐତିହାସିକ ତଥ୍ୟ ଉପରେ ଶ୍ରୀଶରତଚନ୍ଦ୍ର ନାୟକ ବକ୍ତବ୍ୟ ପ୍ରଦାନ କରିଥିଲେ । ବୟୋଜ୍ୟେଷ୍ଠ ମୋହରିର ନୀଳକଣ୍ଠ ମହାପାତ୍ର କାର୍ଯ୍ୟରୁ ଅବସର ନେଉଥିବାରୁ ସମ୍ପାଦକ ସଂଗ୍ରାମ ଶତପଥି ସଂଘରୁ ଏକ ଚ୍ୟାକ୍ ପ୍ରଦାନ କରିଥିଲେ ଅନ୍ୟତମ ହୃଦ୍‌ରୋଗୀଙ୍କ ଅନନ୍ତ ଚରଣ ଦାସଙ୍କ ଚିକିତ୍ସା ପାଇଁ ସମ୍ପାଦକ ଓ କୋଷାଧକ୍ଷ ଶ୍ରୀ ଯତିନ୍‌ଚନ୍ଦ୍ର ଗିରି ମଧ ସଂଘ ତରଫରୁ ଚ୍ୟାକ୍ ପ୍ରଦାନ କଲେ । ଅବଶେଷରେ ପିତାମ୍ବର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ଶ୍ରୀଯୁକ୍ତ ଚତୁର୍ଭୁଜ ପାତ୍ର, କୁଅଁର ମାଝୀ, ଲକ୍ଷ୍ମୀଧର ମହାନ୍ତି, ଶୈଳେନ୍ଦ୍ର ନାୟକ, ତ୍ରିଲୋଚନ କମିଳା, ମୃତ୍ୟୁଞ୍ଜୟ ସାହୁ, ଉଦୟ କୁମାର ନାୟକ, ଧନିରାମ ମାଝୀ, ପ୍ରଶାନ୍ତ ନାଏକ, ତପନ କୁମାର ପଲେଇ, ସୁନିଲ କୁମାର ମହାନ୍ତ ସଦାନନ୍ଦ ବେହେରା ପ୍ରମୁଖ ବହୁ ସଦଶ୍ୟ ଉପସ୍ଥିତ ଥିଲେ ।

## ମୃଦୁପାନୀୟରେ ନିଶା ଦେଇ ମହିଳାଙ୍କୁ ବଳାତ୍କାର

ନୀଳଗିରି,୨୦/୦୧ (ନି.ପ୍ର): ମୋବାଇଲରେ ଚାଟିଂ , ଫ୍ରେଣ୍ଡ ରିକ୍ୟୁଏଷ୍ଟ ଶେଷରେ ପ୍ରେମ ଫାଶରେ ଫସାଇ ଜନୈକ ମହିଳାକୁ ଧର୍ଷଣ କରି ଅନ୍ତରଙ୍ଗ ମୁହୂର୍ତ୍ତର ଭିଡ଼ିଓ ଉତୋଳନ କରି ଭାଇରାଲ କରିଦେବାର ଧମକ ଦେଇ ଲକ୍ଷାଧିକ ଟଙ୍କା ଲୁଟ କରିନେବା ଘଟଣା ଏବେ ନୀଳଗିରି ଅଂଚଳର ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ଅନୁଯାଇ ନୀଳଗିରି କାହାଳିଆ ଗାଁର ସୁକାନ୍ତ ଷଡ଼ଙ୍ଗୀ ଯାଜପୁର ଅଂଚଳର ସୋନାଲି ପୃଷ୍ଟି ନାମକ ମହିଳାକୁ ବିବାହ କରି ସୁଖର ସଂସାର କରି ରହି ଆସୁଥିଲେ । ତାଙ୍କ ଔରସରୁ ଏକ ୪ବର୍ଷର କନ୍ୟା ସନ୍ତାନ ମଧ ଅଛି । ପାଖ ସିମୁଳିଆ ଅଂଚଳର ଜନୈକ ଯୁବକ ସୋନାଲିଙ୍କ ମୋବାଇଲକୁ ୩ବର୍ଷ ପୂର୍ବରୁ ଫ୍ରେଣ୍ଡ ରିକ୍ୟୁଏଷ୍ଟ ପଠାଇ ତାସହିତ ଅନଲାଇନ ଚାଟିଂ କରି ଆସୁଥିଲା । ଫଳରେ ଉଭୟଙ୍କ ମଧରେ ଘନିଷ୍ଠତା ବଢ଼ିଥିଲା । ଏହାର ସୁଯୋଗ ନେଇ ଯୁବକ ଜଣକ ଉକ୍ତ ମହିଳାଙ୍କୁ ମୃଦୁପାନୀୟରେ ନିଶା ଦେଇ ବଳାତ୍କାର କରିଥିଲା । ଏହି ଅନ୍ତରଙ୍ଗମୁହୂର୍ତର ଦୃଶ୍ୟ ନିଜ ମୋବାଇଲରେ ରେକର୍ଡିଂ କରି ମହିଳା ଜଣକୁ ବାରମ୍ବାର ବ୍ଲକ ମେଲିଂ କରି ଆସୁଥିଲା । ନିଜ ସ୍ୱାମୀର ଅଗୋଚରରେ ମଧ ଯୁବକଙ୍କୁ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଦେଇ ଅନ୍ତରଙ୍ଗ ମୁହୂର୍ତର ଫଟୋ ଓ ଭିଡିଓକୁ ଡିଲିଟ୍ କରିଦେବାକୁ ନେହୁରା ମଧ ହୋଇଥିଲା । କିନ୍ତୁ ଯୁବକ ଜଣକ ନିଜର ଅନ୍ୟ ଜଣେ ସାଥୀ ସହିତ ବାରମ୍ବାର ଧମକ ଦେଇ ଭିଡିଓ ଭାଇରାଲ କରିଦେବାକୁ ଧମକ ଦେଇ ଆସୁଥିଲା । ଶେଷରେ ଅନ୍ୟ ଉପାୟ ନ ପାଇ ମହିଳା ଜଣକ ନୀଳଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଏତଲା ମୂଳେ ରସକିଆ ଯୁବକକୁ ଅଟକ ରଖି ତଦନ୍ତ ଚଳାଇଛି । ଯୁବକ ଜଣକ ହାଇଓ୍ୱେ ପେଟ୍ରୋଲିଂ ଗାଡ଼ିର ଡ୍ରାଇଭର ଥିବା ଜଣାଯାଇଛି । ଏ ନେଇ ଥାନାରେ ୨୫/୨୩ ମୂଳେ ଏକ ମାମଲା ରୁଜୁ ହୋଇଥିବା ଜଣାଯାଇଛି ।

## ଚାଖୀ ଖୁଂଟିଆଙ୍କୁ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୨୦/୦୧ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଧୀନତା ସଂଗ୍ରାମୀ ଚାଖି ଖୁଂଟିଆଙ୍କ ଜୟନ୍ତୀରେ ତାଙ୍କୁ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଭାରତ ମୁକ୍ତି ସଂଗ୍ରାମର ମହାନ୍ ଯୋଦ୍ଧା ତଥା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ଚାଖି ଖୁଂଟିଆ(ଚନ୍ଦନ ହଜୁରୀ)ଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ।

## ନୀଳମଣି ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ



ବସ୍ତା,୨୦/୦୧ (ନି.ପ୍ର): ଶିକ୍ଷା ପ୍ରତି ଏକାଗ୍ରତା ଆତ୍ମବିଶ୍ୱାସ ପରିଶ୍ରମ ବଳରେ ସଫଳତା ପ୍ରାପ୍ତିହୁଏ ବୋଲି ରୂପସା ନୀଳମଣି ମହାବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ରେ ମତ ପ୍ରକାଶ ପାଇଛି । ନିଳମଣି ମହାବିଦ୍ୟାଳୟର ଅଧ୍ୟକ୍ଷ ଡଂ ତପନକୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ସୀମାନ୍ତ କଲେଜର ପୂର୍ବତନ ଅଧକ୍ଷ ଡ. କ୍ଷୀତିଶ୍ୱର ଦାସ ଉତ୍ସବକୁ ଉଦଘାଟନ କରି ଧୈର୍ଯ୍ୟ, ସାହସ, ସାଧନା, ଆତ୍ମବିଶ୍ୱାସ ବଳରେ ଛାତ୍ର ଛାତ୍ରୀ ସଫଳତା ପ୍ରାପ୍ତି ହୋଇଥାନ୍ତି ବୋଲି ବକ୍ତବ୍ୟରେ କହିଥିଲେ । ମୁଖ୍ୟ ବକ୍ତା ପ୍ରମେୟ ଉତ୍ତର ଓଡିଶାସଂସ୍କରଣର ମୂଖ୍ୟ ତଥା ସମାଜସେବୀ ସତ୍ୟଶିବ ଦାସ, ଯୋଗ ଦେଇ ଶିକ୍ଷା ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ଏକାଗ୍ରତା ଧୈର୍ଯ୍ୟ ଆତ୍ମବିଶ୍ୱାସ ରହିଲେ ସଫଳତା ପ୍ରାପ୍ତ ନିଶ୍ଚିନ୍ତ ହୋଇ ପାରିବେ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ବିଡ଼ିଓ ନରେନ୍ଦ୍ର ଖମାରୀ ଯୋଗ ଦେଇ ପିଲାଙ୍କ ସ୍ୱପ୍ନରେ ସମ୍ଭାବନା ନିହିତ ବୋଲି ମତବ୍ୟକ୍ତ କରିଥିଲେ । ଅଧାପକ ବିଜୟ କୁମାର ବେହେରା ଅତିଥି ପରିଚୟ, କରିଥିବାବେଳେ ଉପଦେଷ୍ଟା ଅଧାପିକା ପିନାକ୍ଷୀ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ । ସ୍ୱେଚ୍ଛାସେବୀ ଦେବେନ୍ଦ୍ର ଆଚାର୍ଯ୍ୟ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ । ଅଧାପିକା ରୋଜାଲିନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା । ଶେଷରେ ଡ. ଆରୁଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅଧାପକ ଚନ୍ଦନ କୁମାର ଦାସ, ଗୌରାଙ୍ଗ ପଣ୍ଡା, ଜୟକୃଷ୍ଣ ସାହୁ ଓ ଶ୍ରବଣ ନାୟକ, ଅଧାପିକା ଅନ୍ନପୂର୍ଣ୍ଣା ରଣାଙ୍କ ସମେତ ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଉତ୍ସବ ପରିଚାଳନା କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ମଡେଲ୍ ପାଠାଗାର ଉଦ୍‌ଘାଟନ କଲେ 'ମୋ ସ୍କୁଲ୍' ଅଧକ୍ଷା

ଭୁବନେଶ୍ୱର,୨୦/୦୧ (ନି.ପ୍ର): ଭୁବନେଶ୍ୱରସ୍ଥିତ ଆଇଆର୍ସି ଭିଲେଜ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଏକ ଶିଶୁ ସଂସାଧନ ପାଠାଗାର ଉଦ୍‌ଘାଟିତ ହୋଇଯାଇଛି । ରାଜ୍ୟ ସରକାରଙ୍କ 'ମୋ ସ୍କୁଲ୍ ଅଭିଯାନ' ଅଧୀନରେ ନିର୍ମିତ ହୋଇଥିବା ଏହି ପାଠାଗାରକୁ 'ମୋ ସ୍କୁଲ୍' ଅଧକ୍ଷା ଶ୍ରୀମତୀ ସୁସ୍ମିତା ବାଗ୍‌ଚୀ ଉଦ୍‌ଘାଟନ କରିବା ସହ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ସହ ଭାବର ଆଦାନପ୍ରଦାନ କରିଥିଲେ । 'ମୋ ସ୍କୁଲ୍' ଦ୍ୱାରା ଏକ ମଡେଲ୍ ସେଂଟର ଭାବରେ ନିର୍ମିତ ଏହି ପାଠାଗାରରେ ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ପ୍ରକାର ଶିକ୍ଷଣ ଉପକରଣ ଉପଲବ୍ଧ କରାଯାଇଛି । ଛାତ୍ରଛାତ୍ରୀଙ୍କ ପାଇଁ ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଏଠାରେ ଯୋଗାଇ ଦିଆଯାଇଛି । ଛୋଟ ପିଲାମାନେ ଯେପରି ଶବ୍ଦ, ସଂଖ୍ୟା, ବାକ୍ୟ ଗଠନ, ଖଣ୍ଡବାକ୍ୟ, କାହାଣୀ, ହସକଥା ଓ କବିତା ଆଦି ସହଜରେ ଶିଖିପାରିବେ ତାହାକୁ ଦୃଷ୍ଟିରେ ରଖି 'ଖେଳରେ ଖେଳରେ ଶିକ୍ଷା'କୁ ଅଧିକ ପ୍ରୋତ୍ସାହନ ଦେଉଛନ୍ତି ଏଠାକାର ଶିକ୍ଷକ, ଶିକ୍ଷୟିତ୍ରୀ । ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଏଠାରେ ବିଭିନ୍ନ ପ୍ରକାର ଶିକ୍ଷାମୂଳକ ଉପକରଣ ରହିଛି । ସେହିଭଳି ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ପାଇଁ ମଧ ଅନେକ ଉପାଦେୟ ପୁସ୍ତକ ଏହି ମଡେଲ୍ ପାଠାଗାରରେ ଉପଲବ୍ଧ ଅଛି । ଏହି ସଂସାଧନ କେନ୍ଦ୍ର ରବିବାର ଓ ଅନ୍ୟାନ୍ୟ ସରକାରୀ ଛୁଟିଦିନମାନଙ୍କରେ ମଧ ପିଲାମାନଙ୍କ ପାଇଁ ଖୋଲା ରହିବ । ଏହାଦ୍ୱାରା ସ୍ଥାନୀୟ ଅଂଚଳର ପିଲାମାନେ ମଧ ଛୁଟିଦିନମାନଙ୍କରେ ଆସି ସେଠାରେ ଶିକ୍ଷାଲାଭ କରିପାରିବେ ବୋଲି ଶିକ୍ଷୟିତ୍ରୀ ରନିମଞ୍ଜରୀ ଦାସ ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ତଥା 'ମୋ ସ୍କୁଲ୍ ଅଭିଯାନ' ସଦସ୍ୟ ସଚିବ ଶ୍ରୀ ଅନୁପମ ସାହା ଯୋଗଦେଇ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ ।

## ଭୁବନେଶ୍ୱରର ବହୁ ବିଶିଷ୍ଟ ଯୁବନେତା ବିଜେପିରେ ସାମିଲ

ଭୁବନେଶ୍ୱର,୨୦/୦୧ (ନି.ପ୍ର): ଶାସକ ବିଜେଡି ଉପରୁ ସାଧାରଣ ଜନତା କ୍ରମଶଃ ଆସ୍ଥା ହରାଉଛନ୍ତି । ଗରିବ ତଥା ଯୋଗ୍ୟ ହିତାଧିକାରୀମାନଙ୍କୁ ତାଙ୍କ ନ୍ୟାର୍ଯ୍ୟ ହକ୍‌ରୁ ବଂଚିତ କରାଯାଉଛି । ଶାସକ ବିଜେଡିର କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କୁ ଛାଡିଦେଲେ ସାଧାରଣ ଜନତାଙ୍କୁ ଅଣଦେଖା କରାଯାଉଛି । ବିଶେଷ ଭାବେ ରାଜ୍ୟର ମହିଳା ଏବଂ ଯୁବକମାନଙ୍କୁ ପ୍ରତାରଣା କରିଆସୁଛି ବିଜେଡି ସରକାର । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଓ ବିଜେପି ପ୍ରତି ଆକୃଷ୍ଟ ହୋଇ ଏବଂ ବିଜେଡିର ଯୁବମାରଣ ନୀତିକୁ ବିରୋଧ କରି ବହୁ ଯୁବ ନେତୃତ୍ୱ ଆଜି ବିଜେପିରେ ସାମିଲ ହେଉଛନ୍ତି । ଏହି ଅବସରରେ ଆଜି ମଧ୍ୟ ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲକ୍ଷ୍ମୀସାଗର ଓ ସତ୍ୟନଗର ଅଂଚଳର ଯୁବ ନେତା ଶ୍ରୀ ଶରତ ରାଉତ ଏବଂ ସଞ୍ଜୟ ସ୍ୱାଇଁ ଆଜି ନିଜ ନିଜ ଶତାଧିକ ସମର୍ଥକଙ୍କ ଗହଣରେ ଆନୁଷ୍ଠାନିକ ଭାବେ ଭାରତୀୟ ଜନତା ପାର୍ଟୀରେ ସାମିଲ ହୋଇଛନ୍ତି । ବ୍ରହ୍ମାନନ୍ଦ ରାଉତ, ବିଶ୍ୱରଂଜନ ସାହୁ, ଅଜୟ କୁମାର ଭୁତା, ପ୍ରମୋଦ ଜେନା, ସୁନୀଲ ସେଠୀ, ବାବୁ ଗୁରୁଙ୍ଗ, ବୁଲୁ ବିଶୋୟୀ, ଆଶିଷ ମହାନ୍ତି, ବସନ୍ତ ପରିଡା, ଶଂକର ବେହେରା, ରାଜ ସେଠୀ, ବିଶ୍ୱରଂଜନ ବିଶ୍ୱାଳ, ଓମପ୍ରକାଶ ବେହେରା, ସୌମ୍ୟରଂଜନ ଜେନା, ସଚିନ ବେହେରା, ସୋମନାଥ ସ୍ୱାଇଁ, କୁନା ଡାକୁଆ, ସୀମାଂଚଳ ପ୍ରଧାନ, ବିଶ୍ୱନାଥ ରାଓ, ଶାଶ୍ୱତ ଶତପଥୀ, ରାଜୀବ ଲୋଚନ ସ୍ୱାଇଁ, ଶାନ୍ତନୁ ସାମନ୍ତରାୟ ପ୍ରମୁଖଙ୍କ ସମେତ ବହୁ ଯୁବ କର୍ମୀ ବିଜେପିରେ ସାମିଲ ହୋଇଛନ୍ତି । ଜିଲ୍ଲା ସଭାପତି ବାବୁ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି, ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ପ୍ରମୁଖ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତରୀୟ ପିନ୍ଧାଇ ସ୍ୱାଗତ ଜଣାଇଥିଲେ । ଏହି ଅବସରରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତ ଜେନା, ଯୁବ ମୋର୍ଚ୍ଚା ଜିଲ୍ଲା ସଭାପତି ସ୍ୱୟଂସେବକ ରାୟ, ମନୋରଂଜନ ସ୍ୱାଇଁ, ସୁରେଶ ଜେନା, ଉନ୍ନତି ପରିଡା, ପ୍ରଭାତ ପରିଡା, ଜଗନ୍ନାଥ ବେହେରା, ସଚିକାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ଉଦଳା ସହରବାସୀଙ୍କୁ 'ସନ୍ଧାନ'ର ଆଶ୍ୱାସନା



ଉଦଳା,୨୦/୦୧ (ନି.ପ୍ର): ଉଦଳା ବିଜ୍ଞାପିତ ଅଂଚଳ ଘୋଷିତ ହେବାର ୫୦ ବର୍ଷ ପୂରିଲା । ଚଳିତ ବର୍ଷଟି ଉଦଳା ସହର ପାଇଁ ସୁବର୍ଣ୍ଣ ଜୟନ୍ତୀ ବର୍ଷ ଅଟେ । ସହର ମଧ୍ୟରେ ବସବାସ କରୁଥିବା ଜ୍ଞାନୀ, ଗୁଣି ଲୋକ ମାନେ ଏକତ୍ରୀତ ହେବା ଓ ସଭା ସମିତି ଆୟୋଜନ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଗୃହ ନଥିଲା । ଏହାର ଅଭାବକୁ ପୂରଣ କରିବା ପାଇଁ ବିରଭଦ୍ର ସିଂ ରାଜ୍ୟସଭା ସାଂସଦ ଥିବା ସମୟରେ ତାଙ୍କର ହାତ ପାଣ୍ଠି ଟଙ୍କା ଖର୍ଚ୍ଚ କରି ନିର୍ମାଣ କରିଥିଲେ 'ସଂସ୍କୃତି ଭବନ' । କିନ୍ତୁ ଏହି ଭବନରେ ସଭା ସମିତି କଲେ ଏତେ ଇକୋ ହେଲା ଯେ, ଏଠାରେ କୌଣସି ବୈଠକ କରାଯାଇପାରିଲା ନାହିଁ । ଫଳରେ ବିଜ୍ଞାପିତ ଅଂଚଳ ପରିଷଦ ଏହାକୁ ବାଧ ହୋଇ ଚାଉଳ ଗୋଦାମରେ ପରିଣତ କରିଦେଲେ । ଏହାପରେ ବୈଠକ ଓ ସାହିତ୍ୟିକ ମାନଙ୍କର କାର୍ଯ୍ୟକ୍ରମ ପାଇଁ 'କଲ୍ୟାଣ ମଣ୍ଡପ' ବ୍ୟବହୃତ ହେଲା । କିନ୍ତୁ ବର୍ଷ ଯାକ ବାହାଘର, ବ୍ରତଘର, ଏକାଦଶାହ ଇତ୍ୟାଦିକର୍ମପାଇଁ କଲ୍ୟାଣ ମଣ୍ଡପ ରିଜର୍ଭ ରହିବା ଫଳରେ ବୈଠକ ଓ ସାହିତ୍ୟିକ ମାନଙ୍କ କାର୍ଯ୍ୟକ୍ରମ ହୋଇ ପାରିଲା ନାହିଁ । ଏତିକି ବେଳେ ଉଦଳା ସହର ମଧ୍ୟରେ ଆଇ.ଟି.ଡ଼ି.ଏ. ନିୟନ୍ତ୍ରଣରେ ଥିବା 'ସନ୍ଧାନ' ଗୃହଟି କୌଣସି କାମରେ ନ ଲାଗି ଏହା ଭୂତ କୋଠି ପାଲଟି ଯାଇଥିଲା । ନିକଟରେ ଆଇ.ଟି.ଡ଼ି.ଏ ତରଫରୁ ଏହି ଗୃହଟିକୁ ଉଦଳା ବିଜ୍ଞାପିତ ଅଂଚଳ ପରିଷଦକୁ ହସ୍ତାନ୍ତର କରାଯାଇଛି । ଚଳିତ ଜାନୁଆରୀ ୧୮ ତାରିଖ ଦିନ 'ସନ୍ଧାନ' ଗୃହଟିକୁ ଉଦଳା ଏନ୍.ଏ.ସି. ତରଫରୁ ଉଦ୍‌ଘାଟନ କରାଯାଇଛି । ଏହି ଉଦ୍‌ଘାଟନ ଉତ୍ସବରେ ନଗରପାଳ ପ୍ରମିଳା ପଣ୍ଡା ଅଧକ୍ଷତା କରି ଏଣିକି ଆଉ ସଭା, ସମିତି ଓ ସାହିତ୍ୟିକ ମାନଙ୍କ ପାଇଁ କୌଣସି ଅସୁବିଧା ରହିବ ନାହିଁ ବୋଲି କହିଥିଲେ । ସ୍ଥାନୀୟ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ନଡ଼ିଆ ଫଟାଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ବେଦମନ୍ତ୍ର ଉଚ୍ଚାରଣ କରି 'ସନ୍ଧାନ' ଗୃହଟିକୁ ଉଦ୍‌ଘାଟନ କରି ସହରବାସୀଙ୍କର ବହୁଦିନର ଇଛା ପୂରଣ ହେଲା ବୋଲି ବ୍ୟକ୍ତ କରିଥିଲେ ।

# ମହାନଦୀ ବିହାର ମହିଳା +୨ କଲେଜର ଆତ୍ମରକ୍ଷା ଶିବିର ଉଦ୍‌ଯାପିତ




କଟକ,୧୯/୦୧ (ନି.ପ୍ର): ମହାନଦୀବିହାର ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି । ଏହି ଉଦଯାପନୀ ଦିବସରେ କଲେଜର ଅଧ୍ୟକ୍ଷା ସୁଶ୍ରୀ ମିତା ପଟ୍ଟନାୟକଙ୍କ ପୌରହିତ୍ୟରେ କଲେଜର ସଭାପତି ତଥା କଟକ ଜିଲ୍ଲା ଏ.ଡ଼ି.ଏମ ଶ୍ରୀଯୁକ୍ତ ଶିବ ଟପୋ ମୁଖ୍ୟ ଅତିଥି ଭାବରେ ଯୋଗଦାନ ଦେଇ ଛାତ୍ରୀମାନଙ୍କୁ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଚଳିତ ମାସ ୯ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ଆଠଦିନ ବ୍ୟାପୀ ଆୟୋଜିତ ଏହି ଶିବିରରେ + ୨ ପ୍ରଥମ ବର୍ଷ କଳା ଓ ବିଜ୍ଞାନ ବିଭାଗର ଛାତ୍ରୀମାନଙ୍କୁ ପ୍ରଶିକ୍ଷକା ସୁଶ୍ରୀ ମମତା ସାହୁ ଓ ପ୍ରିୟଙ୍କା ଦାସ ଆତ୍ମରକ୍ଷା ପ୍ରଶିକ୍ଷଣ କୌଶଳର ତାଲିମ ପ୍ରଦାନ କରିଥିଲେ । ଏଥିରେ ମହାନଦୀ ବିହାରର ୪୭ ନମ୍ବର ୱାର୍ଡର କର୍ପୋରେଟର ଇଂ ସୁବ୍ରତ କୁମାର ଘଡେଇ , ସ୍ନାତକ ବିଭାଗର ଅଧକ୍ଷ ଡକ୍ଟର ଲକ୍ଷ୍ମଣ ସାହୁ , କଲେଜର ପ୍ରଶାସନିକ ଅଧିକାରୀ ଡକ୍ଟର ନିହାରିକା ନାୟକ , ବିଦ୍ୟାଅଧିକାରୀ ଅଧାପିକା ଅନୁପମା ନନ୍ଦ ସମେତ ସମସ୍ତ ଅଧାପକ , ଅଧାପିକା , କର୍ମଚାରୀ ଏବଂ ଛାତ୍ରୀମାନେ ଯୋଗଦାନ ଦେଇଥିଲେ । ଆତ୍ମସୁରକ୍ଷା ପରିଚାଳନାର ଅଧିକାରୀ ପିଇଟି ଅଧାପିକା ସୁଶ୍ରୀ ମିନତୀ ସ୍ୱାଇଁ ଉକ୍ତ କାର୍ଯ୍ୟକ୍ରମକୁ ଅତି ଶୃଙ୍ଖଳିତ ଭାବେ ପରିଚାଳନା କରିଥିଲେ । ପରିଶେଷରେ ଅଧାପିକା ମନସ୍ୱିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଚୋରା କ୍ରୋମାଇଟ ଜବତ ଘଟଣା : ୪ କୋର୍ଟ ଚାଲାଣ

ଭଦ୍ରକ,୨୦/୦୧ (ନି.ପ୍ର): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥ ଡାହାଲା 'ଓମ ସାଇରାମ' ଢାବା ପାର୍ଶ୍ୱ ଚୋରା କ୍ରୋମାଇଟ ଡିପୋରେ ଓଡିଶା ପୁଲିସ ସ୍ପେଶାଲ ଟାକ୍ସ ଫୋର୍ସ ପକ୍ଷରୁ ଚଢାଉ ଘଟଣାରେ ମାମଲା ରୁଜୁ କରାଯାଇଛି । ରାଜପଥରେ ଖଣିଜଦ୍ରବ୍ୟ ପରିବହନକାରୀ ଟ୍ରକରୁ ସଂପୃକ୍ତ ଡିପୋରେ ବେଆଇନ ଭାବେ ଖଣିଜଦ୍ରବ୍ୟ ଜେ.ସି.ବି ସହାୟତାରେ ଖଲାସ କରୁଥିବା ବେଳେ ଏସ.ଟି.ଏଫ. ପକ୍ଷରୁ ଚଢାଉ କରାଯାଇଥିଲା । ଡିପୋରୁ ୩୩୦ କ୍ୱିଂଟାଲ ଚୋରା କ୍ରୋମାଇଟ ଓ ୧୫ କ୍ୱି ।ଲ ଚୋରା କୋଇଲା ଜବତ କରାଯାଇଥିଲା । ଜବତ କ୍ରୋମାଇଟ ଓ କୋଇଲାର ଆନୁମାନିକ ମୂଲ୍ୟ ୩୩ ଲକ୍ଷଟଙ୍କା ହେବ ବୋଲି ମୂଲ୍ୟାୟନ କରାଯାଇଛି । କ୍ରୋମାଇର୍ଟ ଖଲାସ କରୁଥିବା ଓଡି ୦୪ କେ ୭୨୭୯ ନଂ ଓ କୋଇଲା ଖଲାସ କରୁଥିବା ଓଡି ୦୪ ଏଲ ୫୭୯୯ ନଂ ଟ୍ରକ, ଓଡି ୩୪ ଏଫ ୫୨୧୫ ନଂ ଜେସିବି, ଓଡି ୨୨ ପି ୫୫୩୯ ନଂ ଟ୍ରାକ୍ଟର ସମେତ ଏକ ରୟାଲ ଏନଫିଲ୍ଡ ବାଇକ ଜବତ କରାଯାଇଛି । ଏହି ଘଟଣାରେ ଏସ.ଟି.ଏଫ. ୩/ ୨୩ ନଂ ମାମଲା ୩୭୯, ୪୧୧, ୧୨୦(ବି), ୩୪ ଦଫାରେ ରୁଜୁ କରି ୪ ଅଭିଯୁକ୍ତ ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଫତେପୁର ଗ୍ରାମର ବିଜୟ ଶଙ୍କର ମହାନ୍ତି, ଜେସିବି ଚାଳକ ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ଅନ୍ତର୍ଗତ ବାନ୍ଦିଲୋ ଗ୍ରାମର ବିଶ୍ୱନାଥ ନାୟକ, ଟ୍ରକ ଚାଳକ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅନ୍ତର୍ଗତ ରାଇଗୁଲ ଗ୍ରାମର ଅମର ସାହୁ ଓ କାନକଣା ଗ୍ରାମର ଅନିଲ ସେଠୀଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି ବୋଲି ଏସ.ଟି.ଏଫ. ପକ୍ଷରୁ ସୂଚନା ଦିଆଯାଇଛି ।

# ଆଦାନୀର ପ୍ରସ୍ତାବିତ ପି.ପି.ପି. ମୋଡରେ ମେଡ଼ିକାଲ କଲେଜ ସ୍ଥାପନକୁ ଭଦ୍ରକ ଆଇ.ଏମ୍.ଏ.ର ସ୍ୱାଗତ



ଭଦ୍ରକ,୨୦/୦୧ (ନି.ପ୍ର): ଭଦ୍ରକ ଜିଲ୍ଲା ଭାରତୀୟ ଚିକିତ୍ସକ ସଂଘର ଏକ ସାଧାରଣ ସଭା ଡାକ୍ତର ଶତ୍ରୁଘ୍ନ ହାତୀଙ୍କ ସଭାପତିତ୍ୱରେ ହୋଟେଲ କଲ୍ୟାଣୀର ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଜିଲ୍ଲାର ପଚାଶରୁ ଉର୍ଦ୍ଧ୍ୱ ଡାକ୍ତର ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ମାଧ୍ୟମରେ ଗତ ଡିସେମ୍ବର ୫ ତାରିଖ ଆଦାନୀ ଓଡ଼ିଶା ସରକାରଙ୍କର ସ୍ୱାସ୍ଥ୍ୟ ସଚିବଙ୍କୁ ପଠାଉଥିବା ଚିଠିର ପ୍ରସ୍ତାବକୁ ସ୍ୱାଗତ କରିଥିଲେ । ଜିଲ୍ଲା ସମ୍ପାଦକ ଡାକ୍ତର ହରେକୃଷ୍ଣ ନାୟକ ପି.ପି.ପି. ମୋଡରେ ମେଡିକାଲ ସ୍ଥାପିତ ହେବାକୁ ପ୍ରସ୍ତାବ ରଖିଥିବା ଆଦାନୀ କମ୍ପାନୀର ରାଜ୍ୟ ସରକାରଙ୍କୁ ଏହି ପ୍ରସ୍ତାବକୁ ସ୍ୱାଗତ କରିଥିଲେ ଏବଂ ସରକାର ଏହାକୁ ତୁରନ୍ତ କ୍ୟାବିନେଟ ମଞ୍ଜୁର କରି ବିଜ୍ଞପ୍ତି ପ୍ରକାଶ କରିବାକୁ ଅନୁରୋଧ କରିଥିଲେ । ଭଦ୍ରକ ଜିଲ୍ଲାରେ ତୁରନ୍ତ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାର ଉନ୍ନତି ସାଧନ ପାଇଁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ପ୍ରଶାସନ ଏ ଦିଗରେ ତତ୍‌ପରତା ପ୍ରକାଶ କଲେ । ଜିଲ୍ଲାବାସୀଙ୍କ ଦୀର୍ଘ ଦିନର ସମସ୍ୟାର ସମାଧାନ ହୋଇ ପାରନ୍ତା ବୋଲି ସର୍ବ ସମ୍ମତି କ୍ରମେ ମତ ପ୍ରକାଶ ପାଇଥିଲା । ଉକ୍ତ ସଭାରେ ଡାକ୍ତର ରବୀନ୍ଦ୍ର କୁମାର ନାୟକ, ଭାଗ୍ୟଶ୍ରୀ ପଣ୍ଡା, ଧନଞ୍ଜୟ ପଣ୍ଡା, ରଞ୍ଜିତ ଖଟୁଆ, ସନ୍ତୋଷ କୁମାର ଜେନା, ବି.ଏମ୍. ପଣ୍ଡା, ବିମଳା ମିଶ୍ର, ପୂର୍ଣ୍ଣଚନ୍ଦ୍ର ଦାସ, ସତ୍ୟଭାମା ବେହେରା, ଉମେଶ ଚନ୍ଦ୍ର ପଣ୍ଡା, ରାଜୀବ ତ୍ରିପାଠୀ, ସୁବାସ ବିଶ୍ୱାଳ, ରବିନାରାୟଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

## ତିନି ଦିନିଆ ଆୟୁର୍ବେଦ ପର୍ବ ଉଦ୍‌ଘାଟିତ

ପୁରୀ,୨୦/୦୧ (ନି.ପ୍ର): ଆୟୁର୍ବେଦ ଚିକିତ୍ସା ଏକ ପ୍ରାଚୀନ ଚିକିତ୍ସା ପ୍ରଣାଳୀ ।ଏହାକୁ ନେଇ ଭାରତର ଚିକିତ୍ସା ବ୍ୟବସ୍ଥା ସମଗ୍ର ବିଶ୍ୱରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା ।ଆଜିର ସମୟରେ ଏହାକୁ ଅଧିକ ପରିବ୍ୟାପ୍ତ କରିବା ଆବଶ୍ୟକ ବୋଲି କହିଛନ୍ତି ରାଜ୍ୟସଭା ସାଂସଦ ସୁଲତା ଦେଓ ।ଆଜି ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପ୍ରାୟୋଜିତ ତିନି ଦିନିଆ ଆୟୁର୍ବେଦ ପର୍ବ ର ଶୁଭାରମ୍ଭ ହୋଇଛି ।ଏହାକୁ ମୁଖ୍ୟ ଅତିଥି ଭାବେ ଉଦଘାଟନ କରି ଶ୍ରୀମତୀ ଦେଓ ଓଡିଶାରେ ଆୟୁର୍ବେଦ ର ଉନ୍ନତି ପାଇଁ ଭାରତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ କୁ କେନ୍ଦ୍ରୀୟ ମାନ୍ୟତା ପାଇଁ ଉଦ୍ୟମ କରାଯିବ ବୋଲି କହିଥିଲେ । ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟପୀଠର ବୈଦ୍ୟ ପଦ୍ମ ଭୂଷଣ ଦେବେନ୍ଦ୍ର ତ୍ରିଗୁଣା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପର୍ବରେ ରେଜିଷ୍ଟ୍ରେସନ ଓ ଏଥିକ୍ସ କମିଟି ର ଅଧ୍ୟକ୍ଷ ବୈଦ୍ୟ ରାକେଶ ଶର୍ମା, ବୈଦ୍ୟ ତାରାଚାନ୍ଦ ଶର୍ମା, ବୈଦ୍ୟ ଏସ ଏନ ପାଣ୍ଡେ,ପ୍ରଫେସର ରବି ନାରାୟଣ ଆଚାର୍ଯ୍ୟ, ପ୍ରଫେସର ବି କେ ଜୟସିଂ,ଡା ଉମେଶ ଚନ୍ଦ୍ର ପୃଷ୍ଟି, ଡା ଗୌରୀ ପ୍ରସାଦ ମିଶ୍ର ପ୍ରମୁଖ ଯୋଗ ଦେଇ ଆୟୁର୍ବେଦ ର ଉପୃତି, ଚିକିତ୍ସା ଓ ସାଧାରଣ ଲୋକଙ୍କୁ ସେବା ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଅଧ୍ୟକ୍ଷ ଡା ସୁଦର୍ଶନ ବେହେରା ସମସ୍ତ ଙ୍କୁ ସ୍ୱାଗତ ସହ ଆୟୁର୍ବେଦ ପର୍ବ ର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଦିତୀୟାର୍ଦ୍ଧରେ ବିଭିନ୍ନ ରାଜ୍ୟରୁ ଆସିଥିବା ଆୟୁର୍ବେଦ ବିଶାରଦ ମାନେ ସେମାନଙ୍କ ସନ୍ଦର୍ଭ ଉପସ୍ଥାପନ କରିଥିଲେ ଅଖିଳ ଭାରତୀୟ ଆୟୁର୍ବେଦ ମହାସମ୍ମେଳନ ଓ ଆୟୁଷ ମନ୍ତ୍ରାଣାଳୟ ର କର୍ମକର୍ତା ମାନେ ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ । ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର ?ୟ୍ୟକ୍ରମ ପରିବେଷଣ କରାଯାଇଥିଲା । ଏଥିରେ ମହାବିଦ୍ୟାଳୟର ସମସ୍ତ ସଦସ୍ୟ ପରିଚାଳନା ରେ ସହଯୋଗ କରିଥିଲେ ।

# ଆନ୍ଦୋଳନକୁ ଯୋରଦାର କରିବା ପାଇଁ ସାମ୍ବାଦିକ ସଂଘର ପ୍ରସ୍ତୁତି ପର୍ବ



ଉଦଳା,୨୦/୦୧ (ନି.ପ୍ର): କପ୍ତିପଦା ଉପଖଣ୍ଡର ଉପଜିଲ୍ଲାପାଳ ଭଗବାନ ବେହେରାଙ୍କ ବଦଳି ଦାବୀ କରି ଉପଖଣ୍ଡ ସାମ୍ବାଦିକ ପରିବାର ପକ୍ଷରୁ ଆନ୍ଦୋଳନ ଜାରୀ ରହିଛି । ଏପରିକି ଆଜି ଉଦଳା ଠାରେ ଅନୁଷ୍ଠିତ ଏକ ଉତ୍ସବକୁ ବିଜୁ ଜନତା ଦଳର ରାଜ୍ୟ ସଂାଗଠନିକ ସଂପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଅତିଥି ଭାବରେ ଆସୁଛନ୍ତି ବୋଲି ଖବର ପାଇ ସାମ୍ବାଦିକ ପରିବାରର ସଦସ୍ୟ ମାନେ ସାକ୍ଷାତ କରିଥିଲେ ଓ ଉପଜିଲ୍ଲାପାଳଙ୍କୁ ତୁରନ୍ତ ବଦଳି କରାଯାଉ ବୋଲି ଲିଖିତ ଦାବୀ ଜଣାଇଥିଲେ । ଆଜିର ଏହିକାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା, ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀ, ସ୍ୱରୂପ ପଟ୍ଟନାୟକ, ସନ୍ତୋଷ ବାଛିନୀ, ଜଗବନ୍ଧୁ ପ୍ରଧାନ, ଅରୁଣ କୁମାର ମହାନ୍ତି ପ୍ରମୁଖ ନେତୃତ୍ୱ ନେଇଥିଲେ । ତେବେ ଉପଜିଲ୍ଲାପାଳଙ୍କର ବଦଳି ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରୀ ରହିବ ବୋଲି ସାମ୍ବାଦିକ ପରିବାର ପକ୍ଷରୁ ନିଷ୍ପତି ହୋଇଥିବାର ଜଣା ଯାଇଛି ।

# ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ୧୪ତମ ବାର୍ଷିକ ଉତ୍ସବ




ଭଦ୍ରକ,୨୦/୦୧ (ନି.ପ୍ର): ଭଦ୍ରକ ବ୍ଲକ ବିଜେଗଙ୍ଗାଧରପୁର ଗ୍ରାମ ସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ୧୪ତମ ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ମୁଖ୍ୟ ଅତିଥି ଭାବେ ଜଗବନ୍ଧୁ ବେହେରା ଯୋଗ ଦେଇ ଉତ୍ସବର ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ସଂଘର ସଭାପତି ଅଶୋକ ମହାନ୍ତି ଯୋଗ ଦେଇ ବିଦ୍ୟାଳୟ ବିଭିନ୍ନ ଉନ୍ନତି କ୍ଷେତ୍ରରେ ଅଭିଭାବକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ସମ୍ମାନନୀୟ ଅତିଥି ଭାବେ ସମାଜସେବୀ ସୁଧାକର ରାଉତ ଯୋଗ ଦେଇଥିଲେ । ଗୁରୁମା କବିତା ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୋପାଳ ଚନ୍ଦ୍ର ଚକ୍ରବର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟ ସଭାପତି ବିଶ୍ୱନାଥ ନାୟକ ପୌରୋହିତ୍ୟ କରିଥିବା ବେଳେ ବିଦ୍ୟାଳୟର ସମ୍ପାଦକ ମହେଶ୍ୱର ନାୟକ ବିବରଣୀ ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଧର ମହାରଣା, ପଦ୍ମନାଭ ନାୟକ, ଅଶୋକ ପରିଡ଼ା ପ୍ରମୁଖ ଉତ୍ସବର ପରିଚାଳନା କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନାଟକ, ନୃତ୍ୟ ପରିବେଷଣ କରିଥିଲେ । ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା ।

# ରାଉରକେଲାରେ ବିଶ୍ୱକପ୍ ହକିର ମଜା ନେଲେ ଭିନ୍ନକ୍ଷମ ଛାତ୍ରଛାତ୍ରୀ

ଭୁବନେଶ୍ୱର,୨୦/୦୧ (ନି.ପ୍ର): ବିଶଞ୍ଜକପ୍ ପୁରୁଷ ହକି ଖେଳ ଉପଭୋଗ କରିଛନ୍ତି ଭିନ୍ନକ୍ଷମ ଛାତ୍ରଛାତ୍ରୀ । ପ୍ରାୟତଃ ବାହାର ଦୁନିଆରୁ ଦୂରରେ ବୋଲି ମନେ କରୁଥିବା ଏହି ପିଲାମାନେ ହକି ଖେଳ ଦେଖିବାରୁ ଭରପୂର ମଜା ଉଠାଇଛନ୍ତି । ଆଜି ଅପରାହ୍ନରେ ଭୁବନେଶ୍ୱର ବିମାନ ବନ୍ଦରରୁ ରାଉରକେଲା ଅଭିମୁଖେ ବିମାନଯାତ୍ରା କରିଥିଲେ ୧୬ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀ । ସେମାନେ ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ଷ୍ଟାଡ଼ିୟମ୍‌ରେ ହକି ଖେଳ ଦେଖିବା ପରେ ବେଦବ୍ୟାସଠାରେ ରାତ୍ରିଯାପନ କରି ପରଦିନ ଭୁବନେଶ୍ୱର ଫେରିବେ । ବିର୍ସା ମୁଣ୍ଡା ଷ୍ଟାଡିୟମ୍‌ରେ ସେମାନଙ୍କର ଆନନ୍ଦ କହିଲେ ନସରେ । ଚମତ୍କାର ସାଜସଜ୍ଜା, ଲୋକମାନଙ୍କ ହର୍ଷଧ୍ୱନି, ଖେଳାଳୀଙ୍କ କୌଶଳ ଇତ୍ୟାଦିରେ ବିମୋହିତ ଏହି ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ପାଇଁ ଆଜିର ଦିନଟି ପାଲଟିଥିଲା ଲୋଭନୀୟ ଓ ସ୍ମରଣୀୟ । ଅପରାହ୍ନରେ ଏହି ଛାତ୍ରଛାତ୍ରୀମାନଙ୍କୁ ଭୁବନେଶ୍ୱର ବିମାନ ବନ୍ଦରଠାରେ ଯାତ୍ରାରମ୍ଭବେଳେ ଉପସ୍ଥିତ ଥିଲେ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦିଲ୍ଲୀପ ରାୟ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ । ୪ଟି ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନର ୧୬ ଜଣ ବିଦ୍ୟାର୍ଥୀଙ୍କ ସମେତ ୭ ଜଣ ସ୍ୱତନ୍ତ୍ର ପ୍ରଶିକ୍ଷକ ଏବଂ ବିଭାଗର କିଛି ଅଧିକାରୀ ଏହି ଯାତ୍ରାରେ ସାମିଲ ହୋଇଥିଲେ । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଏହା ଏକ ସଫଳତା ବୋଲି ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଲ୍ଲେଖ କରିଛନ୍ତି ଓ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ପାଇଁ ଏପରି ପ୍ରଦର୍ଶନ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସେ ପ୍ରକାଶ କରିଛନ୍ତି ।

# କାଠପାଳରେ ଚାଲିଛି ଓଁ ସାଇ ମକରମେଳା ମହୋତ୍ସବ




ନୀଳଗିରି,୨୦/୦୧ (ନି.ପ୍ର): ନୀଳଗିରି ବ୍ଲକ ଅଧୀନ କାଠପାଳ ରେ ଓଁ ସାଇ ମକରମେଳା ଧୁମ୍‌ଧାମରେ ଚାଲିଛି । ଏହି ମକରମେଳା ଗତ ୧୮ତାରିଖରୁ ଆରମ୍ଭ ହୋଇଥିବା ବେଳେ ୮ଦିନ ଧରି ଚାଲିବ । ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ କମିଟିର ସଦସ୍ୟ ଶରତ ଚନ୍ଦ୍ର ତରାଇଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିଲା ବେଳେ ଉକ୍ତ କାର୍ଯ୍ୟକ୍ରମକୁ ବିଶ୍ୱଜିତ୍ ପଣ୍ଡା ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ବିଜୁ ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ମୁଖ୍ୟ ବକ୍ତା ବାଲେଶ୍ୱର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ସମ୍ମାନୀତ ଭାବେ କଂଗ୍ରେସ ବ୍ଲକ ସଭାପତି ମନୋରଂଜନ ପଣ୍ଡା, ବିଜୟ ଖିଲାର ମଂଚରେ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିବା ବେଳେ କମିଟିର ସଦସ୍ୟ ବିରଂଚି ତରାଇ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ରବିନାରାୟଣ ବେହେରା , ଧୀରେନ୍ଦ୍ର ମହାପାତ୍ର, ବାବୁଲି ଦଣ୍ଡପାଟ, ରାଜୁ ଦଣ୍ଡପାଟ, ମୁରଲି ଚୌଧୁରୀ ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ପଣ୍ଡରୁଙ୍ଗୀ ମକର ମେଳା ଘଟଓ୍ୱୋଳନ



ବସ୍ତା,୨୦/୦୧ (ନି.ପ୍ର): ମଥାନୀ ପଞ୍ଚାୟତ ଅନ୍ତର୍ଗତ ପଣ୍ଡରୁଙ୍ଗୀ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା ଭଗବତୀଙ୍କ ପୀଠରେ ମକରମେଳା ପାଇଁ ଘଟଓ୍ୱୋଳନ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଜଳକା ନଦୀ କୂଳରେ ଶତାଧିକ ଭକ୍ତଙ୍କ ସମାଗମରେ ଘଟଓ୍ୱୋଳନ କାର୍ଯ୍ୟ ପୂଜକ କ୍ଷୀରୋଦ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ଭଜନ କୀର୍ତ୍ତନ ମାଧ୍ୟମରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଏକ ଭକ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା । ।ସୁସଜ୍ଜିତ ଆଲୋକମାଳା ସହିତ ଡିଜେ ଏବଂ ଆଦିବାସୀ ସମ୍ପ୍ରଦାୟର ଭକ୍ତମାନଙ୍କ ମାଦଳ ନୃତ୍ୟ ଭକ୍ତିପୂର୍ଣ୍ଣ ପରିବେଶକୁ ଦ୍ୱିଗୁଣିତ କରୁଥିବା ଦେଖିବାକୁ ମିଳିଥିଲା । ଆସନ୍ତା ୨୩ ଜାନୁଆରୀରୁ ୧୧ଦୀନ ବ୍ୟାପି ମାଙ୍କ ପୀଠରେ ଯଜ୍ଞ ଅନୁଷ୍ଠିତ ହେବା ସହିତ ପାଲା ଓ ଉତ୍ତର ଓଡ଼ିଶାର ପ୍ରମୁଖ ଯାତ୍ରା ପାର୍ଟିମାନଙ୍କ ଦ୍ୱାରା ନାଟକ ପରିବେଷଣ ହେବା ନେଇ ମେଳା କମିଟି ପକ୍ଷରୁ ସୂଚନା ମିଳିଛି । ବାଲେଶ୍ୱର ତଥା ପଡୋଶୀ ମୟୁରଭଂଜ, କେଉଁଝର ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ମାଙ୍କ ପୀଠକୁ ହୋଇଥାଏ ।ଏହି ଘଟଓ୍ୱୋଳନ କାର୍ଯ୍ୟକ୍ରମକୁ ପୂଜା କମିଟି ସଭାପତି ନଳୀନ କୁମାର ଦାସ, ନୀଳାମ୍ବର ଦାସ, ସୃଷ୍ଟିଧର ଦାସ, ପ୍ରଦୀପ ପଣ୍ଡା, ଉପେନ୍ଦ୍ର ସାହୁ, ଶଚିନ୍ଦ୍ର ସାହୁ, ଯୁବ ନେତା ସୁଧାଂଶୁ ଜେନା ଗୌରାଙ୍ଗ ଜେନା ଅନନ୍ତ ପରିଡା, ସନ୍ତୋଷ ପରିଡା, ସୃଷ୍ଟିଧର ଯେନା, ସମାଜସେବୀ ଅଜୟ ଧଳ, ତପନ ପଣ୍ଡା ବାପି ନନ୍ଦ କୁନାଲ ରାଉଳ,ବାବୁ ରାଉଳ ଏବଂ ସମସ୍ତ ଗ୍ରାମବାସୀ ଉପସ୍ଥିତ ରହି ସୁଚାରୁରୂପେ ପରିଚାଳନା କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo